୬ ଡିସେମ୍ବର ୧ରୁ ଅନ୍‌ଲାଇନ ଓ ୫ରୁ ଅଫଲାଇନରେ ଟିକେଟ୍ ବିକ୍ରି ଆରମ୍ଭ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

E-mail : sambadkalikanews@gmail.com

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ-୩୨ ● ସଂଖ୍ୟା-୨୯୦ ● ୧୮ ନଭେମ୍ବର ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-290 ● 18th November 2025, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

### ବ୍ରହ୍ମକୁମାରୀ ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

# ‘ସମ୍ପନ୍ନ ଓଡ଼ିଶା, ସ୍ୱର୍ଣ୍ଣିମ ଓଡ଼ିଶା’ ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର, ୧୭।୧୧

ନ୍ୟୁଜ୍ ବ୍ୟୁରୋ




ସୋମବାର ଜନତା ମଇଦାନ ଠାରେ ଭୁବନେଶ୍ୱର ବ୍ରହ୍ମକୁମାରୀ ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଅନୁଷ୍ଠାନର ‘ସମ୍ପନ୍ନ ଓଡ଼ିଶା, ସ୍ୱର୍ଣ୍ଣିମ ଓଡ଼ିଶା’ ଅଭିଯାନର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତିଯେ, ବ୍ରହ୍ମକୁମାରୀ ଅନୁଷ୍ଠାନର ଏହି ପଚାଶ ବର୍ଷର ଯାତ୍ରା କେବଳ ସମୟର ଯାତ୍ରା ନହେଁ, ଏହା ମାନବତାର ଜାଗରଣ, ଆଧ୍ୟାତ୍ମିକ ଉନ୍ନତି ଏବଂ ଦିବ୍ୟ ସେବାର ଯାତ୍ରା ।

ଆଧ୍ୟାତ୍ମିକ ଜୀବନଶୈଳୀ ଆମକୁ ସରଳ, ନିରାଡମ୍ବର ଏବଂ ମିତବ୍ୟୟୀ ହେବାକୁ ପ୍ରେରଣା ଦିଏ । ଏହାଦ୍ୱାରା ଆମେ ପ୍ରକୃତିର ସମ୍ପଦକୁ ବିଚାରଯୋଗ୍ୟ ବ୍ୟବହାର କରିଥାଉ। ଆଧ୍ୟାତ୍ମିକ ଜୀବନଶୈଳୀ ଆମର ଅସନ୍ତୁଳିତ ଇଚ୍ଛାକୁ ନିୟନ୍ତ୍ରିତ କରିଥାଏ ଏବଂ ଏହି ଶିକ୍ଷା, ବ୍ରହ୍ମକୁମାରୀ ସିଷ୍ଟର ଶିବାନୀ, ଜଣେ ଆଧ୍ୟାତ୍ମିକ ଶିକ୍ଷକ ଭାବେ ସାରା ବିଶ୍ୱକୁ ଶିଖାଇ ଆସୁଛନ୍ତି। ତାଙ୍କର ତ୍ୟାଗ ଓ ସେବା ମନୋବୃତ୍ତି ପାଇଁ ସେ ଆଜି ଦେଶର ଆଧ୍ୟାତ୍ମିକ ଜଗତରେ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ସେ କହିଥିଲେ ଯେ, ବ୍ରହ୍ମ କୁମାରୀ ଅନୁଷ୍ଠାନ ଷ୍ଟ୍ରେସ୍ ମ୍ୟାନେଜମେଣ୍ଟ ଏବଂ ଇମୋସନ୍ ୱେଲ ବିଙ୍ଗ୍ ବିଷୟକୁ ଗୁରୁତ୍ୱର ସହ ନେଇ ଲକ୍ଷ ଲକ୍ଷ ଲୋକଙ୍କ ଡିପ୍ରେସନ, ଆଡିକ୍ସନ ଏବଂ ଅନ୍ୟ ବ୍ୟକ୍ତିଗତ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରୁଛନ୍ତି। ନାରୀ ସଶକ୍ତିକରଣ ଓ ସାମାଜିକ ମୂଲ୍ୟବୋଧ ଉପରେ ମଧ୍ୟ କାମ କରୁଛନ୍ତି ।

ଏହି ସୁବର୍ଣ୍ଣ ଜୟନ୍ତୀ ସମାରୋହ ଠାରୁ ଆରମ୍ଭ କରି ଆଗାମୀ ଦିନ ମାନଙ୍କରେ ଏହି ଅନୁଷ୍ଠାନ ଏକ ବିଶ୍ୱ ଆନ୍ଦୋଳନର ରୂପନେଉ, ମାଉଣ୍ଟଆବୁ ଠାରୁ ଆରମ୍ଭ କରି ନ୍ୟୁୟର୍କ ଏବଂ ନାଇରୋବି ଠାରୁ ଆରମ୍ଭ କରି ଲଣ୍ଡନ ପର୍ଯ୍ୟନ୍ତ ବିଶ୍ୱ ଶାନ୍ତିର ବାର୍ତ୍ତା ପହଞ୍ଚାଉ। ଭୁବନେଶ୍ୱର ବ୍ରହ୍ମକୁମାରୀ ପକ୍ଷରୁ ମଧ୍ୟ ସମସ୍ତ ପ୍ରୟାସ ଜାରି ରହିଛି। ସରକାରଙ୍କର ଏବଂ ବ୍ରହ୍ମ କୁମାରୀ ଅନୁଷ୍ଠାନର ସମ୍ମିଳିତ ପ୍ରୟାସ, ସମାଜରେ ନିଶ୍ଚୟ ଫଳପ୍ରଦ ପରିବର୍ତ୍ତନ ଆଣିବ ବୋଲି ସେ କହିଥିଲେ।

ସେ ଆହୁରି କହିଥିଲେ ଯେ, ରାଜଯୋଗ ଓ ଧ୍ୟାନର ପଥ ଶୃଙ୍ଖଳା ଓ କରୁଣା ଶିଖାଏ । ଏହା ପ୍ରଶାସନରେ ସୁଶାସନ ପାଇଁ ଆବଶ୍ୟକ। ଯେତେବେଳେ ପ୍ରଶାସନ ସହାନୁଭୂତି ସହିତ ଗତି କରେ ସେତେବେଳେ ଲୋକମାନେ ବିଶ୍ୱାସ ଅନୁଭବ କରନ୍ତି ଏବଂ ସେମାନେ ସମାଜର ନୈତିକ ଗଠନକୁ ମଜଭୁତ୍ କରନ୍ତି। ଆଜିଯେଉଁ ଭଳି ବ୍ରହ୍ମକୁମାରୀ ଅନୁଷ୍ଠାନ ସମ୍ପନ୍ନ ଓଡିଶା, (ପୃଷ୍ଠା ୭ରେ)

### ମଦିନା ନିକଟରେ ବସ୍ ଦୁର୍ଘଟଣା

# ୪୨ ଜଣ ଭାରତୀୟ ତୀର୍ଥଯାତ୍ରୀଙ୍କ ମୃତ୍ୟୁ

ସାଉଦିଆରବ/ନୂଆଦିଲ୍ଲୀ, ୧୭।୧୧



ମକ୍କାରୁ ମଦିନା ଯାଉଥିବା ଭାରତୀୟ ଉମରାହ ତୀର୍ଥଯାତ୍ରୀଙ୍କ ବସ୍ ଭାରତୀୟ ସମୟାନୁସାରେ ରବିବାର ରାତି ପ୍ରାୟ ଦେଢଟା ସମୟରେ ଏକ ଡିଜେଲ ଟ୍ୟାଙ୍କର ସହିତ ଧକ୍କା ଦେଇଥିଲା। ଧକ୍କା ପରେ ବସ୍‌ରେ ନିଆଁ ଲାଗିଯାଇଥିଲା।ଏହି ଦୁର୍ଘଟଣାରେ ଅନ୍ୟୁନ ୪୨ ଜଣ ଭାରତୀୟଙ୍କ ମୃତ୍ୟୁ ଆଶଙ୍କା କରାଯାଉଛି। ଏଥିରେ ୧୧ ଜଣ ମହିଳା ଏବଂ ୧୦ ଜଣ ଶିଶୁ ସାମିଲ ଥିବା କଥା କୁହାଯାଉଛି। ସ୍ଥାନୀୟ ଅଧିକାରୀ ଏହି ସଂଖ୍ୟା ନିଶ୍ଚିତ କରିଛନ୍ତି। ସୂଚନା ଅନୁଯାୟୀ ଏହି ଦୁର୍ଘଟଣା ମଦିନାରୁ ପ୍ରାୟ ୧୬୦ କିଲୋମିଟର ଦୂରରେ ମୁହରାସ-ମୁଫ୍ରିହାଟ ନିକଟରେ ଘଟିଛି। ସାଉଦି ଆରବ ଉଦ୍ଧାରକାରୀ ଦଳ ନିଶ୍ଚିତ କରିଛନ୍ତି ଯେ ବସ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଛି। କୌଣସି ପୀଡିତଙ୍କୁ ଚିହ୍ନଟ କରିବା କଷ୍ଟକର। ଗୁରୁତର ପୋଡ଼ିଯାଇଥିବା ଜଣେ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଛି।ସାଉଦି ନାଗରିକ ସୁରକ୍ଷା ଏବଂ ପୋଲିସ ଦଳ ସୂଚନା ମିଳିବା ମାତ୍ରେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଭାରତୀୟ ଅଧିକାରୀ ଏବଂ ଉମରାହ ଏଜେନ୍ସି ପ୍ରତିନିଧିମାନେ ପୀଡିତଙ୍କ ପରିବାର ସହିତ ସମନ୍ୱୟ ସ୍ଥାପନ କରିବାକୁ ଚେଷ୍ଟା କରୁଛନ୍ତି। ଭାରତର ହାଇଦ୍ରାବାଦ ସହରରେ ତୀର୍ଥଯାତ୍ରୀଙ୍କ ସମ୍ପର୍କୀୟମାନେ ଚିନ୍ତିତ ଏବଂ ଟ୍ରାଭେଲ୍ ଅପରେଟର ଏବଂ ଅଧିକାରୀଙ୍କ ସହିତ ଯୋଗାଯୋଗ କରୁଛନ୍ତି। ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ ଦୁର୍ଘଟଣା ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ କିଛି ପୀଡିତ ହାଇଦ୍ରାବାଦର ହୋଇପାରନ୍ତି। ହାଇଦ୍ରାବାଦର ସାଂସଦ ଅସଦୁଦ୍ଦିନ ଓୱେସି ମଧ୍ୟ ଦୁର୍ଘଟଣା ଉପରେ ଦୁଃଖ ପ୍ରକାଶ କରିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଦୁଃଖ ପ୍ରକାଶ

ନୂଆଦିଲ୍ଲୀ, ୧୭।୧୧

ସାଉଦି ଆରବର ମଦିନା-ମକ୍କା ରାଜପଥରେ ଏକ ଦୁର୍ଘଟଣାରେ ଭାରତୀୟ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆରେ ଏକ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ କହିଛନ୍ତି, ‘ମଦିନାରେ ଭାରତୀୟ ନାଗରିକଙ୍କ ସହିତ ହୋଇଥିବା ଦୁର୍ଘଟଣାରେ ମୁଁ ଗଭୀର ଦୁଃଖିତ। ସେମାନଙ୍କ ପ୍ରିୟଜନଙ୍କୁ ହରାଇଥିବା ପରିବାରକୁ ମୋର ସମବେଦନା। ମୁଁ ସମସ୍ତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରୁଛି। (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଦ୍ୱିପାକ୍ଷିକ ବାୟୁ ଅଭ୍ୟାସ ଗରୁଡରେ ଉଡାଣ ଭରିଲେ ଭାରତ-ଫ୍ରାନ୍ସ ଯୁଦ୍ଧ ବିମାନ।
- ଡିସେମ୍ବର ୧ରୁ ଘରୋଇ ବସ୍ ଧର୍ମଘଟ ଚେତାବନୀ।
- ଦେଶରେ ପ୍ଲାଷ୍ଟିକ ପୁନଃବ୍ୟବହାର ପାଇଁ କଟକଣା ସହ ଆହ୍ୱାନ।
- ମୁମ୍ବାଇ-ଅହମ୍ମଦାବାଦ ବୁଲେଟ ରେଲ ପ୍ରକଳ୍ପ ପରୀକ୍ଷା।
- ରେଳପଥ ପ୍ରକଳ୍ପର ଅଭିଜ୍ଞତା ଲିପିବଦ୍ଧ କରି “ନୀଳ ପୁସ୍ତକ” ପ୍ରସ୍ତୁତି ନିର୍ଦ୍ଦେଶ।
- ଭାରତୀୟ ଧନୁର୍ବାଣ ଦଳର ଐତିହାସିକ ସଫଳତା ପାଇଁ ଅଭିନନ୍ଦନ।
- ଦେଶର ବୈଦେଶିକ ବ୍ୟାପାର ଆୟ ଅପ୍ରେଲ-ଅକ୍ଟୋବର ଅବଧିରେ ବୃଦ୍ଧି।
- ଭୁବନେଶ୍ୱରରେ ଲକ୍ଷାଧିକ ଟଙ୍କା ମୂଲ୍ୟର ବ୍ରାଉନ୍ ସୁଗାର ଜବତ।
- ଖୋର୍ଦ୍ଧାର ନିଖୋଜ ଯୁବକ କଟକରେ ଅଚେତ ଅବସ୍ଥାରେ ଉଦ୍ଧାର।
- ବିହାର ଶାସନରେ ଶକ୍ତି ବଣ୍ଟନ ନୀତି ନିର୍ଦ୍ଧାରିତ।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୫୪୦ (+୩୨)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୪୯୫ (+୩୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯,୪୦୫ (+୨୪)

### ରୁପା ଦର

ରୂପା – ପ୍ରତି ଗ୍ରାମ ୧୭୩ (-୨)

### ସରକାରୀ ବିଜ୍ଞାପନ ପାଇଁ ସଂଶୋଧିତ ଦର ଢାଞ୍ଚାକୁ ଅନୁମୋଦନ କଲା ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ

# ମୁଦ୍ରିତ ଗଣମାଧ୍ୟମ ଇକୋସିଷ୍ଟମ ହେବ ସୁଦୃଢ଼

ନୂଆଦିଲ୍ଲୀ, ୧୭।୧୧

ମୁଦ୍ରିତ ଗଣମାଧ୍ୟମରେ ବିଜ୍ଞାପନର ଦରକୁ ସଂଶୋଧନ କରି ୨୬% ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି କେନ୍ଦ୍ର ସରକାର। ମୁଦ୍ରିତ ଗଣମାଧ୍ୟମ ପାଇଁ ସରକାରୀ ବିଜ୍ଞାପନ ଦରକୁ ୨୬% ବଢ଼ାଇଛି ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ। ଦୈନିକ ୧ ଲକ୍ଷ କପି ପ୍ରକାଶିତ ହେଉଥିବା ଖବରକାଗଜରେ କଳାଧଳା ବିଜ୍ଞାପନ ଦର ବର୍ଗ ସେଣ୍ଟିମିଟର ପିଛା ୪୭.୪୦ ଟଙ୍କାରୁ ୫୯.୬୮ ଟଙ୍କାକୁ ବୃଦ୍ଧି କରାଯାଇଛି । ରଙ୍ଗୀନ ବିଜ୍ଞାପନ ଏବଂ ପସନ୍ଦଯୋଗ୍ୟ ସ୍ଥାନରେ ବିଜ୍ଞାପନକୁ ସ୍ଥାନିତ କରିବା ଲାଗି ପ୍ରିମିୟମ ଦର ସକାଶେ କମିଟିର ସୁପାରିସକୁ କାର୍ଯ୍ୟକାରୀ କରିବା ଲାଗି ସରକାର ରାଜି ହୋଇଛନ୍ତି ।

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଏକ ନୋଡାଲ୍ ମିଡିଆ ୟୁନିଟ୍ ରୂପରେ କାର୍ଯ୍ୟ କରୁଥିବା କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି) କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ/ବିଭାଗ ପକ୍ଷରୁ ବିଭିନ୍ନ ଗଣମାଧ୍ୟମ ଜରିଆରେ ପ୍ରଚାର ଅଭିଯାନ ଚଳାଇବା ଲାଗି ବିଜ୍ଞାପନ ଜାରି କରିଥାଏ। ଏହି ଉଦ୍ଦେଶ୍ୟ ଲାଗି ସିବିସିରେ ପ୍ୟାନେଲଭୁକ୍ତ ବା ତାଲିକାଭୁକ୍ତ ହୋଇଥିବା ମୁଦ୍ରିତ ଗଣମାଧ୍ୟମଗୁଡ଼ିକୁ ସରକାରୀ ବିଜ୍ଞାପନ ଜାରି କରାଯାଏ। ସିବିସି ଦ୍ୱାରା ପ୍ରିଣ୍ଟ ମିଡିଆ ବା ମୁଦ୍ରିତ ଗଣମାଧ୍ୟମରେ ବିଜ୍ଞାପନ ପ୍ରକାଶନର ହାର ଶେଷ ଥର ପାଇଁ ମନ୍ତ୍ରଣାଳୟ ଦ୍ୱାରା ୦୯.୦୧.୨୦୧୯ରେ ଅଷ୍ଟମ ଦର ଢାଞ୍ଚା କମିଟି (ଆରଏସସି)ର ସୁପାରିସ ଆଧାରରେ ସଂଶୋଧନ କରାଯାଇଥିଲା, ଯାହା ତିନି ବର୍ଷ ପାଇଁ ବୈଧ ଥିଲା।

ମୁଦ୍ରିତ ଗଣମାଧ୍ୟମରେ ସରକାରୀ ବିଜ୍ଞାପନର ହାର ସଂଶୋଧନ ସମ୍ପର୍କରେ ସୁପାରିସ କରିବା ପାଇଁ ଏଏସ ଆଣ୍ଡ ଏଫଏ (ସୂଚନା ଓ ପ୍ରସାରଣ)ଙ୍କ ଅଧ୍ୟକ୍ଷତାରେ ନବମ ଦର ଢାଞ୍ଚା କମିଟି (ପୃଷ୍ଠା ୭ରେ)

# ଶେଖ୍ ହସିନାଙ୍କୁ ମୃତ୍ୟୁ ଦଣ୍ଡାଦେଶ

ନୂଆଦିଲ୍ଲୀ, ୧୭।୧୧



ଶେଖ ହସିନାଙ୍କୁ ମୃତ୍ୟୁ ଦଣ୍ଡାଦେଶ ହୋଇଛି । ଗଣହତ୍ୟା ମାମଲାରେ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ହସିନାଙ୍କୁ ବାଂଲାଦେଶ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ଇଣ୍ଟରନ୍ୟାସନାଲ କ୍ରାଇମ୍ସ ଟ୍ରିବ୍ୟୁନାଲ-ଆଇସିଟି ହସିନାଙ୍କୁ ଦୋଷୀ ସାବ୍ୟସ୍ତ କରିବା ପରେ ତାଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି ।

ବିକ୍ଷୋଭକାରୀଙ୍କୁ ହତ୍ୟା କରିବା ନେଇ ତାଙ୍କ ନାଁରେ ମାମଲା ହୋଇଥିଲା।

ଶୁଣାଣି ବେଳେ କୋର୍ଟ କହିଛନ୍ତି ଯେ, ଶେଖ ହସିନା ପ୍ରଦର୍ଶନକାରୀଙ୍କୁ ଦମନ ଏବଂ ହତ୍ୟା କରିବା ପାଇଁ ମାରାତ୍ମକ ଅସ୍ତ୍ରଶସ୍ତ୍ର ଏବଂ ଡ୍ରୋନ୍ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗମ୍ଭୀର ଅପରାଧ ପାଇଁ ତାଙ୍କୁ ଫାଶୀଦଣ୍ଡ ଦିଆଯାଇଛି। କୋର୍ଟ ତାଙ୍କ ରାୟରେ ଏହା ମଧ୍ୟ କହିଛନ୍ତି ଯେ, ବିରୋଧୀ ଏହି ଅପରାଧ ଶେଖ ହସିନା ଏବଂ ତାଙ୍କ ସହଯୋଗୀଙ୍କ ନିର୍ଦ୍ଦେଶରେ କରାଯାଇଥିଲା।

ଗତବର୍ଷ ଅଗଷ୍ଟରେ ବାଂଲାଦେଶର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧରେ ଜୋରଦାର ଛାତ୍ର ଆନ୍ଦୋଳନ ହୋଇଥିଲା । ଏଥିରେ ୧୪ ଶହ ଜଣଙ୍କ ମୃତ୍ୟୁ ହୋଇଥିଲା । ହସିନାଙ୍କ ବିରୋଧରେ ହତ୍ୟା, ନିର୍ଯାତନା, ଷଡଯନ୍ତ୍ର ଓ ମାନବତା ବିରୋଧରେ ଅପରାଧ ରୋକିବାରେ ବିଫଳ ନେଇ ୫ଟି ମୁଖ୍ୟ ଅଭିଯୋଗ ରହିଛି । ହସିନା ବାଂଲାଦେଶ ଛାଡି ଏବେ ଭାରତରେ ଆଶ୍ରୟ ନେଇଛନ୍ତି ।

# ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ତଡିବା ଲାଗି ପ୍ରଶାସନ ତତ୍ପର

ଜଗତସିଂହପୁର, ୧୭।୧୧

ନ୍ୟୁଜ୍ ବ୍ୟୁରୋ

ଉପକୂଳ ଓଡ଼ିଶାରେ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ବେଆଇନ୍ ଭାବେ ଘରଦ୍ୱାର ନିର୍ମାଣ କରି ରହିବା ସହ ବିଭିନ୍ନ ପ୍ରକାର ମାରଣାସ୍ତ୍ର ରଖି ସ୍ଥାନୀୟ ଲୋକଙ୍କ ଉପରେ ଆକ୍ରମଣ କରୁଥିବା ଭଳି ଘଟଣା ନଜରକୁ ଆସିବା ପରେ ଏବେ ଜିଲ୍ଲାପ୍ରଶାସନ ପକ୍ଷରୁ ସେମାନଙ୍କୁ ଚିହ୍ନଟ କରି ତଡିବା ଲାଗି ଜୋରଦାର ଅଭିଯାନ ଆରମ୍ଭ କରାଯାଇଛି। ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲଙ୍କ ନିର୍ଦ୍ଦେଶରେ ସଦର ଥାନା ଅନ୍ତର୍ଗତ ବେହରାମପୁର ଗାଁବସ୍ତିରେ ବେଆଇନ୍ ଭାବେ ରହୁଥିବା ସନ୍ଦିଗ୍ଧ ବାଂଲାଦେଶୀଙ୍କ ଘର ଉପରେ ଚଢଉ କରାଯାଇ ବହୁ ପରିମାଣର ମାରଣାସ୍ତ୍ର ଜବତ କରାଯାଇଛି। ବେଆଇନ୍ ଭାବେ ନିର୍ମିତ ୧୦ରୁ ଊର୍ଦ୍ଧ୍ୱ ଘରକୁ ବୁଲଡୋଜର ଲଗାଇ ଭାଙ୍ଗି ଦିଆଯାଇଛି। ମାଜିଷ୍ଟ୍ରେଟ ଓ ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ଏହି ଅଭିଯାନ ଚାଲିଥିଲା। ବେଆଇନ୍ ଭାବେ ରହିଥିବା ବଙ୍ଗଳାଦେଶୀଙ୍କୁ ଚିହ୍ନଟ କରାଯାଇ ସେହି ଅଞ୍ଚଳରୁ ବାହାର କରାଯାଇଛି ଏବଂ ୨ ଜଣଙ୍କୁ ଅଟକ ରଖାଯାଇ ଏହି ଘଟଣାର ତଦନ୍ତ କରାଯାଉଛି। ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ସବୁ ଦିଗରୁ ତଦନ୍ତ ଚାଲିଛି ବୋଲି କହିଛନ୍ତି ଜିଲ୍ଲାପାଳ । ସେମାନେ କେମିତି ଆସିଲେ, କଣ ଲିଙ୍କ ଅଛି, କିଏ ଆଣି ରଖିଲା ତାହାର ତଦନ୍ତ କରାଯାଉଛି। ଏହି ଘଟଣାରେ ଯିଏ ବି ଦୋଷୀ ସାବ୍ୟସ୍ତ ହେବେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

# ପାକିସ୍ତାନକୁ ସେନାମୁଖ୍ୟଙ୍କ ଚେତାବନୀ

ନୂଆଦିଲ୍ଲୀ, ୧୭।୧୧



ସେନା ପ୍ରମୁଖ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ସୋମବାର ‘ଚାଣକ୍ୟ ଡିଫେନ୍ସ ଡାଏଲଗ୍’ରେ ପୁଣି ଥରେ ଅପରେସନ ‘ସିନ୍ଦୂର’ ବିଷୟରେ କହିଛନ୍ତି । ସେ କହିଛନ୍ତି ଫିଲ୍ମ ତ ଏବେ ଆରମ୍ଭ ହୋଇନି, ଏହା ମାତ୍ର ୮୮ ଘଣ୍ଟାର ଟ୍ରେଲର୍ ଥିଲା। ଆମେ ଭବିଷ୍ୟତରେ କୌଣସି ପରିସ୍ଥିତି ପାଇଁ ପ୍ରସ୍ତୁତ ଅଛୁ। ଯଦି ପାକିସ୍ତାନ ଆମକୁ ଅବସର ଦିଏ, ଆମେ ସେମାନଙ୍କୁ ଶିଖାଇଦେବୁ ଯେ ପଡ଼ୋଶୀ ସହ ପ୍ରବୃତ୍ତି କେମିତି ହେବା ଉଚିତ।

ଜେନେରାଲ୍ ଦ୍ୱିବେଦୀ କହିଲେ ଯେ, ଆମେ ଆତଙ୍କବାଦୀ ଏବଂ ସେମାନଙ୍କ ପ୍ରୋତ୍ସାହକମାନଙ୍କୁ ସମାନ ଭାବରେ ବ୍ୟବହାର କରିବୁ। ଯେଉଁମାନେ ଆତଙ୍କବାଦକୁ ଉତ୍ସାହିତ କରନ୍ତି, ଆମେ ସେମାନଙ୍କୁ ମଧ୍ୟ ଉଚିତ ଜବାବ ଦେବୁ।

ଜେନେରାଲ୍ ଦ୍ୱିବେଦୀ ସୋମବାର ମାନେକ୍ସା ସେଣ୍ଟରରେ ‘ଚାଣକ୍ୟ ଡିଫେନ୍ସ ଡାଏଲଗ୍’ରେ ସୃଷ୍ଟି ହେଉଥିବା ସୁରକ୍ଷା ଚ୍ୟାଲେଞ୍ଜମାନଙ୍କ ପ୍ରତି ସେନାର ଦୃଷ୍ଟିକୋଣକୁ ବ୍ୟାଖ୍ୟା କରୁଥିବା ସମୟରେ ପାକିସ୍ତାନକୁ କଡ଼ା ଚେତାବନୀ ଦେଇଛନ୍ତି। ଅପରେସନ ସିନ୍ଦୂର ବିଷୟରେ ସ୍ଥଳ ସେନାଧ୍ୟକ୍ଷ କହିଛନ୍ତି ଯେ, କେବେ କିଛି ଦେଶ ଯଦି ରାଷ୍ଟ୍ର ପ୍ରାୟୋଜିତ ଆତଙ୍କବାଦକୁ ପ୍ରୋତ୍ସାହିତ କରେ, ତେବେ ସେଥିରେ ଭାରତ ପାଇଁ ଏକ ଚିନ୍ତାର ବିଷୟ ହୋଇପଡ଼େ।

ଭାରତ ଉନ୍ନତିର କଥା କହେ। ଯଦି କୌଣସି ଲୋକ ଆମ ପଥରେ ବାଧା ଦେଇଥାଏ, ତେବେ ଆମେ ସେମାନଙ୍କ ବିରୋଧରେ କିଛି କାର୍ଯ୍ୟ କରିବାକୁ ପଡ଼େ। ଆମେ ସ୍ପଷ୍ଟ କହିଛୁ ଯେ, କଥାବାର୍ତ୍ତା ଏବଂ ଆତଙ୍କବାଦ ଏକ ସାଥିରେ ଚାଲିପାରିବ ନାହିଁ। ସେ କହିଛନ୍ତି ଯେ, ଆମେ କେବଳ ଏକ ଶାନ୍ତିପୂର୍ଣ୍ଣ ପ୍ରକ୍ରିୟା ଅନୁସରଣ କରିବାକୁ କହୁଛୁ, ଯେଉଁଥିରେ ଆମେ ସହଯୋଗ କରିବୁ। ସେତେବେଳେ ପର୍ଯ୍ୟନ୍ତ ଆମେ ଆତଙ୍କବାଦୀ ଏବଂ ସେମାନଙ୍କ ପ୍ରାୟୋଜକମାନଙ୍କୁ ସମାନ ବ୍ୟବହାର କରିବୁ।

# ପୋଖରୀରେ ବୁଡି ଦୁଇ ଶିଶୁ ମୃତ

ତିହିଡି, ୧୭।୧୧

ନ୍ୟୁଜ୍ ବ୍ୟୁରୋ

ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଜାଫରାବାଦ ଗାଁରେ ପୋଖରୀରେ ବୁଡି ଦୁଇ ଶିଶୁଙ୍କର ମୃତ୍ୟୁ ଘଟିଛି। ମୃତକ ଜାଫରାବାଦ ଗାଁର ବୁଲୁ ବାରିକଙ୍କ ପୁଅ ଅନନ୍ତଦେବ (୩) ଏବଂ ସିମୁଳିଆ ଥାନା ଅଧୀନ ଫୁଲଗଡ଼ ଗ୍ରାମର ଜୟନ୍ତ ସାହୁଙ୍କ ପୁଅ ହିମାଂଶୁ (୪) ବୋଲି ଜଣାପଡିଛି। ହିମାଂଶୁ ତାଙ୍କ ବାପାଙ୍କ ସହ ଜାଫରାବାଦ ଗାଁରେ ଥିବା ତାଙ୍କ ବନ୍ଧୁ ଘରକୁ ଆସିଥିଲେ।

ମଧ୍ୟାହ୍ନ ସମୟରେ ହିମାଂଶୁ ଏବଂ ଅନନ୍ତ ସାଙ୍ଗ ହୋଇ ଖେଳୁଥିବାବେଳେ ଏକ ପୋଖରୀରେ ପଡ଼ି ଯାଇଥିଲେ। ତାଙ୍କ ପରିବାର ଲୋକେ ଖୋଜାଖୋଜି କରି ଦୁଇ ଶିଶୁଙ୍କୁ ପୋଖରୀରୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଚିକିତ୍ସା ପାଇଁ (ପୃଷ୍ଠା ୭ରେ)

## ଏକାଳ ପଖାଳ



ବାଂଲାଦେଶୀଙ୍କୁ ଧରିବା ପେଇଁକି
ଚାଲିଛି ଧରପଗଡ
ଲୁଚି ପଶିଥିବା ଗୋଷ୍ଠୀ ଯେତେ
ତାଙ୍କ ଛାତି ଧଡଧଡ
ଘଣ୍ଟାଘଣ୍ଟି କରି କାଢ
ଆମ ଦେଶ ରାଜ୍ୟ ଧରମଶାଳା ତ
ଖାଇ ପିଇ ହେବ ବଡ ?

# ଆଗକୁ ରାଜ୍ୟସଭା ନିର୍ବାଚନ: ମୁଖ୍ୟମନ୍ତ୍ରୀଙ୍କ ପାଇଁ ଆହ୍ୱାନ



ଭୁବନେଶ୍ୱର, ୧୭।୧୧

ନ୍ୟୁଜ୍ ବ୍ୟୁରୋ

ଡବଲ ଇଞ୍ଜିନ ସରକାରଙ୍କ ୧୭ ମାସର ଶାସନ ପରେ ବିଜେପି ବେଶ୍ ସଫଳତାର ସହ ନୂଆପଡ଼ା ବିଧାନସଭା ଉପନିର୍ବାଚନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛି। ରାଜ୍ୟରେ ମୋହନ ଚରଣ ମାଝୀଙ୍କ ସରକାରର ଭାବମୂର୍ତ୍ତି ଓ ଦଳର ପତିଆରା-ପ୍ରଭାବ ମଧ୍ୟ ବଢ଼ିଛି। ତେବେ ଆଗାମୀ ଫେବୃଆରୀ/ମାର୍ଚ୍ଚରେ ୪ଟି ରାଜ୍ୟସଭା ଆସନ ପାଇଁ ହେବାକୁ ଥିବା ନିର୍ବାଚନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପାଇଁ କିଛି କମ୍ ଆହ୍ୱାନପୂର୍ଣ୍ଣ ହେବ ନାହିଁ। ଯଦିଓ ଦୁଇଟି ଆସନ ବିଜେପି ସହଜରେ ହାସଲ କରିପାରିବ, ତୃତୀୟ ଆସନ ପାଇଁ ରାଜନୈତିକସ୍ତରରେ ଛକାପଞ୍ଝା ହୋଇପାରେ। ତୃତୀୟ ଆସନ ହାସଲ ଦ୍ୱାରା ହିଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡ଼ିଶାରେ ନିଜର ଦବଦବା ଜାହିର କରିପାରିବେ। ଯାହା ତାଙ୍କୁ ୨୦୨୯ ପର୍ଯ୍ୟନ୍ତ ରାଜନୈତିକସ୍ତରରେ ଆହ୍ୱାନମୁକ୍ତ ରଖିପାରିବ। ୨୦୨୬ ଏପ୍ରିଲ ୨ରେ ବିଜେଡି ସାଂସଦ ମୁଜିବୁଲ୍ଲା ଖାନ୍ (ମୁନ୍ନା ଖାନ୍) ଓ ନିରଞ୍ଜନ ବିଶି, ବିଜେପି ସାଂସଦ ସୁଜିତ କୁମାର ଓ ମମତା ମହନ୍ତଙ୍କ କାର୍ଯ୍ୟକାଳ ପୂରିଯାଉଛି । ଖାଲି ହେଉଥିବା ଏହି ଚାରିଟି ଆସନ (ପୃଷ୍ଠା ୭ରେ)

# ନୀତିଶଙ୍କ ଇସ୍ତଫା : ୨୦ରେ ଶପଥ ନେବ ନୂଆ ସରକାର

ପାଟନା, ୧୭।୧୧

ବିହାରର ଆଗାମୀ ମୁଖ୍ୟମନ୍ତ୍ରୀ ଓ ଶପଥ ପାଠକୁ ନେଇ ଉଠିଥିବା ଦ୍ୱନ୍ଦ୍ୱକୁ ସାମାନ୍ୟ ହାଲୁକା କରିଛନ୍ତି ବିହାର ବିଜେପି ସଭାପତି। ଆଗାମୀ ୨୦ରେ ନୂଆ ସରକାର ଶପଥ ନେବା ସମ୍ଭାବନା ଥିବା ଉତ୍ତର ରଖିଛନ୍ତି ବିଜେପି ନେତା ।

ବିହାର ନିର୍ବାଚନ ପରେ ଆଗାମୀ ସରକାରଙ୍କ ଶପଥ ପଥ ପ୍ରଶ୍ନରେ ଉତ୍ତର ରଖିଛନ୍ତି ରାଜ୍ୟ ବିଜେପି ସଭାପତି ଦିଲୀପ ଜୟସୱାଲ । ସେ କହିଛନ୍ତି, ସମ୍ଭବତଃ ନୂତନ ସରକାରଙ୍କ ଶପଥ ଗ୍ରହଣ ସମାରୋହ ନଭେମ୍ବର ୨୦ କିମ୍ବା ୨୧ ରେ ଅନୁଷ୍ଠିତ ହେବ । ବିଜେପି ନେତା ପ୍ରେମ କୁମାର ମଧ୍ୟ କହିଛନ୍ତି ଯେ , ନବଗଠିତ ସରକାରଙ୍କ ଶପଥ ଗ୍ରହଣ ସମାରୋହ ୨୦ ନଭେମ୍ବରରେ ଗାନ୍ଧୀ ମଇଦାନରେ ଅନୁଷ୍ଠିତ ହେବ । ୧୯ ତାରିଖରେ ବର୍ତ୍ତମାନର ସରକାର ଭାଙ୍ଗିଯିବ। ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଲକ୍ଷ ଲକ୍ଷ ଲୋକ ଐତିହାସିକ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବେ । ସୋମବାର ନୀତିଶ ସରକାରଙ୍କ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଥିଲା । ୧୦ମିନିଟ ଧରି ଏହି ବୈଠକ ଚାଲିଥିଲା ବେଳେ ନୀତିଶ ଏହାର ଅଧ୍ୟକ୍ଷତା କରିଥିଲେ । ବୈଠକରେ ସରକାର ଭାଙ୍ଗିବାକୁ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ବୈଠକ ପରେ ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନଙ୍କୁ ଭେଟିଥିଲେ (ପୃଷ୍ଠା ୭ରେ)





# ପୁରୀ ପୌରାଞ୍ଚଳରେ ବାର୍ଷିକ ୮୦୬ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ସୃଷ୍ଟି

**ପୁରୀ, ନ୍ୟୁଜ ବ୍ୟୁରୋ**

ଏକକ ବ୍ୟବହାର ପଲିଥିନ ବା ପ୍ଲାଷ୍ଟିକରେ ଲାଗୁନି ବ୍ରେକ୍ । ଦିନକୁ ଦିନ ବୃଦ୍ଧି ପାଉଛି ଏହାର ବ୍ୟବହାର । ସେପଟେ ଏକକ ପ୍ଲାଷ୍ଟିକ ବ୍ୟବହାରରେ ରୋକ୍ ଲଗାଇବାରେ ଫେଲ୍ ମାରିଛି ପୁରୀ ପୌରପାଳିକା । ବିଶ୍ୱର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ହେଉଛି ଶ୍ରୀକ୍ଷେତ୍ର ପରୀ । ଏଠାକୁ ପ୍ରତିଦିନ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଆସୁଥିବା ବେଳେ ବୃଦ୍ଧି ପାଉଛି ପଲିଥିନ ବା ପ୍ଲାଷ୍ଟିକର ବ୍ୟବହାର । ଏହି ପଲିଥିନ କେବଳ ପରିବେଶ ପ୍ରଦୂଷଣ କରେ ନାହିଁ ବରଂ ଜଳଚର ଜୀବଙ୍କ ଉପରେ ମଧ୍ୟ ପ୍ରଭାବ ପକାଇଥାଏ । କେବଳ କାଗଜ କଲମରେ ପୁରୀ ପ୍ରଶାସନ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଲଗାଇଥିବା ବେଳେ ବାସ୍ତବରେ କିନ୍ତୁ ଫଳ ଶୂନ । ଯେଉଁଥି ପାଇଁ ପ୍ରତିଦିନ କୁଢ କୁଢ ପଲିଥିନ ଓ ପ୍ଲାଷ୍ଟିକ ପୁରୀ ସହରରୁ ମିଳୁଛି । ଏକକ ବ୍ୟବହୃତ ପଲିଥିନ ଓ ପ୍ଲାଷ୍ଟିକ ପରିବେଶ ପାଇଁ ବହୁତ୍ କ୍ଷତିକାରକ । ଏହି ପଲିଥିନ ସହଜରେ ମାଟିରେ ମିଶି ନଥାଏ । ଏହା ମାଟିରେ ମିଶିବାକୁ ଶହ ଶହ ବର୍ଷ ଲାଗିଯାଏ । ଫଳରେ ମାଟି ଭିତରେ ପଲିଥିନ ଜମି ରହିବା ଫଳରେ ଭୂତଳ ଜଳ ବୃଦ୍ଧିରେ ବାଧକ ସାଜିଥାଏ । ଏକକ ବ୍ୟବହୃତ ପ୍ଲାଷ୍ଟିକ ବୋତଲ ମଧ୍ୟ ପରିବେଶ ପ୍ରଦୂଷଣ କରିଥାଏ । ପଲିଥିନ ଭଳି ପ୍ଲାଷ୍ଟିକ ପାଣି ବୋତଲ ମଧ୍ୟ ମାଟିରେ ମିଶେ ନାହିଁ । ପୁରୀ ସହରରେ ବହୁଳ ପରିମାଣରେ ଏକକ ବ୍ୟବହୃତ ପଲିଥିନ ଓ ପ୍ଲାଷ୍ଟିକ ବୋତଲ ବ୍ୟବହାର ଦ୍ୱାରା ନଳା ନର୍ଦ୍ଦମା ସବୁ ଜାମ ହୋଇ କୃତ୍ରିମ ବନ୍ୟା ସୃଷ୍ଟି ହୋଇଥାଏ ।

କେବଳ ସେତିକି ନୁହେଁ ପଲିଥିନ ରାସ୍ତାରେ ପଡ଼ି ରହୁଥିବାରୁ ଏହାକୁ ଗୋରୁ ଗାଈମାନେ ଖାଇ ମୃତ୍ୟୁମୁଖରେ ପଡୁଛନ୍ତି । ଏହାସ ପଲିଥିନ ଓ ପ୍ଲାଷ୍ଟିକ ବୋତଲ ସମୁଦ୍ରକୁ ଯିବା ପରେ ଏହା ନାନୋ ପ୍ଲାଷ୍ଟିକରେ ପରିଣତ ହେଉଛି । ଫଳରେ ସାମୁଦ୍ରିକ ଜଳ ପ୍ରଦୂଷିତ ହୋଇ ସାମୁଦ୍ରିକ ଯିବ ମୃତ୍ୟୁବରଣ କରିଥାନ୍ତି । ସାମୁଦ୍ରିକ ମାଛକୁ ମଣିଷ ଖାଦ୍ୟ ଭାବେ ନେଲେ ଅନେକ ରୋଗର ଶିକାର ହେବା ଆଶଙ୍କା ପ୍ରକାଶ କରାଯାଉଛି । ଏହା ଦ୍ୱାରା ମଣିଷ ସମାଜକୁ ବିପଦ ରହିଛି । ଏଣୁ ପର୍ଯ୍ୟଟନ ସହର ପୁରୀରେ ଏକକ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ଉପରେ ପ୍ରଶାସନ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପରିବେଶବିତମାନେ ଦାବି କରିଛନ୍ତି । ଗତ ୨୦୧୯ ମସିହାର ଗାନ୍ଧୀ ଜୟନ୍ତୀରୁ ପୁରୀ ପୌରାଞ୍ଚଳରେ ଏକକ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ କରାଯାଇଥିଲା । କିଛି ଦିନ ଏହା କଡାକଡି କରାଯିବ ଯୋଗୁଁ ପଲିଥିନ ବ୍ୟବହାର ହ୍ରାସ ପାଇଥିଲା । ହେଲେ ପ୍ରଶାସନ ଏହାକୁ ଗୁରୁତ୍ୱ ନ ଦେବାରୁ ପୁରୀ ସହରରେ ପୁଣି ପଲିଥିନ ବ୍ୟବହାର ବୃଦ୍ଧି ପାଇବାରେ



ଲାଗିଛି । ପୁରୀକୁ ବର୍ଷକୁ ୨କୋଟିରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଆସୁଛନ୍ତି । ଏଣୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ପାଣି ବୋତଲ ଓ ପଲିଥିନ ବ୍ୟବହାର ଯଥେଷ୍ଟ ବୃଦ୍ଧି ପାଇଛି । ଜଳଖିଆ ଦୋକାନ, ଗ୍ରୋସରୀ ଦୋକାନ ଓ ପରିବା ଦୋକାନୀମାନେ ବେଶୀ ପଲିଥିନ ବ୍ୟବହାର କରୁଛନ୍ତି । ୫୦ ମାଇକ୍ରନ ତଳକୁ ଥିବା ପଲିଥିନ ବ୍ୟବହାର ନ କରିବାକୁ କଡା ନିର୍ଦ୍ଦେଶ ରହିଥିବା ବେଳେ ଏହାକୁ କେହି ପାଳନ କରୁନାହାନ୍ତି । ମାଟିରେ ଶୀଘ୍ର ମିଶି ଯାଉଥିବା ତଥା ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ପଲିଥିନକୁ କେହି ଦୋକାନୀ ବ୍ୟବହାର କରୁନାହାନ୍ତି । ଅଳ୍ପ ଦାମରେ ମିଳୁଥିବା ନିଷିଦ୍ଧ ପଲିଥିନକୁ ବ୍ୟବସାୟୀମାନେ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି । ଫଳରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ବୃଦ୍ଧି ପାଇବାରେ ଲାଗିଛି । ସେପଟେ ପ୍ଲାଷ୍ଟିକ ବୋତଲକୁ ପ୍ରକ୍ରିୟାକରଣ ପାଇଁ ପୁରୀ ପୌରପାଳିକା ପକ୍ଷରୁ ଲାଗିଥିବା ଆରଭିଏମ ମେସିନ ମଧ୍ୟ ଅଚଳ ହୋଇପଡ଼ିଛି । ପୁରୀ ପୌରାଞ୍ଚଳରେ ବାର୍ଷିକ ୮୦୬ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ସୃଷ୍ଟି ହେଉଛି । ସେଥିମଧ୍ୟରୁ କେବଳ ୫୬୦ ଟନ୍ ପ୍ରକ୍ରିୟାକରଣ ହେଉଛି । ଅନ୍ୟ ବର୍ଜ୍ୟ ଗୁଡ଼ିକ ମାଟିରେ ମିଶି ଓ ନଳା ଜାମ ହୋଇ ପ୍ରତିକୂଳ ସ୍ଥିତି ସୃଷ୍ଟି କରୁଛି । ପ୍ଲାଷ୍ଟିକ ବର୍ଜ୍ୟକୁ ପ୍ରକ୍ରିୟାକରଣ ପାଇଁ ପୁରୀ ପୌରପାଳିକା ୬ଟି ଏମଆରଏଫ୍ ( ମ୍ୟାଟ୍ରିଆଲ ରିକଭରି ଫାଶୀଲିଟି) ସାହାଯ୍ୟରେ ପ୍ଲାଷ୍ଟିକକୁ ରିସାଇକେଲ କରାଯାଉଛି । ଏହାକୁ ରାଜଗାଙ୍ଗପୁରରେ ଥିବା ଡାଲମିଆ ସିମେଣ୍ଟ କାରଖାନାକୁ ପଠାଯାଉଛି । ହେଲେ ଯେତିକି ପ୍ଲାଷ୍ଟିକ ବର୍ଜ୍ୟ ସୃଷ୍ଟି ହେଉଛି, ସେହି ଅନୁପାତରେ ରିସାଇକେଲ କରାଯାଇପାରୁନାହିଁ । ଫଳରେ ପର୍ଯ୍ୟଟନ ସହର ପୁରୀରେ ପ୍ଲାଷ୍ଟିକ ବର୍ଜ୍ୟ ବୃଦ୍ଧି ପାଇବାରେ ଲାଗିଛି । ସେପଟେ ପୁରୀ ପୌରପାଳିକାର ଆନ୍ତରିକତା ଅଭାବରୁ ପୁରୀରେ ଏକକ ବ୍ୟବହୃତ ପଲିଥିନ ବ୍ୟବହାର ନିଷିଦ୍ଧ କରାଯାଇପାରୁନି ବୋଲି ପରିବେଶବିତ୍ ଅଭିଯୋଗ କରିଛନ୍ତି ।

ପରିବେଶବିତ୍ ସରୋଜ କୁମାର ଜେନା କହିଛନ୍ତି, 'ଏକକ ପ୍ଲାଷ୍ଟିକ ବ୍ୟବହାର ଆମ ସହର, ପରିବେଶ, ଜୀବଜନ୍ତୁ ଓ ଆମ ଆଗାମୀ ପୀଢ଼ି ପାଇଁ ବିପଦ ସୃଷ୍ଟି କରିପାରେ । ପୁରୀକୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ଆସୁଛନ୍ତି । ଫଳରେ ଏକକ ପ୍ଲାଷ୍ଟିକ ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ଥରେ ବ୍ୟବହାର କରି ଫିଙ୍ଗି ଦିଆଯିବା ପରେ ଏହା ମାଟିରେ ରହି ନାନୋ ପ୍ଲାଷ୍ଟିକରେ ପରିଣତ ହେଉଛି । ଯାହାକି ଆମ ପରିବେଶ, ଭୂତଳ ଜଳକୁ ପ୍ରଦୂଷିତ କରୁଛି । ଏକକ ପ୍ଲାଷ୍ଟିକ ବ୍ୟବହାର ଉପରେ ରୋକ୍ ଲଗାଯିବା ଦରକାର । କେବଳ ଛୋଟ ବ୍ୟବସାୟୀଙ୍କୁ ଜୋରିମାନା କଲେ ଚଳିବ ନାହିଁ । ଯେଉଁଠାରୁ ଏହା ତିଆରି ହେଉଛି, ସେଠାରେ ଏହାକୁ ସରକାର ବନ୍ଦ କରନ୍ତୁ । ଫଳରେ ବଜାରକୁ ପଲିଥିନ ଆସିବ ନାହିଁ । ପଲିଥିନ ବ୍ୟବହାର କମିବ ।'

ସେ ଆହୁରି ମଧ୍ୟ କହିଛନ୍ତି,' ଏଥିପାଇଁ ବ୍ୟାପକ ଜନ ସଚେତନତା ହେବା ଦରକାର । ରାସ୍ତା ଘାଟରେ ପ୍ଲାଷ୍ଟିକ, ପଲିଥିନ ପଡ଼ି ରହୁଥିବା ବେଳେ ଏହାକୁ ଜୀବଜନ୍ତୁମାନେ ଖାଇ ମୃତ୍ୟୁବରଣ କରୁଛନ୍ତି । ପ୍ଲାଷ୍ଟିକ ସମୁଦ୍ରରେ ମିଶି ନାନୋ ପ୍ଲାଷ୍ଟିକ ସୃଷ୍ଟି ହୋଇଥାଏ । ଫଳରେ ସାମୁଦ୍ରିକ ଜୀବଙ୍କ ଉପରେ ମଧ୍ୟ ପ୍ରଭାବ ପକାଏ । ସେପଟେ ପୁରୀ ବାଲୁଖଣ୍ଡ ଅଭୟାରଣ୍ୟରେ ପଲିଥିନ ବ୍ୟବହାର ଫଳରେ ଏହାକୁ ଖାଇ ବନ୍ୟଜନ୍ତୁ ମୃତ୍ୟୁବରଣ କରୁଛନ୍ତି । ଏକକ ପଲିଥିନ ବ୍ୟବହାର ନିଷିଦ୍ଧ ପାଇଁ ପ୍ରଶାସନ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ । ପରିବେଶକୁ କ୍ଷତି କରୁନଥିବା ଏବଂ ସରକାରଙ୍କ ଦ୍ୱାରା ସ୍ୱୀକୃତି ଥିବା ପଲିଥିନ ବ୍ୟବହାର ହେଉ ।' ଶ୍ରୀମନ୍ଦିରରେ ମଧ୍ୟ ପଲିଥିନ ବ୍ୟବହାର ନେଇ କଟକଣା ରହିଛି । ହେଲେ ଏହି କଟକଣା କେବଳ କାଗଜ କଲମରେ ରହିଛି । ଶ୍ରୀମନ୍ଦିର ଆନନ୍ଦ ବଜାରରେ ବହୁଳ ପରିମାଣରେ ପଲିଥିନ ବ୍ୟବହାର ହେଉଛି । ମହାପ୍ରସାଦ ବିକ୍ରି କରୁଥିବା ଦୋକାନୀମାନେ ଶ୍ରଦ୍ଧାଳୁଙ୍କୁ ପଲିଥିନରେ ମହାପ୍ରସାଦ ଦେଉଛନ୍ତି । ଶ୍ରୀମନ୍ଦିରରେ ବେଆଇନ ଭାବେ ପଲିଥିନ ବ୍ୟବହାର ଚାଲିଥିବା ବେଳେ ପ୍ରଶାସନର ନିରବତାକୁ କଡା ସମାଲୋଚନା କରିଛନ୍ତି ପରିବେଶବିତ ସରୋଜ କୁମାର ଜେନା । ଶ୍ରୀମନ୍ଦିରରେ ତୁରନ୍ତ ପଲିଥିନ ବ୍ୟବହାର ଉପରେ କଡା କଟକଣା ଲଗାଇବାକୁ ଦାବି କରିଛନ୍ତି ସେ ।

ସେହିପରି ଜଣେ ଖଜା ଦୋକାନୀ ଦେବ ପ୍ରଧାନ କହିଛନ୍ତି,' ପୁରୀ ପୌରାଞ୍ଚଳରେ ପଲିଥିନ କଟକଣା ଏକ ପ୍ରହସନରେ ପରିଣତ ହୋଇଛି । ୨୦୧୯ ମସିହାରେ ପୁରୀ ପୌରପାଳିକା ପଲିଥିନ ନିଷିଦ୍ଧ କରିଥିଲା । ହେଲେ କିଛି ଦିନ କଡାକଡ଼ି ପରେ ଏହା ପୁଣି ଶିଥିଳ ହୋଇଯାଇଛି ।

## ପରିବେଶ ପାଇଁ ଅପରିହାର୍ଯ୍ୟ ଉଦ୍ଭିଦ-ସମୃଦ୍ଧ ଖାଦ୍ୟାଭ୍ୟାସ : ଇଟ୍-ଲାନ୍‌ସେଟ୍ କମିସନ

**ନୂଆଦିଲ୍ଲୀ:**

ସମ୍ପ୍ରତି ବିଶ୍ୱ ଜନସଂଖ୍ୟାର ମାତ୍ର ୧ ପ୍ରତିଶତରୁ କମ୍ ଲୋକ 'ସୁରକ୍ଷିତ ଓ ନ୍ୟାୟପୂର୍ଣ୍ଣ ସ୍ଥିତି'ରେ ଜୀବନଯାପନ କରୁଛନ୍ତି । ଏହାର ଅର୍ଥ ହେଲା ବିଶ୍ୱର ୯୯% ଲୋକଙ୍କ ଖାଦ୍ୟ ଆବଶ୍ୟକତା ପୃଥିବୀର ସହନ ସୀମା ଅତିକ୍ରମ କରିସାରିଛି । ତେଣୁ ୨୦୫୦ ମସିହା ସୁଦ୍ଧା ସୁରକ୍ଷିତ ସୀମା ମଧ୍ୟରେ ହଜାରେ କୋଟି ଲୋକଙ୍କୁ 'ସ୍ୱାସ୍ଥ୍ୟକର' ଖାଦ୍ୟ ଯୋଗାଇବା ପାଇଁ ଖାଦ୍ୟାଭ୍ୟାସରେ ଏକ ବିଶ୍ୱସ୍ତରୀୟ ପରିବର୍ତ୍ତନ ଆବଶ୍ୟକ ବୋଲି 'ଇଟ୍-ଲାନ୍‌ସେଟ୍ କମିସନ୍'ର ସଦ୍ୟ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି । ଏହି ପରିବର୍ତ୍ତନ କୃଷିରୁ ମିଥେନ୍ ଭଳି ଅଣ-ଅଙ୍ଗାରକାମ୍ଳ ସବୁଜଗୃହ ବାଷ୍ପ ନିର୍ଗମନକୁ ୧୫ ପ୍ରତିଶତ ହ୍ରାସ କରିପାରିବ ବୋଲି ରିପୋର୍ଟରେ ଆକଳନ କରାଯାଇଛି । ଜୀବାଶ୍ମ ଇନ୍ଧନଜନିତ ଅଙ୍ଗାରକାମ୍ଳ ନିର୍ଗମନ ସମ୍ପୂର୍ଣ୍ଣ ହ୍ରାସ କରିଦେଲେ ମଧ୍ୟ ବର୍ତ୍ତମାନର ଖାଦ୍ୟ ଅଭ୍ୟାସ ଯୋଗୁଁ ବିଶ୍ୱ ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରି ସେଲସିଅସ୍ ଭିତରେ ସୀମିତ ରଖିବା ସମ୍ଭବ ହେବ ନାହିଁ । ଏଥିପାଇଁ ଖାଦ୍ୟାଭ୍ୟାସ ବଦଳାଇବା ଜରୁରି । ଉଲ୍ଲେଖଯୋଗ୍ୟ, ପୃଥିବୀରେ ଜୀବନକୁ ନିୟନ୍ତ୍ରଣ କରୁଥିବା ନଅଟି ପ୍ରମୁଖ ପ୍ରାକୃତିକ ପ୍ରଣାଳୀ ମଧ୍ୟରୁ ଜଳବାୟୁ, ଜୈବବିବିଧତା, ଭୂମି, ମଧୁର ଜଳ, ନାଇଟ୍ରୋଜେନ୍ ଓ ଫସ୍‌ଫରସ୍ ପ୍ରଦୂଷଣ ଏବଂ ନବ୍ୟ ସାମଗ୍ରୀ (କୀଟନାଶକ, ଅଣୁଜୀବନିରୋଧକ ଓ ଅଣୁପ୍ଲାଷ୍ଟିକ୍) ପରି ଛଅଟିର ସୀମା ଅତିକ୍ରାନ୍ତ ହୋଇସାରିଛି । ଏହି ସୀମା ଲଙ୍ଘନ ମାନବ ସଭ୍ୟତାକୁ ଅନିଶ୍ଚିତତା ମଧ୍ୟକୁ ଠେଲି ଦେବ । ଏହି ଛଅଟି ମଧ୍ୟରୁ ପାଞ୍ଚଟିର ଲଙ୍ଘନ ପାଇଁ ଖାଦ୍ୟ ଉତ୍ପାଦନ ଢାଞ୍ଚା ମୁଖ୍ୟତଃ ଦାୟୀ, ଯାହା ବିଶ୍ୱ ସ୍ତରରେ ପ୍ରାୟ ୩୦% ସବୁଜଗୃହ ବାଷ୍ପ ନିର୍ଗମନ କରିଥାଏ । ଏହାକୁ ହ୍ରାସ ନ କରି ଜୀବାଶ୍ମ ଇନ୍ଧନଜନିତ ଅଙ୍ଗାରକାମ୍ଳ ନିର୍ଗମନ ସମ୍ପୂର୍ଣ୍ଣ ହ୍ରାସ କରିଦେଲେ ମଧ୍ୟ ବର୍ତ୍ତମାନର ଖାଦ୍ୟ ଅଭ୍ୟାସ ଯୋଗୁଁ ବିଶ୍ୱ ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରି ସେଲସିଅସ୍ ଭିତରେ ସୀମିତ ରଖିବା ସମ୍ଭବ ନୁହେଁ ବୋଲି ରିପୋର୍ଟରେ ସତର୍କ କରାଇ ଦିଆଯାଇଛି ।

୩୫ରୁ ଅଧିକ ଦେଶର ଜଳବାୟୁ, ପୁଷ୍ଟିସାର, ସ୍ୱାସ୍ଥ୍ୟ, କୃଷି, ସାମାଜିକବିଜ୍ଞାନ ଓ ଅର୍ଥନୀତି ବିଶେଷଜ୍ଞଙ୍କୁ ନେଇ ଗଠିତ କମିସନଙ୍କ ରିପୋର୍ଟର ବିଶ୍ଳେଷଣରେ ସମସ୍ତ ଅଞ୍ଚଳରେ ପର୍ଯ୍ୟାପ୍ତ ଫଳ, ପନିପରିବା, ବାଦାମ, ଡାଲି ଆଦିର ଅଭାବ ରହିଥିବା କୁହାଯାଇଛି । ଅପରପକ୍ଷେ, ଅନେକ ସ୍ଥାନରେ ଖାଦ୍ୟରେ ଅଧିକ ମାଂସ, କ୍ଷୀର, ପଶୁ ଚର୍ବି, ଚିନି ଓ ଅତ୍ୟଧିକ ପ୍ରକ୍ରିୟାକୃତ ଖାଦ୍ୟ ରହିଛି । ତେବେ ରିପୋର୍ଟରେ ଉଦ୍ଭିଦ-ସମୃଦ୍ଧ ଖାଦ୍ୟ ଉପରେ ଗୁରୁତ୍ୱ ଦିଆଯାଇ ୨୦୫୦ ସୁଦ୍ଧା ବିଶ୍ୱ ସ୍ତରରେ ୯୬୦ କୋଟି ଲୋକ କିପରି ପରିବେଶଗତ ସୀମା ମଧ୍ୟରେ ପୁଷ୍ଟିକର ଖାଦ୍ୟ ଖାଇପାରିବେ ତାହାର ସୀମା ସ୍ଥିର କରାଯାଇଛି । ସେଥି ମଧ୍ୟରେ ପାରମ୍ପରିକ ସୁସ୍ଥ ଖାଦ୍ୟକୁ ସୁରକ୍ଷା ଓ ପ୍ରୋତ୍ସାହନ ଦେବା, ସୁସ୍ଥ ଖାଦ୍ୟର ଚାହିଦା ବୃଦ୍ଧି କରୁଥିବା ସୁଲଭ ଖାଦ୍ୟ ପରିବେଶ ସୃଷ୍ଟି କରିବା, ଅଙ୍ଗାର ସଂରକ୍ଷଣ, ବାସସ୍ଥାନ ସୃଷ୍ଟି ଏବଂ ଜଳ ଗୁଣବତ୍ତାକୁ ଉନ୍ନତ କରୁଥିବା ସ୍ଥାୟୀ ଉତ୍ପାଦନ କରାଇବା, ଖାଦ୍ୟ କ୍ଷତି ଓ ଅପଚୟ ହ୍ରାସ କରିବା ଆଦି ଅନ୍ତର୍ଭୁକ୍ତ । ଏପରି ବିଶ୍ୱସ୍ତରୀୟ ଖାଦ୍ୟ ପରିବର୍ତ୍ତନ ଦ୍ୱାରା ପ୍ରତି ବର୍ଷ ପ୍ରାୟ ଦେଢ଼ କୋଟି ଅକାଳ ମୃତ୍ୟୁକୁ ମଧ୍ୟ ରୋକା ଯାଇପାରିବ ବୋଲି ରିପୋର୍ଟରେ କୁହାଯାଇଛି ।



## କ୍ୟାମେରାରେ କଏଦ୍ ୧ ଟନ୍ ଓଜନ ଓ ଲମ୍ବ ୧୨୦ ଫୁଟ୍‌ର ଜେଲି ଫିସ୍

**ନୂଆଦିଲ୍ଲୀ :**



ଜନ ରେନି ନାମକ ଭିଡିଓଗ୍ରାଫର ବିଶ୍ୱର ସବୁଠାରୁ ବଡ଼, ଲମ୍ବା ଏବଂ ଓଜନିଆ ଜେଲିଫିସର ଏକ ଆଶ୍ଚର୍ଯ୍ୟଜନକ ଭିଡିଓ କଏଦ କରିଛନ୍ତି । ଉତ୍ତର ଆମେରିକାର ପଶ୍ଚିମ ଉପକୂଳରେ ଅବସ୍ଥିତ ସାଲିସ୍ ସାଗରରେ ଦେଖାଯାଇଥିବା ଲାୟନ୍ସ ମାନେ ଜେଲିଫିସ୍‌ର ଏକ ଭିଡିଓ ଇନଷ୍ଟାଗ୍ରାମରେ ସେୟାର କରିଛନ୍ତି । ଯେଉଁଥିରେ ସେ ଲେଖିଛନ୍ତି, ସେ ସ୍କ୍ୱିଡ୍ ଏବଂ କିଛି ଜେଲିଫିସ୍‌ର ଭିଡିଓ କଏଦ୍ କରିବାକୁ ଯାଇଥିଲେ । ଡାଇଭିଙ୍ଗ୍ କରିବାର କିଛି ମିନିଟ୍ ପରେ, ସେ ଏକ ଲମ୍ବା, ପତଳା ଟେଣ୍ଟେକଲ୍ ଦେଖିଲେ । ପରେ ସେ ଏହାକୁ ଅନୁସରଣ କରିବା ଆରମ୍ଭ କଲେ । ଗୋଟିଏ ମିନିଟ୍‌ରୁ ଅଧିକ ସମୟ ଯିବା ପରେ ଶେଷରେ ଏକ ବିଶାଳ ଲାୟନ୍ସ ମାନେ ଜେଲିଫିସ୍‌କୁ ଦେଖିଲେ । ରୋନି କହିଥିଲେ, ଏପର୍ଯ୍ୟନ୍ତ ମିଳିଥିବା ସବୁଠାରୁ ବଡ଼ ଜେଲିଫିସ୍‌ର ଶରୀର ୭ ଫୁଟ୍ ଚଉଡ଼ା ଏବଂ ଏହାର ଟେଣ୍ଟେକଲ୍ ୧୨୦ ଫୁଟ୍ ପର୍ଯ୍ୟନ୍ତ ଲମ୍ବା । ଏହି ଜେଲିଫିସ୍ ଅନ୍ୟ ମାଛକୁ ଖାଇବା ପାଇଁ ସେମାନଙ୍କର ଟେଣ୍ଟେକଲ୍ ବ୍ୟବହାର କରନ୍ତି । ଜନ ରୋନି କହିଛନ୍ତି ଏହି ଜେଲିଫିସ କମଳା, ବାଇଗଣୀ ଏବଂ ଲାଲ ରଙ୍ଗର । ସ୍ମିଥସୋନିଆନ ନାଚୁରାଲ ହିଷ୍ଟ୍ରି ସଂଗ୍ରହାଳୟ ଅନୁସାରେ, ଏପର୍ଯ୍ୟନ୍ତ ମିଳିଥିବା ସବୁଠାରୁ ବଡ଼ ଲାୟନ୍ସ ମାନେ ଜେଲିଫିସ ୧୨୦ ଫୁ ଲମ୍ବା । ଗିନିଜ୍ ୱାର୍ଲଡ ରେକର୍ଡ ଅନୁଯାୟୀ, ଏଗୁଡ଼ିକ ୧ ଟନ୍ କିମ୍ବା ତା'ଠାରୁ ଅଧିକ ଓଜନ ହୋଇପାରେ ।

## ରାଜ୍ୟରେ ୪,୯୬,୬୧,୨୬୭ ଟଙ୍କାର ବ୍ରାଉନ୍‌ସୁଗାର ଓ ଗଞ୍ଜେଇ ଜବତ : ୨୭୩ ଗିରଫ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାଞ୍ଚଳ ପୁଲିସ ରେଞ୍ଜରେ ନିଶା ମାଫିଆଙ୍କୁ ଦମନ କରିବାକୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି । ଗଞ୍ଜେଇ ଓ ବ୍ରାଉନ୍‌ସୁଗାର ଭଳି ଉତ୍କଟ ନିଶା କାରବାର ରୋକିବା ପାଇଁ ରେଞ୍ଜ ଅଧୀନରେ ଥିବା ୭ଟି ପୁଲିସ ଜିଲ୍ଲାରେ ଚଢ଼ଉ ଆରମ୍ଭ ହୋଇଛି । ମୋଟ ୪ କୋଟି ୯୬ ଲକ୍ଷ ୬୧ ହଜାର ୨୬୭ ଟଙ୍କାର ବ୍ରାଉନ୍‌ସୁଗାର ଓ ଗଞ୍ଜେଇ ଜବତ ହୋଇଛି । ଏହି ଘଟଣାରେ ୨୭୩ ଜଣ ନିଶା ମାଫିଆଙ୍କୁ ଗିରଫ କରାଯାଇଥିବା ବେଳେ ୧୪୫ଟି ମାମଲା ରୁଜୁ ହୋଇଛି । ସର୍ବାଧିକ ବ୍ରାଉନ୍‌ସୁଗାର ଖୋର୍ଦ୍ଧା ଜିଲ୍ଲାରୁ ଜବତ ହୋଇଥିବା ବେଳେ ସର୍ବାଧିକ ଗଞ୍ଜେଇ ନୟାଗଡ଼ ଜିଲ୍ଲାରୁ ଜବତ ହୋଇଛି । କେନ୍ଦ୍ରାଞ୍ଚଳ ପୁଲିସ ଜିଲ୍ଲାରେ ଥିବା ପୁରୀ, କଟକ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ନୟାଗଡ଼, ଜଗତସିଂହପୁର, ଯାଜପୁର ଜିଲ୍ଲାରେ ନିଶା ମାଫିଆଙ୍କୁ ସାବାଡ଼ କରିବାକୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି । ଅକ୍ଟୋବର ୨୯ ସୁଦ୍ଧା ବ୍ରାଉନ୍‌ସୁଗାର କାରବାର ମାମଲାରେ ୮୧ଟି ମାମଲା ରୁଜୁ ହୋଇଛି । ଏହି ମାମଲାରେ ମୋଟ ୪ କେଜି ୨୨ ଗ୍ରାମ ୪୨୮ ମିଲିଗ୍ରାମ ଓଜନର ବ୍ରାଉନ୍‌ସୁଗାର ଜବତ ହୋଇଛି । ଜବତ ହୋଇଥିବା ବ୍ରାଉନ୍‌ସୁଗାରର ମୂଲ୍ୟ ୪ କୋଟି ୨୪ ଲକ୍ଷ ୪୬ ହଜାର ୫୪୦ ଟଙ୍କା । ଏହି ମାମଲାକୁ କେନ୍ଦ୍ର କରି ମୋଟ ୧୬୮ ଜଣ ନିଶା ମାଫିଆ ଗିରଫ ହୋଇଛନ୍ତି । ତେବେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧ କୋଟି ୬୧ ଲକ୍ଷ ୬୬ ହଜାର ୧୮୦ ଟଙ୍କାର ବ୍ରାଉନ୍‌ସୁଗାର ଜବତ ହୋଇଛି । ମୋଟ ୨୫ଟି ମାମଲା ରୁଜୁ ହୋଇଥିବା ବେଳେ ୫୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସେହିଭଳି ଜଗତସିଂହପୁର ଜିଲ୍ଲାରୁ ୯୮ ଲକ୍ଷ ୬୪ ହଜାର ୯୬୦ ଟଙ୍କାର ବ୍ରାଉନ୍‌ସୁଗାର ଜବତ ହୋଇଛି । ୧୭ଟି ମାମଲା ଓ ୪୧ ଜଣ ଗିରଫ ହୋଇଛନ୍ତି । ପୁରୀ ଜିଲ୍ଲାରେ ୧୮ଟି ମାମଲା, ୩୭ ଗିରଫ ଓ ୯୪ ଲକ୍ଷ ୧୬ ହଜାର ୪୦୦ ଟଙ୍କାର ବ୍ରାଉନ୍‌ସୁଗାର ଜବତ ହୋଇଛି । କଟକରେ ୫ଟି ମାମଲାରେ ୫ ଜଣ ଗିରଫ ହୋଇଥିବାବେଳେ ୩୦ ଲକ୍ଷ ୩ ହଜାର ଟଙ୍କାର ବ୍ରାଉନ୍‌ସୁଗାର ଜବତ ହୋଇଛି । କେନ୍ଦ୍ରାପଡ଼ାରେ ୨ଟି ମାମଲାରେ ୨ ଜଣ ଗିରଫ ହୋଇଥିବାବେଳେ ୧୯ ଲକ୍ଷ ୬୦ ହଜାର ଟଙ୍କାର ବ୍ରାଉନ୍‌ସୁଗାର, ନୟାଗଡ଼ରେ ୮ଟି ମାମଲାରେ ୧୩ ଗିରଫ, ୧୩ ଲକ୍ଷ ୭୦ ହଜାର ଟଙ୍କାର ବ୍ରାଉନ୍‌ସୁଗାର ଏବଂ ଯାଜପୁର ଜିଲ୍ଲାରେ ୬ଟି ମାମଲାରେ ୧୧ ଜଣ ଗିରଫ ହୋଇଥିବାବେଳେ ୬ ଲକ୍ଷ ୬୬ ହଜାର ଟଙ୍କାର ବ୍ରାଉନସୁଗାର ଜବତ ହୋଇଛି । ସେହିଭଳି ମୋଟ ୬୪ଟି ଗଞ୍ଜେଇ ମାମଲା ରୁଜୁ ହୋଇଛି । ୧୧ ଶହ ୭ କେଜି ୫୭୮ ଗ୍ରାମ ଓଜନର ଗଞ୍ଜେଇ ଜବତ ହୋଇଥିବା ବେଳେ ଏହାର ମୂଲ୍ୟ ୭୨ ଲକ୍ଷ ୧୪ ହଜାର ୭୨୭ ଟଙ୍କା ଆକଳନ କରାଯାଉଛି । ଏହି କାରବାରରେ ୧୦୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ନୟାଗଡ଼ ଜିଲ୍ଲାରେ ସର୍ବାଧିକ ୨୯ ଲକ୍ଷ ୪୪ ହଜାର ୫୦୦ ଟଙ୍କାର ଗଞ୍ଜେଇ ଜବତ ହୋଇଥିବା ବେଳେ ୫୯ ଜଣ ଗିରଫ ହୋଇଛନ୍ତି । ପୁରୀ ଜିଲ୍ଲାରେ ୨୦ ଲକ୍ଷ ୬ ହଜାର ଟଙ୍କା ଗଞ୍ଜେଇ ଜବତ ଓ ୧୧ ଅଭିଯୁକ୍ତ ଗିରଫ ହୋଇଛନ୍ତି । ଖୋର୍ଦ୍ଧା ଜିଲ୍ଲାରେ ୯ଲକ୍ଷ ୮୪ ହଜାର ୨୪୦ ଟଙ୍କାର ଗଞ୍ଜେଇ ଜବତ ଓ ୯ ଜଣ ଗିରଫ ହୋଇଛନ୍ତି । କଟକ ଜିଲ୍ଲାରେ ୬ ଲକ୍ଷ ୭୩ ହଜାର ୪୫୫ ଟଙ୍କା ଗଞ୍ଜେଇ ଜବତ ଓ ୧୦ ଜଣ ଗିରଫ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୩ ଲକ୍ଷ ୬୯ ହଜାର ୩୩୨ ଟଙ୍କାର ଗଞ୍ଜେଇ ଜବତ ଓ ୮ ଜଣ ଗିରଫ ହୋଇଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରେ ୧ ଲକ୍ଷ ୩୦ ହଜାର ଟଙ୍କାର ଗଞ୍ଜେଇ ଜବତ ଓ ଜଣେ ଗିରଫ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରେ ୧ ଲକ୍ଷ ୭ ହଜାର ୨୦୦ ଟଙ୍କାର ଗଞ୍ଜେଇ ଜବତ ହୋଇଥିବାବେଳେ ୭ ଜଣ ଗିରଫ ହୋଇଛନ୍ତି ।

## ୨୦୧୫ ଓ ୨୦୨୫ ଭିତରେ ୮୬୩୬୮ ପୁଅଙ୍କ ତୁଳନାରେ ୯୮୦୩୬ ଝିଅ ନିଖୋଜ

**ନୂଆଦିଲ୍ଲୀ :**

ଶିଶୁଙ୍କ ନିଖୋଜ ହେବା ମାମଲା ଦିଲ୍ଲୀରେ ଖୁବ୍ ଡରାଇବାରେ ଲାଗିଛି । ଦିଲ୍ଲୀ ପୋଲିସର ସୂଚନା ଅନୁସାରେ, ଗତ ୧୦ ବର୍ଷରେ ରାଷ୍ଟ୍ରୀୟ ରାଜଧାନୀରେ ୧.୮ ଲକ୍ଷରୁ ଅଧିକ ଶିଶୁ ନିଖୋଜ ହୋଇଛନ୍ତି । ଏଥିରେ ୫୦ ହଜାରରୁ ଅଧିକଙ୍କର ଏପର୍ଯ୍ୟନ୍ତ କିଛି ପତା ମିଳିପାରିନି । ତଥ୍ୟ ଯାହା କହୁଛି ସେ ଅନୁସାରେ ପୁଅଙ୍କ ତୁଳନାରେ ଅଧିକ ଝିଅ ନିଖୋଜ ହେଉଛନ୍ତି । ଦିଲ୍ଲୀ ପୋଲିସର ସୂଚନା ଅନୁସାରେ, ୨୦୧୫ ରୁ ୨୦୨୫ ଭିତରେ ପୁରା ସହରରେ ୧.୮୪ ଲକ୍ଷ ଶିଶୁ ନିଖୋଜ ହୋଇଥିଲେ । ତାଙ୍କ ଭିତରୁ ୧.୩୩ ଲକ୍ଷଙ୍କ ପତା ଲଗାଯାଇଛି । ସେଭଳି ୫୦୭୭୧ ଶିଶୁ ଏବେ ବି ସମ୍ପୂର୍ଣ୍ଣ ନିଖୋଜ । ତଥ୍ୟ ଅନୁସାରେ, ନିଖୋଜ ପିଲାଙ୍କ ସଂଖ୍ୟା ୨୦୧୯ରେ (୧୮୦୬୩ ମାମଲା),୨୦୨୩ ଷଣ (୧୮୧୯୭) ଓ ୨୦୨୪ ରେ (୧୯୦୪୭) ରହିଛି । ସବୁଠାରୁ କମ୍ ସଂଖ୍ୟା ୨୦୨୦ ରେ କୋଭିଡ୍-୧୯ ମହାମାରୀ ବେଳେ ରେକର୍ଡ କରାଯାଇଛି । ଲକଡାଉନ୍ କଟକଣା କାରଣରୁ ମାମଲା ଦ୍ରୁତ ଗତିରେ ହ୍ରାସ ପାଇଛି । ଏହି ସଂଖ୍ୟା ହ୍ରାସ ପାଇ ୧୩୬୪୭ ହୋଇ ଯାଇଛି । ଲିଙ୍ଗ ଆଧାରରେ ପ୍ରତି ବର୍ଷ ପୁଅଙ୍କ ତୁଳନାରେ ଅଧିକ ଝିଅ ନିଖୋଜ ହେଉଛନ୍ତି । ୨୦୧୫ ଓ ୨୦୨୫ ଭିତରେ ୮୬୩୬୮ ପୁଅଙ୍କ ତୁଳନାରେ ୯୮୦୩୬ ଝିଅ ନିଖୋଜ ହେବାର ସୂଚନା ମିଳିଛି । ଏପର୍ଯ୍ୟନ୍ତ ୭୦୬୯୬ ଝିଅଙ୍କର ପତା ମିଳିଛି, କିନ୍ତୁ ୨୭୦୦୦ ରୁ ଅଧିକ ଏବେ ବି ନିଖୋଜ ଅଛନ୍ତି । ନିଖୋଜ ପିଲାଙ୍କ ବୟସ ଉପରେ ଯଦି ନଜର ପକାଇବା ତେବେ ୧୨ରୁ ୧୮ ବର୍ଷର ଝିଅଙ୍କ ସଂଖ୍ୟା ୮୨% ରହିଛି । ଏକାକୀ ୨୦୨୫ରେ ୪୧୬୭ କିଶୋରୀ ନିଖୋଜ ହେବାର ସୂଚନା ମିଳିଛି । ଏଥିରେ ତିନି ତୃତୀୟାଂଶ ଝିଅ ଥିଲେ । ଏପର୍ଯ୍ୟନ୍ତ କେବଳ ପ୍ରାୟ ୬୯ ପ୍ରତିଶତ ଲୋକଙ୍କ ବିଷୟରେ ଜଣାପଡିଛି । ୨୦୨୫ର ପ୍ରଥମ ୧୦ ମାସରେ ନିଖୋଜ ପିଲାଙ୍କ ଭିତରେ ୧୪୮୨୮ ମାମଲା ସାମନାକୁ ଆସିଛି । ଏଥିରେ ଏପର୍ଯ୍ୟନ୍ତ ୭୪୪୩ ନିଖୋଜ ଅଛନ୍ତି । ୭୩୮୫ (ପ୍ରାୟ ୫୦%) ଏବେ ବି ନିଖୋଜ ଅଛନ୍ତି ।

## ବ୍ରାଉନ୍‌ସୁଗାର କବଳରେ ଅନେକ ଛାତ୍ରଛାତ୍ରୀ : ଭବିଷ୍ୟତ ଅନ୍ଧାର

**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**

ନିଶା କବଜାରେ ପଡ଼ିଛି କେନ୍ଦ୍ରାପଡା ଜିଲ୍ଲା । ଆଗରୁ ଚୋରା ବିଦେଶୀ ମଦ ତିଆରି ପାଇଁ ଅଦରକାରୀ ରେକର୍ଡ କରିଥିଲା କେନ୍ଦ୍ରାପଡା ଜିଲ୍ଲା । ଚୋରା ଦେଶୀ ରନ୍ଧା ମଦ ଏବଂ ବ୍ରଉନ ସୁଗାର ବେପାର ପାଇଁ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଦିନକୁ ଦିନ କେନ୍ଦ୍ରାପଡ଼ାରେ ମଦ ଓ ବ୍ରଉନ ସୁଗାର ବ୍ୟାପାର କାୟା ବିସ୍ତାର କରିବାରେ ଲାଗିଛି । ଜିଲ୍ଲାର ଭବିଷ୍ୟତ ଏହା କବଳରେ ପଡ଼ି ଚାଲିଛି । ତୁରନ୍ତ କଡ଼ା ଆଇନ ପ୍ରଣୟନ କରିବା ପାଇଁ ଅନୁରୋଧ କରିଛନ୍ତି ବୁଦ୍ଧିଜୀବୀ । କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକର ୨୪୯ ପଞ୍ଚାୟତରେ ଏବେ ବିଦେଶୀ ଚୋରା ମଦର ଆସର ଜମୁଛି । ମଦ୍ୟପଙ୍କ ଚାହିଦା ମୁତାବକ ଆବଶ୍ୟକ ନିଶା କାରବାର ଚାଲୁଛି । ସକାଳରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ଗାଁ ମାନଙ୍କରେ ହେଉଥିବା ଗଣ୍ଡଗୋଳର ମୁଖ୍ୟ ସୂତ୍ରଧର ପାଲଟୁଛନ୍ତି ନିଶା ବ୍ୟାପାରୀମାନେ । ଏନେଇ ଅବକାରୀ ବିଭାଗ କିମ୍ବା ପୋଲିସ ନୀରବତା ରକ୍ଷା କରୁଛି । ଅନ୍ୟପଟେ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ଭଳି ସ୍ଥାନରେ ଥିବା ଶିକ୍ଷାନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ଅବାଧ ବ୍ରାଉନ ସୁଗାର ବ୍ୟବସାୟ ପସରା ମେଲାଇଲାଣି । ଏନେଇ ପ୍ରତିକ୍ରିୟା ରଖି ବୁଦ୍ଧିଜୀବୀ ଗୟାଧର ଧଳ କହିଛନ୍ତି,'କେନ୍ଦ୍ରାପଡା ଜିଲ୍ଲାରେ ନିଶା କାରବାର ଓ ଚୋରା ମଦ ବେପାର ସମ୍ପର୍କରେ ଅବକାରୀ ବିଭାଗ ଓ ପୋଲିସକୁ ପ୍ରଶ୍ନ କଲେ ଉତ୍ତର ମିଳେ ଆମେ ଚଢ଼ାଉ କରୁଛୁ, ବେପାରୀଙ୍କୁ ଧରି ଜେଲ ପଠାଉଛୁ । କିନ୍ତୁ ବାସ୍ତବ କଥା ହେଉଛି କେନ୍ଦ୍ରାପଡା ଜିଲ୍ଲାରେ ୨୪୯ଟି ପଞ୍ଚାୟତ ଏବଂ ପ୍ରତି ପଞ୍ଚାୟତ, ପ୍ରତି ଗାଁରେ ବହୁ ପରିମାଣରେ ମଦ ବେପାର ଚାଲିଛି । ଅବସ୍ଥା ଏତେ ସଙ୍ଗୀନ ଯଦି କେହି ଜଣେ ଫୋନ କରି ନିଜର ଆବଶ୍ୟକତା ଜଣାଏ, ତେବେ କିଛି ମିନିଟ ଭିତରେ ନିଶାଦ୍ରବ୍ୟ ଆସି ପହଞ୍ଚି ଯାଉଛି । କେନ୍ଦ୍ରାପଡା ଜିଲ୍ଲାରେ ସରକାରୀ ଭାବେ ୬୭ଟି ଠିପି ବନ୍ଦ ଓ ୨୦ଟି ଠିପି ଖୋଲା ମଦ ଦୋକାନ ରହିଛି । ସରକାର ନିର୍ଦ୍ଦିଷ୍ଟ ମଦ ଦୋକାନୀମାନଙ୍କ ଠାରୁ ରାଜସ୍ୱ ଆଦାୟ କରିଥାଏ । ସେତିକି ରାଜସ୍ୱ ନଦେଲେ ଲାଇସେନ୍ସ ବାତିଲ ହୁଏ । ଦୋକାନୀମାନେ ରାଜସ୍ୱ ଦେବା ପାଇଁ ଆଇନତଃ ହେଉ ଅବା ବେଆଇନ ଭାବେ ମଦ ବ୍ୟବସାୟ ବୃଦ୍ଧି କରିବାରେ ଲାଗିଛନ୍ତି । ଦୋକାନରେ ହେଉ ଅବା ବାହାରେ ବ୍ୟବସାୟ କରିବାରେ ଲାଗିଛନ୍ତି । ମଦ ବ୍ୟବସାୟୀମାନେ ଖୁଚୁରା ବ୍ୟବସାୟୀ, ବେଆଇନ କାଉଣ୍ଟର, ତଥା ଗାଁ ଗଣ୍ଡାରେ ବିକ୍ରି କରି ରାଜସ୍ୱ ଦେଉଛନ୍ତି । ଏପରି କ୍ଷେତ୍ରରେ ଅବକାରୀ ବିଭାଗ ଓ ପୋଲିସ ବିଭାଗ ଅସହାୟ ହୋଇପଡ଼ିଛନ୍ତି । ମଦ ବ୍ୟାପାରୀଙ୍କୁ ଦଣ୍ଡ ବିଧାନ ପାଇଁ କୌଣସି ସ୍ୱତନ୍ତ୍ର ଆଇନ ନାହିଁ । ତେଣୁ ଆମେ ମଦ ବ୍ୟାପାରୀଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ଆଇନ ଆଣିବା ପାଇଁ ଦାବି କରୁଛୁ । ଯେମିତି ଗଞ୍ଜେଇ ବେପାର ପାଇଁ ସର୍ବାଧିକ ମାସେ ଜେଲରେ ରହିବାକୁ ହୁଏ ସେହିପରି ମଦ ପାଇଁ ସ୍ୱତନ୍ତ୍ର ଆଇନ ଆବଶ୍ୟକ । ଆଇନ ନଥିବା କାରଣରୁ କୋର୍ଟ ଚାଲାଣ ପରେ ଦସ୍ତଖତ କରି ଜାମିନ ନେଇ ବାହାରି ଯାଉଛନ୍ତି ଅପରାଧି । ଯଦିଓ ଆଇନତଃ ୬୭ ଠିପିବନ୍ଦ ଓ ୨୦ଟି




ଠିପିଖୋଲା ମଦ ଦୋକାନ ରହିଛି କିନ୍ତୁ ଅନେକ ବେଆଇନ ଭାବେ ନିଶା ବ୍ୟାପାର କରୁଛନ୍ତି । ସରକାରୀ ପ୍ରାୟୋଜିତ ମଦ ଦୋକାନ ଯେପର୍ଯ୍ୟନ୍ତ ବନ୍ଦ ନହୋଇଛି ସେପର୍ଯ୍ୟନ୍ତ ଚୋରା ନିଶା କାରବାର କେନ୍ଦ୍ରାପଡା ଜିଲ୍ଲାରେ ବନ୍ଦ ହେବା ସମ୍ଭବ ନୁହେଁ । ପୋଲିସ ପ୍ରଶାସନ, ଅବକାରୀ ବିଭାଗ କିମ୍ବା ଜିଲ୍ଲା ପ୍ରଶାସନ ଏହି ଚୋରା କାରବାରକୁ ବନ୍ଦ କରିପାରିବେ ନାହିଁ । ଅଷ୍ଟମ, ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନେ ବ୍ରାଉନ ସୁଗାର କବଳରେ ଭବିଷ୍ୟତ ନଷ୍ଟ କରିଛି । ଏପରିକି ଝିଅ ପିଲାମାନେ ବ୍ରାଉନ ସୁଗାର କବଳରେ ପଡ଼ିଛନ୍ତି । କେନ୍ଦ୍ରାପଡା ଜିଲ୍ଲାର ଗଳିକନ୍ଦି, ଛକ, ପାନ ଦୋକାନରେ ସମେତ ବିଭିନ୍ନ ସ୍ଥାନରେ ବ୍ରାଉନ ସୁଗାରର ବ୍ୟବସାୟ ଚାଲିଛି' ବୁଦ୍ଧିଜୀବୀ ଗୟାଧର ଧଳ ବୋଲି କହିଛନ୍ତି ।

ଜିଲ୍ଲାରେ ବଢୁଥିବା ନିଶା କାରବାର ଓ ଅବକାରୀ ବିଭାଗର ଭୂମିକାକୁ ନେଇ ବହୁ ପ୍ରଶ୍ନ ଉଠିବାରେ ଲାଗିଛି । ଜିଲ୍ଲା ଅବକାରୀ ନିରୀକ୍ଷକ ବିପ୍ରଚରଣ ମଣ୍ଡଳ କହିଛନ୍ତି,'ଆମେ ଚଳିତବର୍ଷ ଏପ୍ରିଲ ମାସରୁ ଆଜି ପର୍ଯ୍ୟନ୍ତ ଅର୍ଥାତ ଅକ୍ଟୋବର ମାସ ଶେଷ ସୁଦ୍ଧା (୭ମାସ) ମୋଟ ୬୭୦ଗ୍ରାମ ବ୍ରାଉନ ସୁଗାର ଜବତ କରିଛୁ । ଯାହାର ଆନୁମାନିକ ସରକାରୀ ମୂଲ୍ୟ ୬୭ଲକ୍ଷ ଟଙ୍କା ହେବ । ଏନେଇ ୧୦ଟି ମାମଲା ରୁଜୁ କରାଯାଇ ୧୨ ଜଣଙ୍କୁ ଗିରଫ କରାଯାଇଛି । ଏହା ସହିତ କାର ଓ ବାଇକ ଜବତ କରାଯାଇଛି । ସେହିପରି ଚୋରାମଦ ଅର୍ଥାତ ଲୋକମାନେ ଯାହାକୁ ତିଆରି କରନ୍ତି ଯାହାକୁ ଓଉ କ୍ଷସକ୍ତଙ୍କଙ୍କ୍ସ କୁହାଯାଏ । ଏହି ମଦ ମାର୍ଶାଘାଇ ଅଞ୍ଚଳରେ ଅଧିକ ମିଳିଥାଏ । ଆମେ ଏହା ଉପରେ ବାରମ୍ବାର ଚଢ଼ାଉ କରିବା ପରେ ଏହି ମଦ ପ୍ରସ୍ତୁତି ଏବେ କମିଯାଇଛି । ଏହି ମଦ କଟକ ଜିଲ୍ଲା ଆଠଗଡ଼ ଆଡୁ କେନ୍ଦ୍ରାପଡା ଜିଲ୍ଲାକୁ ଆସୁଥିଲା । ଗତ ୭ ମାସ ମଧ୍ୟରେ ପାଖାପାଖି ୧୧ ହଜାର ଲିଟର ରନ୍ଧା ମଦ ଜବତ କରିଛୁ । ଯେଉଁମାନଙ୍କ ଲାଇସେନ୍ସ ନଥାଇ ସେମାନେ ବିଦେଶୀ ମଦ ବ୍ୟବସାୟ କରୁଛନ୍ତି ଆମେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛୁ । ଏପ୍ରିଲରୁ ଆଜି ପର୍ଯ୍ୟନ୍ତ ଏହି ଲାଇସେନ୍ସ ନପାଇ ଚୋରାରେ ବିଦେଶୀ ମଦ ବେପାର କରୁଥିବା ୬୯୦ ଜଣ ବେପାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଅଦ୍ୟାବଧି ୧୯,୯୮୬ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇଛି । ଗତବର୍ଷ ନକଲି ମଦ ସମ୍ପର୍କରେ ଆମେ ୨ଟି ମାମଲା ରୁଜୁ କରିଥିଲୁ । ସେମାନେ ବାହାରୁ ସ୍ପିରିଟ ଆଣି ନକଲି ମଦ ତିଆରି କରୁଥିଲେ । ଦୁଇଜଣ ବେପାରୀଙ୍କ ଠାରୁ ମଦ ଜବତ କରିବା ସହ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲୁ । ଏହି ମାମଲାରେ ସେମାନେ ପାଖାପାଖି ୬୦ଦିନରୁ ଅଧିକ ଦିନ ଜେଲରେ ରହିଥିଲେ । ରନ୍ଧା ଚୋରା ମଦ ଜିଲ୍ଲାରେ ପ୍ରସ୍ତୁତ ହେଉଛି ହେଲେ ନକଲି ବିଦେଶୀ ମଦ ଜିଲ୍ଲାରେ ଆଉ ପ୍ରସ୍ତୁତ ହେଉନାହିଁ' ବୋଲି ଅବକାରୀ ନିରୀକ୍ଷକ ବିପ୍ରଚରଣ ମଣ୍ଡଳ କହିଛନ୍ତି ।

ଚୋରାମଦ ଓ ବ୍ରାଉନ ସୁଗାର ବେପାର ସମ୍ପର୍କରେ ଅବକାରୀ ବିଭାଗ ପଦକ୍ଷେପ ନେଉଥିବା ବେଳେ ଦିନକୁ ଦିନ ବ୍ୟବସାୟ ବୃଦ୍ଧି ହୋଇ ବେପାରୀ ସଂଖ୍ୟା ବଢିବା ସମ୍ପର୍କରେ ଅବକାରୀ ଅଧିକ୍ଷକ କହିଛନ୍ତି, ଅବକାରୀ ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରୁଛୁ । ଏହା ପରେ ସେମାନେ ଗୋଟିଏ ଦିନ ଜେଲରେ ରହି ପରଦିନ ସାଧାରଣ ଜାମିନରେ ବାହାରକୁ ଆସୁଛନ୍ତି । ଯେଉଁଥିପାଇଁ ଆମେ ବାରମ୍ବାର ଚଢ଼ାଉ କଲେ ବି ସେମାନେ ଏଥିରେ ଅଭ୍ୟସ୍ତ ହୋଇଗଲେଣି । ଯେତେ ଥର ଗିରଫ ହେଲେ ମଧ୍ୟ ଦିନକ ପରେ ଜାମିନରେ ଆସି ପୁଣି ବେପାର କରୁଛନ୍ତି ଏହି ଅପରାଧୀ । ଅଭିଯୁକ୍ତଙ୍କ ଦଣ୍ଡ ବିଧାନକୁ ବଢାଇବା ପାଇଁ ଆମେ ମନ୍ତ୍ରୀଙ୍କ ସହିତ କମିଶନରଙ୍କ ମିଟିଂରେ ମଧ୍ୟ ଅନୁରୋଧ କରିଛୁ । ଏହା ବର୍ତ୍ତମାନ ସରକାରୀ ସ୍ତରରେ ବିଚାରାଧିନ ଅଛି । ଏପରି ହେଲେ ଚୋରା ମଦ ବ୍ୟବସାୟ ଉପରେ ରୋକ ଲାଗିପାରିବ ।





## ବ୍ରହ୍ମପୁର ସହରରେ ବେଆଇନ୍ ପାଥୋଲୋଜି ସଂଖ୍ୟା ବଢୁଛି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ରୋଗ ନିର୍ଣ୍ଣୟ କରିବାରେ ପାଥୋଲୋଜିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ରୋଗୀଙ୍କ ରକ୍ତ, ମଳ, ମୂତ୍ର ପରୀକ୍ଷାରୁ ଅନେକ ରୋଗ ଚିହ୍ନଟ ହୋଇଥାଏ । ଫଳରେ ଚିକିତ୍ସା ପୂର୍ବରୁ ଡାକ୍ତର ରୋଗୀଙ୍କୁ ବିଭିନ୍ନ ପରୀକ୍ଷା ନିମନ୍ତେ ପରାମର୍ଶ କରିଥାନ୍ତି । ଏଭଳି କ୍ଷେତ୍ରରେ ସହରରେ ବିଭିନ୍ନ ସ୍ଥାନରେ ୬୦ରୁ ଊର୍ଦ୍ଧ୍ୱ ପାଥୋଲୋଜି ଲାବ୍ ରହିଛି । କିନ୍ତୁ ସେଥିମଧ୍ୟରୁ ଅନେକ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଠାରୁ ଅନୁମତି ନେଇନଥିବା ଜଣାପଡ଼ିଛି । ଫଳରେ ଏହି କେନ୍ଦ୍ରଗୁଡ଼ିକରେ ରୋଗୀଙ୍କ ରକ୍ତ, ମଳ, ମୂତ୍ର ପରୀକ୍ଷା ପରେ ଯେଉଁ ରିପୋର୍ଟ ପ୍ରଦାନ କରାଯାଉଛି ତାହା କେତେଦୂର ଠିକ୍ ରହିଛି ସେନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ସହରରେ ଦିନକୁ ଦିନ ଏଭଳି ବେଆଇନ୍ ପାଥୋଲୋଜି ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଏଥିରେ ରୋକ୍ ଲଗାଇବାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ବିଫଳ ହୋଇଥିବା ଅଭିଯୋଗ ହୋଇଛି । ଏହାର ସୁଯୋଗ ନେଇ ଲାବ ଗୁଡ଼ିକ ରୋଗୀଙ୍କ ଠାରୁ ପରୀକ୍ଷା ଆଳରେ ମୋଟା ଅଙ୍କର ଟଙ୍କା ଲୁଟ୍ କରୁଛନ୍ତି । ଗଞ୍ଜାମ ଜିଲ୍ଲାରେ ମୋଟ୍ ୨୨ଟି ଘରୋଇ ପାଥୋଲାବ୍ ରହିଥିବା ବେଳେ ସେଥିମଧ୍ୟରୁ ୨୦ଟି ବ୍ରହ୍ମପୁର ସହରରେ ରହିଛି । ଅନ୍ୟ ଦୁଇଟି ଲାବ୍ ମଧ୍ୟରୁ ଗୋଟିଏ ହିଞ୍ଜିଳିକାଟୁରେ ରହିଥିବା ବେଳେ ଅନ୍ୟଟି ଖଲ୍ଲିକୋଟ ବ୍ଲକ୍‌ରେ ରହିଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ନିୟମ ଅନୁଯାୟୀ ଜଣେ ବ୍ୟକ୍ତି ଘରୋଇ ପାଥୋଲୋଜି ପଞ୍ଜିକରଣ ପୂର୍ବରୁ ଶିକ୍ଷାଗତ ଯୋଗ୍ୟତା ଥିବା ଟେକ୍ନିସିଆନ୍, ଜଣେ ଇନ୍‌ଚାର୍ଜ ଡାକ୍ତର ସହିତ ଅନ୍ୟାନ୍ୟ ସୁବିଧା ସବୁ ଉପଲବ୍ଧ ରହିବା ଅତ୍ୟନ୍ତ ଜରୁରୀ । କିନ୍ତୁ ଗତ କିଛି ବର୍ଷ ମଧ୍ୟରେ ସହରରେ ମାଳ ମାଳ ପାଥୋଲୋଜି ଲ୍ୟାବ୍ ଖୋଲିଥିବା ଦେଖିବାକୁ ମିଳିଛି । କିଛି ହାତଗଣତି ଲାବ ପଞ୍ଜିକରଣ କରିଥିବା ବେଳେ ଅନ୍ୟମାନେ ନିୟମକୁ ପାଳନ କରୁନଥିବା ଦେଖିବାକୁ ମିଳିଛି । ଏଭଳି ବେଆଇନ୍ ପାଥୋଲ୍ୟାବ୍ ଦ୍ୱାରା ରୋଗୀଙ୍କର ବିଭିନ୍ନ ପରୀକ୍ଷା କରାଇବା ସହ ରିପୋର୍ଟ ପ୍ରସ୍ତୁତି ନିୟମ ଉଲ୍ଲଂଘନ ବୋଲି କୁହାଯାଇଛି । ଏଥିସହିତ ରୋଗୀଙ୍କ କ୍ଷେତ୍ରରେ ଏହା ବିପଦଜନକ ହୋଇଥାଏ । ଏଭଳି ଭାବେ ପ୍ରତିଦିନ ରୋଗୀଙ୍କ ଠାରୁ ଶତାଧିକ ନମୁନା ସଂଗ୍ରହ କରାଯାଇଛି । ସେଥିମଧ୍ୟରୁ ବିଭିନ୍ନ ସମୟରେ ଅନେକ ରୋଗୀ ପରୀକ୍ଷା ରିପୋର୍ଟ ଭୁଲ୍ ରହିଥିବା ରୋଗୀ ଅଭିଯୋଗ କରନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଅଭାବରୁ ଦିନକୁ ଦିନ ସହରରେ ଏଭଳି ବେଆଇନ୍ ପାଥୋଲ୍ୟାବ୍ ଖୋଲିବାରେ ଲାଗିଛି । ଲାବ୍ ଗୁଡ଼ିକ କିଛି ଘରୋଇ ଡାକ୍ତରଖାନା ସହ ସଲାସୁତୁରାରେ ରହି ରୋଗୀଙ୍କୁ ପରୀକ୍ଷା ନାମରେ ମୋଟା ଅଙ୍କର ଟଙ୍କା ଲୁଟ୍ କରୁଥିବା ନଜିର ରହିଛି । ଏଣୁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ବ୍ରହ୍ମପୁର ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ନିୟମିତ ଚଢ଼ଉ କରି ଏଭଳି ବେଆଇନ୍ ପାଥୋଲ୍ୟାବ୍‌କୁ ଚିହ୍ନଟ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

## ଗଣମାଧ୍ୟମର ବିଶ୍ୱାସନୀୟତା ଅକ୍ଷୁର୍ଣ୍ଣ ରଖିବା ଉପରେ ଗୁରୁତ୍ୱ

**କେନ୍ଦୁଝର, ନ୍ୟୁଜ୍**

ଦିନକୁ ଦିନ ବ୍ୟାପକ ଭାବେ ବୃଦ୍ଧି ପାଉଥିବା ଭ୍ରମାତ୍ମକ ସୂଚନା ମଧ୍ୟରେ ଗଣମାଧ୍ୟମର ବିଶ୍ୱସନୀୟତାକୁ ଅତୁଟ ରଖିବା ପାଇଁ ନୂତନ ଆହ୍ୱାନ୍ ସହିତ କେନ୍ଦୁଝରରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଦରବାର ହଲ୍ ଠାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହିତ ଜିଲ୍ଲାସ୍ତରୀୟ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ। ଚଳିତ ବର୍ଷର ବିଷୟବସ୍ତୁ, 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱସନୀୟତାର ସଂରକ୍ଷଣ 'ସମଗ୍ର କାର୍ଯ୍ୟକ୍ରମର ଆଲୋଚନାକୁ ମାର୍ଗଦର୍ଶନ କରିଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଯୋଗଦେଇ, ସାମାଜିକ ସଦ୍ଭାବ ବଜାୟ ରଖିବାରେ ସାମ୍ବାଦିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଯେଉଁ ଯୁଗରେ ଯାଞ୍ଚ



କରାଯାଇଥିବା ତଥ୍ୟ ଅପେକ୍ଷା ଭୁଲ୍ ସୂଚନା ଦ୍ରୁତ ଗତିରେ ବ୍ୟାପିଥାଏ, ସେଠାରେ ପ୍ରେସ୍‌ର ଦାୟିତ୍ୱ ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଯାଏ ବୋଲି ଶ୍ରୀ ମହାଳିକ କହିବା ସହ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସର୍ବଦା ସଠିକତା, ନିରପେକ୍ଷତା ଏବଂ ବୃତ୍ତିଗତ ନୀତିକୁ ବଜାୟ ରଖିବାକୁ ଆହ୍ୱାନ୍ କରିଥିଲେ। କେନ୍ଦୁଝର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ ସମୟୋଚିତ ତଥ୍ୟ ଯାଞ୍ଚ ଏବଂ ଖବରର ଦାୟିତ୍ୱପୂର୍ଣ୍ଣ ପ୍ରସାରଣର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଡିଜିଟାଲ ପ୍ଲାଟଫର୍ମରେ ଭୁଲ୍ ସୂଚନା ବ୍ୟାପକ ଭାବରେ ପ୍ରସାରିତ ହେଉଥିବା ସାମ୍ପ୍ରତିକ ଘଟଣାଗୁଡ଼ିକ ଉଲ୍ଲେଖ କରି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସତର୍କ ରହିବାକୁ ଏବଂ ଗତି ଅପେକ୍ଷା ଯାଞ୍ଚକୁ ପ୍ରାଥମିକତା ଦେବାକୁ ଅନୁରୋଧ କରିଥିଲେ। ନାଗରିକମାନଙ୍କ ସହିତ ସଠିକ୍ ଏବଂ ସ୍ୱଚ୍ଛ ଯୋଗାଯୋଗ ସୁନିଶ୍ଚିତ କରିବା ପାଇଁ ଗଣମାଧ୍ୟମ ସହିତ ନିବିଡ଼ ଭାବରେ କାମ କରିବା ପାଇଁ ପ୍ରଶାସନର ପ୍ରତିବଦ୍ଧତାକୁ ସେ ଦୋହରାଇଥିଲେ। ସମ୍ମାନିତ ଅତିଥି ଭାବେ ଏସିଏଫ ସୁଶାନ୍ତ ପଣ୍ଡା, ଆଇଆଇସି ସନାତନ ପାତ୍ର, କେନ୍ଦୁଝର ପ୍ରେସ୍ କ୍ଲବ ସଭାପତି ଜୟନାରାୟଣ ପଣ୍ଡା ଏବଂ କୋଷାଧ୍ୟକ୍ଷ ଦେବାଶିଷ ମିଶ୍ର ଯୋଗଦେଇ ମିଥ୍ୟା ଖବରର ସମ୍ଭାବ୍ୟ ବିପଦ ବିରୁଦ୍ଧରେ ଲଢ଼ିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ଅନେକ ସାମ୍ବାଦିକ ମଧ୍ୟ ପରିବର୍ତ୍ତିତ ଦୃଶ୍ୟପଟ୍ଟରେ, ଭୁଲ୍ ସୂଚନା ଦ୍ୱାରା ଉପୁଜିଥିବା ବର୍ଦ୍ଧିତ ଚ୍ୟାଲେଞ୍ଜ ଏବଂ ନିରନ୍ତର ବୃତ୍ତିଗତ ବିକାଶର ଆବଶ୍ୟକତା ଉପରେ ସେମାନଙ୍କର ମତାମତ ଏବଂ ଅଭିଜ୍ଞତା ବାଣ୍ଟିଥିଲେ। ସୌହାର୍ଦ୍ଦ୍ୟ ଏବଂ ଏକତାର ନିଦର୍ଶନ ସ୍ୱରୂପ, ଜାତୀୟ ପ୍ରେସ୍ ଦିବସ ପାଳନକୁ ଆହୁରି ସ୍ମରଣୀୟ କରିବା ପାଇଁ କେକ୍ କଟାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରଭାବଶାଳୀ ସାର୍ବଜନୀନ ସେବା ପ୍ରଦାନ ଏବଂ ସ୍ୱଚ୍ଛ ଶାସନ ସୁନିଶ୍ଚିତ କରିବାରେ ଜିଲ୍ଲା ପ୍ରଶାସନ ଏବଂ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ମଧ୍ୟରେ ଆବଶ୍ୟକତା ଥିବା ସହଯୋଗ ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ସାମ୍ବାଦିକତାର ନୀତିଗତ ମାନଦଣ୍ଡ ବଜାୟ ରଖିବା ଏବଂ ଏକ ଦାୟିତ୍ୱବାନ ସମାଜ ଗଠନ ପାଇଁ ମିଳିତ ଭାବରେ କାର୍ଯ୍ୟ କରିବା ପାଇଁ ସମସ୍ତ ସାମ୍ବାଦିକ ବନ୍ଧୁଙ୍କ ପ୍ରତିଶ୍ରୁତି ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

## ମାର୍‌ପିଟ୍ କରି ଅଭିଯୁକ୍ତ ଅଦାଲତ ଚାଲାଣ

**କୋରେଇ, ନ୍ୟୁଜ୍ ବ୍ୟୁରୋ**

ପାଣିକୋଇଲି ପୋଲିସ ମାର୍‌ପିଟ୍ ଓ ଗଣ୍ଡଗୋଳ କରିଥିବା ଅଭିଯୁକ୍ତକୁ ଗିରଫ କରି ଅଦାଲତ ଚାଲାଣ କରିଛି । ପ୍ରକାଶ ଯେ ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ପଞ୍ଚାୟତର ଦଇଦାସ ପାଟଣା ଗ୍ରାମର ଲକ୍ଷ୍ମଣ ମୁର୍ମୁଙ୍କ ଅଭିଯୋଗ ମୁତାବକ ତାଙ୍କ ପଡ଼ୋଶୀ ଜଗୁ ଓରଫ ରାଜେନ୍ଦ୍ର ହେମ୍ବ୍ରମ୍ ତାଙ୍କ ପରିବାର ସହିତ ଗଣ୍ଡଗୋଳ କରି ମାର୍‌ପିଟ୍ କରିଥିଲା। ଯାହାଫଳରେ ସେମାନେ ଆହତ ହୋଇଥିଲେ। ଏନେଇ ଲକ୍ଷ୍ମଣ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ପୋଲିସ ଏକ ମାମଲା କେସ୍ ନଂ ୩୭୨/୨୫ ରୁଜୁ କରିଥିଲା। ଜଗୁକୁ ଗିରଫ କରିବା ପରେ ଅଦାଲତ ଚାଲାଣ କରାଯାଇଥିବା ତଦନ୍ତାଧିକାରୀ ସବ୍‌ଇନ୍ସପେକ୍ଟର ପ୍ରଶାନ୍ତ ଦାଶ ସୂଚନା ଦେଇଛନ୍ତି।

## ବରଗଡ଼ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ଗଣମାଧ୍ୟମ ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ଜରୁରୀ:ଜିଲ୍ଲାପାଳ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ମହା ଆଡ଼ମ୍ବର ସହକାରେ ପାଳିତ ହୋଇଛି । ସମାରୋହରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରିବା ସହ କହିଥିଲେ ଯେ, ଗଣମାଧ୍ୟମ ହେଉଛି ସମାଜର ଦର୍ପଣ, ସମାଜରେ ଘଟୁଥିବା ପ୍ରତ୍ୟେକ ନୀତି-ଅନୀତି, ଉନ୍ନତି-ଅବନତି ଏବଂ ବିଭିନ୍ନ ବିଷୟ ଉପରେ ଦେଖାଯାଉଥିବା ମତ ଓ ଭିନ୍ନ ମତକୁ ଲୋକଲୋଚନକୁ ଆଣିବା ହେଉଛି ଗଣମାଧ୍ୟମର ଦାୟିତ୍ୱ । ଏହି ଦାୟିତ୍ୱକୁ ଯେଉଁ ଗଣମାଧ୍ୟମ ସଠିକ୍ ଭାବେ ତୁଲାଇ ଜନସମାଜର ବିକାଶ ସହିତ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବାରେ ସହାୟକ ହୁଅନ୍ତି, ସେମାନେ ହେଉଛନ୍ତି ବାସ୍ତବରେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଯୁଗରେ ପ୍ରତ୍ୟେକ ଖବରକୁ ପୁଙ୍ଖାନୁପୁଙ୍ଖ ଭାବେ ତର୍ଜମା କରିବା ଉଚିତ୍। ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଉକ୍ତ ବର୍ଷର ବିଷୟ ବସ୍ତୁ "ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି




ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱାସନୀୟତାର ସଂରକ୍ଷଣ", ଗଣମାଧ୍ୟମ ଜଗତର ଆଜିର ପରିପ୍ରେକ୍ଷୀରେ ଅତ୍ୟନ୍ତ ସାମୟିକ ଓ ଗୁରୁତ୍ୱପୂର୍ଣ୍ଣ । ତେଣୁ ସମସ୍ତେ ସତ୍ୟ, ନିରପେକ୍ଷ ଏବଂ ନୀତିସଂପନ୍ନ ସାମ୍ବାଦିକତା ପ୍ରତି ଅବିରତ ପ୍ରୟାସ କରିବା ସହ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଓ ଗଣତନ୍ତ୍ରୀୟ ମୂଲ୍ୟବୋଧ ସୁଦୃଢ଼ କରିବା ପାଇଁ କାର୍ଯ୍ୟ କରିବା ଉଚିତ୍। ସୋସିଆଲ୍ ମିଡ଼ିଆ ଓ ତୀବ୍ର ସୂଚନା ଗତିର ଯୁଗରେ ଯେଉଁଠି ଭ୍ରମାତ୍ମକ ସୂଚନା ଦ୍ରୁତ ଭାବେ ପ୍ରସାରିତ ହେଉଛି, ସେଠି ସମସ୍ତେ ସତ୍ୟନିଷ୍ଠ ଓ ଦାୟିତ୍ୱଶୀଳ ସାମ୍ବାଦିକତା କରି ଜନମାନସରେ ଆସ୍ଥା ଓ ବିଶ୍ୱାସ ଜଗାଇ ପାରିଲେ ଆମ ସାମ୍ବାଦିକତା ସାର୍ଥକ ହେବ। ବିଭିନ୍ନ ପରିବର୍ତ୍ତନଗୁଡିକ ସତ୍ତ୍ୱେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ହୋଇ ସଠିକ୍ ତଥ୍ୟ ଲୋକଲୋଚନକୁ ଆଣିବା ସହ ଜନସାଧାରଣଙ୍କ ଆଗରେ ସତ୍ୟତା ପ୍ରତିପାଦନ କରିବା ହେଉଛି ସାମ୍ବାଦିକତାର ମୂଳମନ୍ତ୍ର । ତେଣୁ ସମସ୍ତ ଗଣମାଧ୍ୟମ ପ୍ରତିନିଧି ସାମ୍ବାଦିକତାର ମୂଳମନ୍ତ୍ରକୁ ପାଥେୟ କରି କାର୍ଯ୍ୟକରିବା ସହ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଶାସନ ସହିତ ସମନ୍ୱୟ ରଖି କାର୍ଯ୍ୟ କରିବା ଉଭୟଙ୍କ ପାଇଁ ନିହାତି ଜରୁରୀ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଏବଂ ଡେପୁଟି କଲେକ୍ଟର ସୂର୍ଯ୍ୟମଣୀ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ସମ୍ବାଦିକତା ମାଧ୍ୟମରେ ଏକ ସୁସ୍ଥ ଗଣତନ୍ତ୍ର ପାଇଁ ସମ୍ପ୍ରଦାୟକୁ ସଂଯୋଗ କରିବା ସହ ସମାଜକୁ ଅବଗତ କରାଇବାରେ ଗଣମାଧ୍ୟମ ପ୍ରତିନିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ, ତେଣୁ ସମୟର ତାଳ ସହ ତାଳ ମିଶାଇ ନିଜକୁ ଶିକ୍ଷିତ କରିବା ଆବଶ୍ୟକ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ଭାବେ ସମାଜ ଖବର କାଗଜର ଜିଲ୍ଲା ପ୍ରତିନିଧି ବାଲାଜୀ ବିଭୁରଞ୍ଜନ ତରାସିଆ ଏବଂ ନ୍ୟୁଜ-୧୮ ଓଡ଼ିଆ ଜିଲ୍ଲା ପ୍ରତିନିଧି ରଞ୍ଜନ କୁମାର ଦେବତା ଜାତୀୟ ପ୍ରେସ୍ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ବୁଝାଇ କହିବା ସହିତ ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି ସମ୍ବାଦିକତାର ଗାରିମାକୁ ବଜାୟରଖିବା ଏବଂ ଏକତ୍ରୀତ ହୋଇ ପ୍ରସାଶନ ସହ ସମନ୍ୱୟ ରଖି କାର୍ଯ୍ୟ କରିବା ପାଇଁ କହିଥିଲେ ଏବଂ ଓଟିଭି ଜିଲ୍ଲା ପ୍ରତିନିଧି ଧର୍ମଦତ୍ତ ପାଢ଼ୀ ସୁନ୍ଦର କବିତା ପାଠ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି, ଲୋକ ସମ୍ପର୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ଫେବୃୟାରୀ ୨୫ରୁ ଶ୍ରୀଚୈତନ୍ୟ ଦେବଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଦୋବଲ ନିକଟସ୍ଥ ସୋହଡ଼ା ପଞ୍ଚାୟତର ଗୌରାଙ୍ଗପୁର ଜୟନ୍ତୀରା ମଠ ପରିସରରେ ଶ୍ରୀ ଚୈତନ୍ୟ ଦେବଙ୍କ ନୂତନ ବିଗ୍ରହ ପ୍ରତିଷ୍ଠାକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟ ପୁରୋଧା ବରଦା ପ୍ରସାଦ ମହାପାତ୍ରଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ ଶତାଧିକ ଅଞ୍ଚଳବାସୀ ଯୋଗଦେଇଲେ। ଏହି ପ୍ରାଚୀନ ମଠରେ ପ୍ରାୟ ୪୦୦ ବର୍ଷ ହେଲା ଚୈତନ୍ୟ ଦେବଙ୍କ ମୂର୍ତ୍ତି ପୂଜାଅର୍ଚ୍ଚନା ଚାଲିଆସୁଛି। କିନ୍ତୁ ଅଧିକ ବର୍ଷ ହେବାରୁ ପୁରୁଣା ବିଗ୍ରହ ନଷ୍ଟ ହୋଇଯାଇଥିବା ଦେଖି ଅଞ୍ଚଳବାସୀଙ୍କ ପକ୍ଷରୁ ନୂତନ ବିଗ୍ରହ ପ୍ରତିଷ୍ଠାର ସଂକଳ୍ପ ଗ୍ରହଣ କରାଯାଇଛି। ଏହି ପ୍ରତିଷ୍ଠା ଉତ୍ସବ ଆସନ୍ତା ଫେବୃୟାରୀ ୨୫ରୁ ୨୮ ତାରିଖ ମଧ୍ୟରେ ବିଭିନ୍ନ ଧାର୍ମିକ ସାଂସ୍କୃତିକ ସୂଚୀ ଅନୁଯାୟୀ ଭବ୍ୟ ରୂପେ ପାଳନ କରାଯିବ ବୋଲି ସୂଚନା ଦିଆଯାଇଛି। ପ୍ରତିଦିନ ୧୦ ହଜାର ଭକ୍ତଙ୍କ ସମାଗମ ହେବ ବୋଲି ପରିଚାଳନା ମଣ୍ଡଳୀ ଅନୁମାନ



କରିଛି। ୧୫୨୬ ମସିହାରେ ବଂଶୀଧର ଗୋସ୍ୱାମୀ ପ୍ରଥମେ ଏଠାରେ ମଠ ସ୍ଥାପନା କରିଥିଲେ। ପୁରୀ ଯାତ୍ରାଦ୍ୱୁରାନ୍ତରେ ଶ୍ରୀ ଚୈତନ୍ୟ ଦେବ ଏହି ଗୌରାଙ୍ଗପୁର ମଠରେ ଏକ ଦିନ ବିଶ୍ରାମ କରିଥିଲେ। ସେଥିପାଇଁ ପରବର୍ତ୍ତୀକାଳରେ ଏହି ମଠ 'ଚୈତନ୍ୟ ମଠ' ନାମରେ ପରିଚିତ ହେଲା ଏବଂ ଗୌରାଙ୍ଗ ଦେବଙ୍କ ନାମରେ ଗ୍ରାମର ନାମ 'ଗୌରାଙ୍ଗପୁର' ହୋଇଥିଲା। ନୂତନ ବିଗ୍ରହ ନିର୍ମାଣ ପାଇଁ ଗତ ଜୁଲାଇ ମାସ ୧ ତାରିଖ ଖଡିପଦା ପଞ୍ଚାୟତର କୋରକଦା ଗ୍ରାମର କନକେଇ ଏସ୍‌କେପ୍ ନିକଟରେ ଦିଗାମ୍ବର ସାମଲଙ୍କ ବାଡ଼ିରେ ଥିବା ପ୍ରାୟ ୨୦୦ ବର୍ଷ ପୁରୁଣା ନିମ୍ବ ଗଛକୁ ବଛାଯାଇ ପୂଜାର୍ଚ୍ଚନା ପରେ ଛେଦନ କରାଯାଇ ଦାରୁ ନିର୍ମାଣ ଲାଗି ପୁରୀକୁ ପଠାଯାଇଛି। ଏହି ବୈଠକରେ ମୁଖ୍ୟ ପୁରୋଧା ବରଦା ପ୍ରସାଦ ମହାପାତ୍ରଙ୍କ ସମେତ ନୃସିଂହ ଚରଣ ମହାପାତ୍ର, ବିଜୟ କୁମାର ଦାସ, ଘନଶ୍ୟାମ ଦାସ, ଧରଣୀଧର ମହାପାତ୍ର, ଦଶରଥ ଦାସ, ଖଗେଶ୍ୱର ଦାସ ଆଦି ପରିଚାଳନା କରିଥିଲେ। ସ୍ଥାନୀୟ ନେତା ଅରବିନ୍ଦ ପତି, ପ୍ରତାପ ସାମଲ, ସନ୍ତୋଷ ଦାଶମହାପାତ୍ର ସହଯୋଗ କରିବାକୁ ସମର୍ଥନ ଦେଇଥିଲେ। ତପନ କୁମାର ଦାସ, ହରିହର ଦାସ, ସୁଶିଲ ଦାସ, ରବିନ୍ଦ୍ର ଦାସ, ଅମରେଶ ଦାସ, ସନ୍ତୋଷ ଦାସ ଓ ଅନ୍ୟମାନେ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।




## ଭ୍ରମାତ୍ମକ ଖବର ପ୍ରସାର ବଢୁଛି

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସ୍ଥିତ ସଦ୍‌ଭାବନା ଗୃହରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ଗୋଚ୍ଛାୟତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ମହାନ୍ତି ଓ ଉଦଳା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଚଳିତ ବର୍ଷ ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱସନୀୟତା ସଂରକ୍ଷଣ ବିଷୟ ବସ୍ତୁ ଉପରେ ଏଥିରେ ଆଲୋଚନା କରାଯାଇଥିଲା। ଜିଲ୍ଲାର ବିଭିନ୍ନ ସ୍ଥାନରୁ ଅନେକ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ସାମ୍ବାଦିକମାନେ ଉପସ୍ଥିତ ରହିଥିବା ବେଳେ ନିଜ ନିଜର ଅଭିଭାଷଣ ରଖିଥିଲେ।

## ଭିଜିଲାନ୍ସ ଜାଲରେ ବୟନଶିଳ୍ପ ସହକାରୀ ନିର୍ଦ୍ଦେଶକ ଓ ସମବାୟ ସମିତି ସମ୍ପାଦକ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ବୟନଶିଳ୍ପ ସହକାରୀ ନିର୍ଦ୍ଦେଶକ ସତ୍ୟାନନ୍ଦ ବେହେରା ଓ ବୟନଶିଳ୍ପ ଉଲୁଣ୍ଡାର ବୁଣାକାର ସମବାୟ ସମିତି ସମ୍ପାଦକ ରମାକାନ୍ତ ମେହେରଙ୍କୁ ପୋହି ଯୋଜନା ଅଧୀନରେ ତାଲିମ୍‌ପ୍ରାପ୍ତ ପ୍ରଶିକ୍ଷାର୍ଥୀଙ୍କ ବୃତ୍ତି ପାଇଁ ୩୬,୦୦୦ ଟଙ୍କା ଲାଞ୍ଚ ନେବା ମାମଲାରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଛି। ପ୍ରଶିକ୍ଷାର୍ଥୀ ମାନଙ୍କ ଠାରୁ ସେମାନଙ୍କର ତାଲିମ୍ ଭତ୍ତା ରାଶି ପ୍ରଦାନ କରିବା ପାଇଁ ମୋଟ୍ ୮୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିବା ବେଳେ ପ୍ରଥମ କିସ୍ତି ଭାବରେ ୩୬ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରିବା ସମୟରେ ମାଡି ବସିଥିଲା ଓଡ଼ିଶା ଭିଜିଲାନ୍ସ ଟିମ୍ । ତାଙ୍କ ପାଖରୁ ଲାଞ୍ଚ ନେଇଥିବା ୩୬ ହଜାର ଟଙ୍କା ନଗଦ ଜବତ କରାଯାଇଛି । ପରେ ରାତି ୧୦ଟା ବେଳେ ଉଭୟଙ୍କୁ ଗିରଫ ନେଇ ସୂଚନା ଦିଆଯାଇଛି । ପ୍ରଶିକ୍ଷାର୍ଥୀମାନେ POHI (ହସ୍ତତନ୍ତ ଶିଳ୍ପର





ପ୍ରୋତ୍ସାହନ) ଅଧୀନରେ TIE ଏବଂ ରଙ୍ଗ ତିଆରି ଏବଂ ବୟନ ଉପରେ ଦକ୍ଷତା ବୃଦ୍ଧି ତାଲିମ୍ ନେଉଥିଲେ । ଯୋଜନାର ମାର୍ଗଦର୍ଶିକା ଅନୁଯାୟୀ, ତାଲିମ୍ ଅବଧି ମଧ୍ୟରେ ଜଣେ ପ୍ରଶିକ୍ଷାର୍ଥୀ ପ୍ରତିଦିନ ୨୦୦ ଟଙ୍କା ଭତ୍ତା ପାଇଥାନ୍ତି । ତାଲିମ୍ ଶେଷ ହେବାକୁ ଯାଉଥିବାରୁ ପ୍ରଶିକ୍ଷାର୍ଥୀମାନେ ସହକାରୀ ନିର୍ଦ୍ଦେଶକ ଶ୍ରୀ ବେହେରାଙ୍କୁ ସେମାନଙ୍କର ଭତ୍ତା ରାଶି ପ୍ରଦାନ କରିବାକୁ ଅନୁରୋଧ କରୁଥିଲେ । କିନ୍ତୁ ଅଭିଯୁକ୍ତ ସହକାରୀ ନିର୍ଦ୍ଦେଶକ ଶ୍ରୀ ବେହେରା ପ୍ରଶିକ୍ଷାର୍ଥୀ ମାନଙ୍କ ଠାରୁ ଭତ୍ତା ରାଶି ପ୍ରଦାନ ପାଇଁ ୮୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ । ଏହି ପ୍ରସଙ୍ଗରେ କ୍ଷୁବ୍ଧ ହୋଇ ସେମାନେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଘଟଣା ବିଷୟରେ ଜଣାଇଥିଲେ । ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଓଡ଼ିଶା ଭିଜିଲାନ୍ସର ଏକ ଦଳ ଅଭିଯୁକ୍ତ ଶ୍ରୀ ବେହେରାଙ୍କୁ ଗିରଫ କରିଛି । ପରେ ସହକାରୀ ନିର୍ଦ୍ଦେଶକ ଶ୍ରୀ ବେହେରାଙ୍କ ସହିତ ଜଡ଼ିତ ତିନୋଟି ସ୍ଥାନରେ ଏବଂ ଶ୍ରୀ ମେହେରଙ୍କ ସହିତ ଜଡ଼ିତ ଗୋଟିଏ ସ୍ଥାନରେ ଏକକାଳୀନ ସନ୍ଧାନ ଚାଲିଛି । ଅଭିଯୁକ୍ତ ଦ୍ୱୟ ଶ୍ରୀ ବେହେରା ଏବଂ ଶ୍ରୀ ମେହେରଙ୍କ ବିରୁଦ୍ଧରେ ସମ୍ବଲପୁର ଭିଜିଲାନ୍ସ ପିଏସ୍ କେସ୍ ନମ୍ବର ୨୫/୨୦୨୫, U/s-7/ 12PC (ସଂଶୋଧନ) ଆଇନ୍, ୨୦୧୮ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।

## ବାଲେଶ୍ୱର ଜିଲ୍ଲାରେ 'ଏକତା ପଦଯାତ୍ରା' ଜାରି

**ବାଲେଶ୍ୱର, ନ୍ୟୁଜ୍**

ଜିଲ୍ଲାପାଳଙ୍କ କନ୍‌ଫରେନ୍ସ ହଲ୍‌ରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କର ୧୫୦ତମ ଜୟନ୍ତୀ ଉପଲକ୍ଷେ "ଏକତା ପଦଯାତ୍ରା" ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ସମ୍ମିଳନୀ ଆୟୋଜିତ ହୋଇଥିଲା। ସଭାଟି ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଓ ବିଧାୟକ, ରେମୁଣା ତଥା ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ, ବାଲେଶ୍ୱର ସଦର ମାନସ କୁମାର ଦତ୍ତ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଉପସ୍ଥିତିରେ ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଅନ୍ୟ ଲାଇନ୍ ବିଭାଗ ଅଧିକାରୀ ମାନେ ଉପସ୍ଥିତ ଥିଲେ । ସଭାରେ ଜଣାଇ ଦିଆଯାଇଛି ଯେ, ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ନୀଳଗିରିରେ ପଦଯାତ୍ରା ସଫଳ ଭାବେ ଆୟୋଜିତ ହୋଇଛି । ଏହାପରେ ଭୋଗରାଇରେ ୧୮ ନଭେମ୍ବରରେ, ଏବଂ ବାଲେଶ୍ୱର ସଦରରେ ୨୫ ନଭେମ୍ବରରେ "ଏକତା ପଦଯାତ୍ରା" ଆୟୋଜିତ ହେବ। ଆସନ୍ତା ପଦଯାତ୍ରା ଭୀମପୁରାରୁ ପ୍ରାୟ ସକାଳ ୮ଟାରେ ଆରମ୍ଭ ହୋଇ, ସହଦେବଖୁଣ୍ଟା ଓ ଫାଣ୍ଡି ଚକ ମାର୍ଗରେ ପରମିଟ୍ ଫିଲ୍ଡରେ ସମାପ୍ତ ହେବ। ଆରମ୍ଭ ଓ ସମାପନ ସ୍ଥଳରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। ପଦାତିକଙ୍କ ପାଇଁ ପାଣି ଓ ଆବଶ୍ୟକ ସୁବିଧା ଯୋଗାଇବା ପାଇଁ କିଓସ୍କ ବ୍ୟବସ୍ଥା ରହିବ। ଜିଲ୍ଲା ପ୍ରଶାସନ ଦ୍ୱାରା



ଗୃହିତ ପ୍ରମୁଖ ନିର୍ଦ୍ଦେଶାବଳୀ:କ୍ଷେତ୍ରୀୟ ଶିକ୍ଷା ନିର୍ଦ୍ଦେଶକ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଛାତ୍ରଛାତ୍ରୀ ମୋବିଲାଇଜେସନ୍ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସିଭିଲ୍ ସୋସାଇଟିକୁ ସକ୍ରିୟ ଭାବେ ଯୋଗଦେବାକୁ ଅନୁରୋଧ କରାଯିବା ସହିତ ପୋଲିସ ବିଭାଗ ଆଇନ୍‌ଶୃଙ୍ଖଳା, ଯାନ ଚଳାଚଳ, ପାର୍କିଂ ଇତ୍ୟାଦି ଦେଖାଶୁଣା କରିବେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତଙ୍କ ସହଯୋଗ ଓ ସକ୍ରିୟ ଯୋଗଦାନକୁ ଆହ୍ୱାନ୍ କରାଯାଇଛି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ୱତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅଙ୍କ୨୯ଙ୍କ

**ତା୧୮।୧୧।୨୦୨୫, ମାର୍ଗଶିର ଦି୩ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୫୬।୫୩** **ଚନ୍ଦ୍ରୋଦୟ- ନିଘ୪।୫୯।୦୭କ**

**ତ୍ରୟୋଦଶୀ ମଳ-** ପ୍ରାଘ ୭।୧୨ପର୍ଯ୍ୟନ୍ତ । **ସ୍ୱାତୀ ନକ୍ଷତ୍ର ଓ ତୁଳା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ ଓ ମକର ରାଶିର। **ଘାତ ଚନ୍ଦ୍ର-** ନାସ୍ତି। **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବାଇଗଣ ପ୍ରାଘ ୭।୧୨ ଗତେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୧ ଗତେ ଘ ୬।୪୫ ମଧ୍ୟେ । ଦିଘ ୮।୪୬ ଗତେ ଘ ୧୧।୧୦ ମଧ୍ୟେ । **ପର୍ବୋତ୍ସବ-** ଶିବୋପବାସ ବେଢ଼ା ପରିକ୍ରମା ।



**ମେଷ:** ସୁଖକର ଘଟଣା ଘଟିପାରେ । କର୍ମକ୍ଷେତ୍ରରେ ସଫଳତା ମିଳିବ । ଉତ୍ତମ ଭୋଜନ ପ୍ରାପ୍ତ ହେବ । ଅନ୍ୟମନସ୍କ ରହିବାର ସୂଚନା । ଗୃହେ ଶାନ୍ତି ଲାଭ ହେବ । ବନ୍ଧୁ ଦର୍ଶନ ସହିତ ସହଯୋଗ ପ୍ରାପ୍ତ ହେବ ।



**ବୃଷ:** ଶତ୍ରୁମାନଙ୍କ ଠାରୁ ପରାସ୍ତ ହେବେ। ମାନସିକ ଶାନ୍ତି ପ୍ରାପ୍ତ ହେବ । ସୁସମ୍ବାଦ ପାଇବେ । ଆୟ ଓ ବ୍ୟୟ ସମାନ ରହିବ । ବ୍ୟସ୍ତତା ମଧ୍ୟରେ ଦିନଟି କଟିବ। ଠକାମୀର ଶିକାର ହୋଇପାରନ୍ତି । ଗୃହେ ଦ୍ୱନ୍ଦ୍ୱ ଦେଖାଦେଇପାରେ ।



**ମିଥୁନ:** ପ୍ରତ୍ୟେକ କାର୍ଯ୍ୟରେ ସଫଳତା ମିଳିବ । ରୋଜଗାର ମଧ୍ୟମ ଧରଣର ହେବ । କୌଣସି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରି ବ୍ୟସ୍ତ ରହିବେ । ପାରିବାରିକ କଳହ ଜାତ ହେବ । ନିଜର ସାଧନା ବଳରେ ସିଦ୍ଧି ଲାଭ କରିବେ ।



**କର୍କଟ:** କାର୍ଯ୍ୟକ୍ଷେତ୍ରରେ ବିଳମ୍ବ ପାଇଁ ବିରକ୍ତି ପ୍ରକାଶ ପାଇବ । ଅସହଯୋଗ ବୃଦ୍ଧି ହେବ । ଆୟ ଓ ବ୍ୟୟ ସମାନ ରହିବ । ବନ୍ଧୁବାନ୍ଧବ ବା କୁଟୁମ୍ବେ କଳହ ସୃଷ୍ଟି ହେବ । ଅଶାନ୍ତିର ସୂତ୍ରପାତ ଘଟିବ । ମନ ଅସ୍ଥିର ରହିବ ।



**ସିଂହ:** ପାରିବାରିକ ଶାନ୍ତି ଅବ୍ୟାହତ ରହିବ । ଦେବ ଦର୍ଶନର ସୁଯୋଗ ରହିଛି । ଶୁଭ କାର୍ଯ୍ୟ ପାଇଁ ଆଜି ଦିନଟି ଅତି ଉତ୍ତମ । ଦୂରଯାତ୍ରାରୁ କର୍ମପ୍ରାପ୍ତି । ବନ୍ଧୁ ବା ସହକର୍ମୀଙ୍କ ସହଯୋଗ ଲାଭ କରିବେ।



**କନ୍ୟା:** କର୍ମକ୍ଷେତ୍ରରେ ଆତ୍ମ ସନ୍ତୋଷ ଲାଭ କରିବେ । ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମନରେ ଅଶାନ୍ତି ଲାଗି ରହିବ । ଆୟରେ ବାଧା ଆସିପାରେ । ନିଜର ସ୍ୱାଧୀନତା ରହିବ ନାହିଁ । ଗୃହେ ଶାନ୍ତି ଲାଭ ।



**ତୁଳା:** ପଦସ୍ଥ କର୍ମକର୍ତ୍ତା ବା ଗୁରୁଜନଙ୍କ ଦ୍ୱାରା ପ୍ରଶଂସା ପ୍ରାପ୍ତ ହେବ । ନୂତନ କାର୍ଯ୍ୟ ପ୍ରାପ୍ତ ହେବ । ଗୃହରେ ଜଞ୍ଜାଳ ବଢ଼ିବ । ସୁଖ ସମ୍ମାନ ଲାଭ କରିବେ । ଆୟର ପରିମାଣ ପୂର୍ବପରି ରହିବାର ସୂଚନା ।



**ବିଛା:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ହେବ । ଯେଉଁ କାର୍ଯ୍ୟରେ ହାତ ଦେବେ ତାହା ସଫଳ ହେବ । ବିନା ପରିଶ୍ରମରେ ଆୟ ବୃଦ୍ଧି ହେବ । ଦେହ ସୁସ୍ଥ ରହିବ । ମନରେ ଅହଂକାର ଜାତ ହେବାର ସୂଚନା ।



**ଧନୁ:** ଅନେକ କ୍ଷେତ୍ରରୁ ପ୍ରଶଂସା ପ୍ରାପ୍ତ ହେବେ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । ଘରେ ଆନନ୍ଦ ଦେଖାଦେବ । ପିଲାମାନେ ପଢ଼ାପଢ଼ିରେ ଆଗେଇବେ । ମନ ଅସ୍ଥିର ରହିବ । କୌଣସି କାର୍ଯ୍ୟରେ ମନ ଲାଗିବ ନାହିଁ।



**ମକର:** ସହଯୋଗ ବିନା କାର୍ଯ୍ୟ ଅସମ୍ପୂର୍ଣ୍ଣ ହେବ । ଅସହଯୋଗ ବଢ଼ିବ । ଠକାମିର ଶିକାର ହେବେ । ଆୟର ପରିମାଣ କମିଯିବ । ପରିବାରରେ ସାମାନ୍ୟ ଅଶାନ୍ତିର ଆଶଙ୍କା । ଶତ୍ରୁମାନେ ନାଶ ହେବେ ।



**କୁମ୍ଭ:** ବ୍ୟବସାୟରେ ଲାଭବାନ ହେବେ । ଦେହ ଓ ମନ ଭଲ ରହିବ । ଘରେ ଆନନ୍ଦ ଦେଖାଦେବାର ସୂଚନା । ମହିଳାମାନେ ସୁଖୀ ହେବେ । ରୋଜଗାରର ପରିମାଣ ବଢ଼ିବ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି ।



**ମୀନ:** ଅଧିକ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିବେ । ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧୀ ହେବେ । ରୋଜଗାର ସ୍ଥିର ରହିବ । ପାରିବାରିକ ଅଶାନ୍ତି ଦେଖାଦେବାର ସୂଚନା ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ୱତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅଙ୍କ୨୯ଙ୍କ

**ତା୧୯।୧୧।୨୦୨୫, ମାର୍ଗଶିର ଦି୪ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ ୫।୫୭।୨୯** **ଚନ୍ଦ୍ରୋଦୟ- ରାଘ ୪।୦୮।୧୦**

**ଚତୁର୍ଦ୍ଦଶୀ-** ଦିଘ ୯।୪୩ ପର୍ଯ୍ୟନ୍ତ । **ସ୍ୱାତୀ ନକ୍ଷତ୍ର-** ପ୍ରାଘ ୭।୫୯ ପର୍ଯ୍ୟନ୍ତ। **ତୁଳା ଚନ୍ଦ୍ର-** ରାଘ ୪।୧୩ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ ଓ ମକର ରାଶିର। ରାଘ ୪।୧୩ ଗତେ ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଅମାବାସ୍ୟାର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବିରି ଦିଘ ୯।୪୩ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୧ ଗତେ ଘ ୮।୧୪ ମଧ୍ୟେ । ଦିଘ ୧।୨୨ ଗତେ ଘ ୩।୩୪ ମଧ୍ୟେ । **ପର୍ବୋତ୍ସବ-** ଦେବ ଦୀପାବଳୀ ଆରମ୍ଭ, ଶଚୀତୀର୍ଥ ସ୍ନାନ, ନିଶାପାଳନ, ନଷ୍ଟଚନ୍ଦ୍ର ଉପବାସ ।

ସମ୍ବାଦ କଳିକା 31 YEARS ସମ୍ପାଦକୀୟ

# ରୁଷରୁ ତେଲ କିଣା ବନ୍ଦକଲା ଭାରତ

ରୁଷରୁ ଭାରତୀୟ କମ୍ପାନିଗୁଡ଼ିକ ତେଲ କିଣିବା ବନ୍ଦ କରିଛନ୍ତି । ଡିସେମ୍ବର ମାସରେ ଆସିବାକୁ ଥିବା ତେଲ ପାଇଁ ୫ଟି ଭାରତୀୟ କମ୍ପାନି ଆଦେଶନାମା ରୁଷକୁ ଦେଇନାହାନ୍ତି ବୋଲି ଏହି ଶିଳ୍ପ ସହ ଜଡ଼ିତ ଅଧିକାରୀମାନେ ନିଜ ନାମ ଗୋପନ ରଖି ସୂଚନା ଦେଇଛନ୍ତି । ସାଧାରଣ ପରବର୍ତ୍ତୀ ମାସ ପାଇଁ କିଣାଯିବାକୁ ଥିବା ତେଲ ପାଇଁ ଚଳିତବର୍ଷ ୧୦ ତାରିଖ ମଧ୍ୟରେ ଆଦେଶନାମା ଦିଆଯାଇଥାଏ । ରୁଷଠାରୁ ତେଲ ନକିଣିବା ପାଇଁ ଦୀର୍ଘଦିନ ହେଲା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚାପ ପକାଇ ଆସୁଛନ୍ତି । ରୁଷଠାରୁ ଭାରତ ତେଲ କିଣୁଥିବାରୁ ଟ୍ରମ୍ପ ଜରିମାନା ଭାବେ ୨୫ ପ୍ରତିଶତ ଅଧିକ ଶୁଳ୍କ ନୂଆଦିଲ୍ଲୀ ଉପରେ ଲଗାଇଛନ୍ତି । ଫଳରେ ଭାରତର ରପ୍ତାନିକାରୀମାନେ ଏବେ ଆମେରିକାରେ ୫୦ ପ୍ରତିଶତର ଚଢ଼ା ଶୁଳ୍କର ସମ୍ମୁଖୀନ ହେଉଛନ୍ତି । ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ରାଜିନାମା ନେଇ ଆଲୋଚନା ଚାଲିଥିଲେ ମଧ୍ୟ ଏ ନେଇ କିଛି ଅଗ୍ରଗତି ହୋଇପାରିନାହିଁ । ଏଭଳି ସ୍ଥିତିରେ ରୁଷଠାରୁ ଭାରତ ତେଲ କିଣିବା ବନ୍ଦ ଖବର ସାମ୍ନାକୁ ଆସିଛି । ଯେଉଁ ୫ଟି କମ୍ପାନି ରୁଷଠାରୁ ତେଲ କିଣିବା ପାଇଁ ଆଦେଶ ଦେଇନାହାନ୍ତି ସେମାନେ ହେଲେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ, ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍, ମାଙ୍ଗାଲୋର ରିଫାଇନାରି ଆଣ୍ଡ୍ ପେଟ୍ରୋକେମିକାଲ୍ସ ଲିମିଟେଡ୍ଏବଂ ଏଚ୍‌ପିସିଏଲ୍-ମିତ୍ତଲ ଏନର୍ଜି ଲିମିଟେଡ୍ । ରୁଷରୁ ଭାରତ ଆମଦାନି କରୁଥିବା ଅଶୋଧିତ ତେଲର ଦୁଇ ତୃତୀୟାଂଶ ଏହି ୫ କମ୍ପାନି କରିଥାନ୍ତି ବୋଲି କେପଲର ତଥ୍ୟରୁ ଜଣାଯାଇଛି । କେବଳ ଭାରତୀୟ ତୈଳ ନିଗମ ଏବଂ ନାୟାରା ଏନର୍ଜି ଲିମିଟେଡ ରୁଷଠାରୁ କିଛି ପରିମାଣର ତେଲ କିଣିବା ପାଇଁ ଆଦେଶ ଦେଇଛନ୍ତି । ଆମେରିକା କଟକଣା ଲଗାଇ ନଥିବା କମ୍ପାନିଠାରୁ ଭାରତୀୟ ତୈଳ ନିଗମ ତେଲ କିଣିଛି । ନାୟାରା ରୁଷ କମ୍ପାନି ରୋଜନେଫ୍ଟର ଏକ ଅଂଶ ହୋଇଥିବାରୁ ଏହି କମ୍ପାନି ରୁଷଠାରୁ ତେଲ କିଣିବା ପାଇଁ ନିର୍ଭର କରିଛି । ଚଳିତବର୍ଷ ରୁଷଠାରୁ ଭାରତ ଏହାର ମୋଟ ଅଶୋଧିତ ତେଲର ଆମଦାନୀର ୩୬ ପ୍ରତିଶତ ଆଣିଛି । ରୁଷରୁ ତେଲ ଆମଦାନୀ ବନ୍ଦ ହେବା ପରେ ଭାରତୀୟ କମ୍ପାନିଙ୍କୁ ଏହାର ପାରମ୍ପରିକ ବଜାର ଉପରେ ନିର୍ଭର କରିବାକୁ ପଡ଼ିବ ।

# ଭାଗ୍ୟ-ଭାଗ୍ୟବାଦ ଓ ଭାଗ୍ୟ ଫଳ



ଉମାଶଙ୍କର ପ୍ରସାଦ
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

ପ୍ରତ୍ୟେକ ମାନବର ହୃଦୟରେ ପ୍ରକୃତିର ଅଲୌକିକ ଲୀଳାପ୍ରତି ଭୟ, ଭକ୍ତି ଓ ଆସକ୍ତି ସୃଷ୍ଟି ହେବାଠାରୁ 'ଭାଗ୍ୟବାଦ' ର ଅୟାମାରମ୍ଭ ଘଟିଥାଏ । ଦିନକୁ ଦିନ ଜ୍ଞାନ ଓ ବିଜ୍ଞାନର ଯେତିକି ଯେତିକି ସମୃଦ୍ଧି ହେଉଛି ଭାଗ୍ୟବାଦ ପ୍ରତି ମାନବ ସମାଜ ସେତିକି ଆକୃଷ୍ଟ ହେଉଥିବା ପରିଲକ୍ଷିତ ହେଉଛି । ଉକ୍ତ କାରଣରୁ ବେଦ, ବେଦାନ୍ତ, ପୁରାଣ ଓ ଇତିହାସରେ ଭାଗ୍ୟବାଦର ଧାରା ପ୍ରତ୍ୟକ୍ଷଭାବେ ହେଉ ବା ପରୋକ୍ଷଭାବେ ହେଉ ନିରବିଚ୍ଛିନ୍ନ ଭାବେ ପ୍ରବାହିତ ହୋଇ ଆସୁଛି । ଆଜିର ଏକବିଂଶ ଶତାବ୍ଦୀରେ ନିଜକୁ ସମର୍ଥ ବୋଲି ଭାବୁଥିବା ବ୍ୟକ୍ତି ବିଶେଷ ଭାଗ୍ୟବାଦର କବଳରୁ ମୁକ୍ତ ହୋଇ ପାରି ନାହାଁନ୍ତି । ସେଥିପାଇଁ ବିଜ୍ଞ ବ୍ୟକ୍ତିମାନେ କୁହନ୍ତି-'ନିୟତିଃ କେନ ବାଧତେ'- ଅର୍ଥାତ ନିୟତିକୁ କିଏ ବାଧାଦେଇ ପାରିବ? ତେଣୁ ଭାଗ୍ୟର ପ୍ରକୃତ ସ୍ୱରୂପ ସମସ୍ତ ଜ୍ଞାନ ବିଜ୍ଞାନ ଉପଲବ୍ଧ କରିବା ଏକମାତ୍ର ଲକ୍ଷ୍ୟ ହୋଇଥାଏ! ତେବେ 'ଭାଗ୍ୟ' ଶବ୍ଦକୁ ବିଶ୍ଳେଷଣ କଲେ ତାହା ଭଜ୍ ଧାତୁରୁ ଣ୍ୟତ୍(ଯ) ପ୍ରତ୍ୟୟଦ୍ୱାରା 'ଭାଗ୍ୟ' ଶବ୍ଦ ନିର୍ଣ୍ଣୟ ହୋଇଛି । ଅମରକୋଷକୁ ଦୃଷ୍ଟି ଦେଲେ ଜଣାପଡେ - ଭାଗ୍ୟର ପର୍ଯ୍ୟାୟବାଚକ ଶବ୍ଦ ହେଲା- ଦୈବ, ଦିଷ୍ଟ, ଭାଗଧେୟ, ନିୟତି ଓ ବିଧି । ଶୁଭାଶୁଭ ସୂଚକ, କର୍ମଜନ୍ୟ ଓ ଅଦୃଷ୍ଟକୁ ମଧ୍ୟ ଭାଗ୍ୟ କୁହାଯାଏ । ପ୍ରାରବ୍ଧ ବା ପୂର୍ବଜନ୍ମାର୍ଜିତ ହେଲା 'ଭାଗଦେୟ' । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରାଣୀର ସମସ୍ତ କାର୍ଯ୍ୟ 'ଭାଗ୍ୟ' ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଅନେକ ଏହାକୁ ମନର ଦୁର୍ବଳତା କହୁଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ମଣିଷ ହୃଦୟରୁ ଦୂର ହୋଇ ପାରିନାହିଁ । କାଳର ଗତିରେ ଯାହା ସ୍ୱାଭାବିକ ସେ ସମସ୍ତ ବିଧି ନିର୍ଦ୍ଦିଷ୍ଟ ବା ଦୈବାୟତ । ସେହି ବିଧି ବା ଦୈବ ହେଉଛି ଭାଗ୍ୟ ।

ଅତି ପୁରାତନ କାଳରୁ ମାନବ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଓ ମାନବ ସମାଜରେ ଭାଗ୍ୟବାଦ ତାର ଆଧିପତ୍ୟ ବିସ୍ତାର କରିଆସିଛି । ଅନେକ ଲୋକଙ୍କ ଜୀବନରେ ଧନସମ୍ପଦ, କ୍ଷମତା, ପାଣ୍ଡିତ୍ୟ, ବୀରତ୍ୱ ଏ ସବୁ ଥାଇ ସୁଦ୍ଧା ଭାଗ୍ୟହୀନ ବ୍ୟକ୍ତି କୃତିତ୍ୱର ଅଧିକାରୀ ହୋଇପାରେନାହିଁ । ସେଥିପାଇଁ ଶାସ୍ତ୍ର କହେ 'କରତଳଗତମପି ନଶ୍ୟତି ଯସ୍ୟ ଭବିତବ୍ୟତା ନାସ୍ତି' । ଏହା ପାଣ୍ଡବଙ୍କ ମାତା କୁନ୍ତୀଙ୍କ ଆଶୀର୍ବାଦ ବାକ୍ୟରୁ ସ୍ପଷ୍ଟ ପ୍ରମାଣିତ ହୁଏ । ଯାଜ୍ଞସେନୀ ଦୌପଦୀ ଯେତେବେଳେ ପ୍ରଥମ ସାକ୍ଷାତରେ କୁନ୍ତୀଙ୍କୁ ପ୍ରଣାମ କଲେ ସେତେବେଳେ ସେ ତାଙ୍କର ପୁତ୍ରବଧୂକୁ ଆଶୀର୍ବାଦ ଦେବାକୁ ଯାଇ କହିଲେ:- 'ଭାଗ୍ୟବନ୍ତଂ ପ୍ରସୂୟେଥାଃ ମା ଶୁରଂ ମାନ୍ତ ଚପଣ୍ଡିତମ୍ । ଶୁରାଶ୍ଚ କୃତବିଦ୍ୟାଶ୍ଚ ବନେ ସୀଦନ୍ତ ପାଣ୍ଡବାଃ ॥'--- ମା ତୁ ପଣ୍ଡିତା କି ବୀରା ନୁହେଁ, ଭାଗ୍ୟବାନ୍ ପୁତ୍ରକୁ ଜନ୍ମଦେବୁ, କାରଣ ବୀର ଓ ପଣ୍ଡିତ ହୋଇ ମଧ୍ୟ ପୁତ୍ର ପାଣ୍ଡବମାନେ ବଣରେ ବୁଲି କଷ୍ଟ ଭୋଗ କରୁଛନ୍ତି । ଏଥିରୁ ଭାରତୀୟ ମାନେ 'ଭାଗ୍ୟଫଳ' ଉପରେ କିପରି ନିର୍ଭର କରନ୍ତି ତାହା ସୂଚିତ ହୁଏ । ଅନେକ ମହାନ ବ୍ୟକ୍ତି ତାଙ୍କର ମତ ପ୍ରଦାନ କରି କୁହନ୍ତି ବିନା ଉଦ୍ୟମରେ ସଫଳତା ଏବଂ ତ୍ୟାଗ ଓ ଶ୍ରମବିନା ସହଜସିଦ୍ଧି ଓ ସୁଖଲାଭର ଅଭୀପ୍ସା ହିଁ ଭାଗ୍ୟବାଦର ମୂଳକାରଣ ବୋଲି ଅନେକ ମତବ୍ୟକ୍ତ କରନ୍ତି । କଥାରେ ଅଛି 'ଉଦ୍ ଯୋଗେଣ ପରୁଷେଣ ମୁପୈତି ଲକ୍ଷ୍ମୀ' ଓ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି 'କର୍ମଣ୍ୟେ ବାଧିକାରସ୍ତୁ ମା ଫଳେଷୁ କଦାଚନ'- ଅର୍ଥାତ କର୍ମ କରିବା ତୁମର ଅଧିନ ମାତ୍ର ଫଳ ଦୈବାଧିନ । ଫଳ ଆକାଂକ୍ଷା କର୍ତ୍ତବ୍ୟର ପ୍ରତିବନ୍ଧକ । ଗୀତାର ଏହି ଉକ୍ତି ଯେପରି ସତ୍ୟ ସେହିପରି ଶ୍ରୀମଦ୍ ଭାଗବତରେ 'ଆଶା ହି ପରମଂ ଦୁଃଖଂ ନୈରାଶ୍ୟଂ ଚରମଂ ସୁଖମ୍' ସେହିପରି ସତ୍ୟ । ଏଥିରେ ଭାଗ୍ୟ ଉପରେ ବିଶ୍ୱାସ ପ୍ରଚ୍ଛନ୍ନଭାବେ ପ୍ରତିଫଳିତ ହେବାର ଦେଖାଯାଏ । ମହର୍ଷି ବ୍ୟାସ କହିଛନ୍ତି 'କରୋତୁ ନାମ ନୀତିଜ୍ଞ ବ୍ୟବସାୟ ମୁଦାରଧୀଃ । ଫଳଂ ପୁନସ୍ତଦେବାସ୍ୟ ଯଦ୍ ବିଧେର୍ମନସ ସ୍ଥିତମ୍' ଅର୍ଥାତ ନୀତିଜ୍ଞ ବ୍ୟକ୍ତି ଉଦାର ଚିତ୍ତରେ ନିଶ୍ଚିତ ଫଳାଭିଳାଷୀ ହୋଇ କାର୍ଯ୍ୟକଲେ ମଧ୍ୟ ବିଧାତାର ଇଚ୍ଛା ଅନୁସାରେ ଫଳ ଭୋଗକରିଥାଏ । ଯେତେ ସଫଳ ବ୍ୟକ୍ତ ହେଲେ ମଧ୍ୟ ନିଜର ବୁଦ୍ଧି ଓ ବଳଦ୍ୱାରା ସେ ତାର ଭାଗ୍ୟଫଳକୁ ବଦଳେଇବା ପାଇଁ ସମର୍ଥ ନୁହେଁ । ବିଭିନ୍ନ ପୁରାଣ ମାନଙ୍କରେ ଭାଗ୍ୟଫଳ ଉପରେ ଅଧିକ ଆସ୍ଥା ସ୍ଥାପନ କରାଯାଇଥିବାର ପରିଲକ୍ଷିତ ହୁଏ । ମନୁଷ୍ୟର ଜନ୍ମ, କର୍ମ, ଶୁଭ, ଅଶୁଭ, ସଂଯୋଗ, ବିଯୋଗ ସବୁକିଛି ଦୈବର ଅଧିନ । ତେଣୁ ମା' ଲକ୍ଷ୍ମୀ ସ୍ୱରୂପା ସୀତା ଲକ୍ଷ୍ମଣଙ୍କୁ କହିଥିଲେ 'ଦୈବବଳାନ୍ୱିତ ନାନ୍ୟବଳମ୍' । ପୁରାଣ ପୃଷ୍ଠାରେ ଆଉ ଦୁଇଟି ସୁନ୍ଦର ଉଦାହରଣ ଯାହା ହେଲା ଭାଗ୍ୟରେ ଥିବାରୁ ଅକର୍ମ କର୍ମ ଦାୟକ ପ୍ରଭୁ ଆଶୁତୋଷ ଶିବ କାଳକୁଟ ମହାବିଷକୁ ନିଜର କଣ୍ଠର ଭୂଷଣ କରିଛନ୍ତି । ଅନ୍ୟ ପକ୍ଷରେ ଅମୃତାଭିଳାଷୀ ରାହୁର କଣ୍ଠ ଛେଦନ ହୋଇଛି । ତେଣୁ ଯାହା ଭାଗ୍ୟରେ ଅଛି ତାହା ଅବଶ୍ୟ ଘଟିବ । ତେଣୁ ମେହେରଙ୍କ ଭାଷାରେ 'ଭବିତବ୍ୟ ଯାହା ଅବଶ୍ୟ ଘଟିବ କେ କରି ପାରିବ ଆନ / କାଳଶକ୍ର ଗତିରୋଧ କରିବାକୁ କିଏ ଅଛି ବଳବାନ' । ଏହାକୁ ଲକ୍ଷ୍ୟ କରି ବଲ୍ଲଭ ଦେବ କହିଲେ 'ବିଧିଲିକ୍ଷିତାକ୍ଷରମାଳଂ ଫଳତି କପାଳମ୍ ଏହାରର ଓଡିଆ ରୁପାନ୍ତରିକରଣ ହେଉଛି 'କପାଳ ଲିଖନ କେ କରିବ ଆନ' । ବିଧାତା ଯଥା ସମୟରେ ଯଥାର୍ଥ ଘଟଣା ଘଟାଇଥାନ୍ତି । ମହାକବି ଶ୍ରୀହର୍ଷଙ୍କ ମତରେ 'ଘଟୟତି ବିଧିରଭିମୁଖୀଭୁୟ----ତାହା ହିଁ ସୁଚିତ ହୋଇଛି । ସଂସାରରେ କୌଣସି ଅହଂକାରୀର ଅହଂକାର, ଗର୍ବୀର ଗର୍ବ ଓ ଅଭିମାନୀର ଅଭିମାନ କଦାକାଳକୁ ସଫଳ ହୋଇନାହିଁ କି ଚିରସ୍ଥାୟୀ ହୋଇ ରହିନାହିଁ । ତେଣୁ ଯେତେବେଳେ ବିଧି ପ୍ରତିକୂଳ ହୁଏ ସେତେବେଳେ ମଣିଷର ସମସ୍ତ ସାଧନା ବିଫଳ ହୋଇଥାଏ । ଯେଉଁ ବ୍ୟକ୍ତି ବିନା ପୌରୁଷରେ ତ୍ରିବର୍ଗ ଅର୍ଥାତ ଧର୍ମ, ଅର୍ଥ ଓ କାମ କ୍ଷେତ୍ରରେ ଉଲ୍ଲେଖନୀୟ ସିଦ୍ଧିର ଅଧିକାରୀ ହୁଏ ତାକୁ ସମସ୍ତେ 'ଭାଗ୍ୟବାନ' ଓ 'କପାଳିଆ' କହିଥାନ୍ତି । ଏହାର ରାଶି ରାଶି ଉଦାହରଣ ସମାଜରେ ଅଛି ତଥାପି ପ୍ରତ୍ୟେକ ବ୍ୟକ୍ତି 'ଭାଗ୍ୟରେ ଯାହା ଥିବ ତାହା ହେବ' ବୋଲି ନଭାବି ନିଜର କର୍ମ କରିବା ଦରକାର କାରଣ କର୍ମହିଁ 'ମାନବର ଧର୍ମ', ଏହି ଧର୍ମ ପାଳନ କରିବା ହିଁ ଦୈବ ବା ଭାଗ୍ୟର ମୂଳତତ୍ତ୍ୱ । କର୍ମହିଁ ଦୈବ ନାମରେ ପରିଚିତ ଏବଂ ଏହା ପୂର୍ବଜନ୍ମାର୍ଜିତ ତେଣୁ ସନ୍ଥ ମାନଙ୍କ ମତରେ 'ପୂର୍ବଜନ୍ମାର୍ଜିତା ବିଦ୍ୟା ପୂର୍ବଜନ୍ମାର୍ଜିତଂ ଧନମ୍ । ପୂର୍ବଜନ୍ମାର୍ଜିତା କନ୍ୟା ଅଗ୍ରେ ଧାବତି ଧାବତି' । ଯେଉଁ ବ୍ୟକ୍ତି ମନରେ ଭାବନା ଆଣେ ଭଗବାନ ଜନ୍ମ ଦେଇଛନ୍ତି, ସେ ଆବଶ୍ୟକତା ପୂରଣ କରିବେ-ଏପରି ଭାବନା ରଖୁଥିବା ବ୍ୟକ୍ତି କୌଣସି କାର୍ଯ୍ୟରେ ସଫଳ ହୁଏନାହିଁ । ତେଣୁ ପରମଶାସ୍ତ୍ର ଭାଗବତରେ କୁହାଯାଇଛି 'କର୍ମ ତୋହର ନିଜ ଗୁରୁ । ଉଦ୍ଧବ କେତେ ତୁ ପଚାରୁ' । ଭଗବଦ୍ ଗୀତାରେ ମଧ୍ୟ କୁହାଯାଇଛି 'କର୍ମେଣୈବ ହି ସଂସିଦ୍ଧିମାସ୍ଥିତା ଜନକାଦୟଃ' । ବିଧି ବା ଭାଗ୍ୟ କର୍ମ କରିବା ପାଇଁ ପ୍ରେରଣା ଦେଲେ ମଧ୍ୟ ଭାଗ୍ୟାନୁସାରେ ଫଳ ପ୍ରାପ୍ତି ହୋଇଥାଏ ଯଥା ' ହିମାଳୟେ ହରଃ ଶ୍ୱେତେ ହରିଃ ଶେତେ କ୍ଷୀରସାଗରେ । ଭାଗ୍ୟଂ ଫଳତି ସର୍ବଦା ନ ଚ ବିଦ୍ୟା ନ ଚ ପୌରୁଷମ୍' ॥

--କିମଧିକମ୍-

# ମଣିଷ ଜୀବନଯୁଦ୍ଧରେ ହାରେ କାହିଁକି ?



ମାୟାଧର ନାୟକ
ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

ତ୍ରେତୟାଯୁଗରେ ରାମ-ରାବଣ ଯୁଦ୍ଧ ସମସ୍ତଙ୍କର ସ୍ମରଣରେ ଥିବ । ସେତେବେଳେ ରାବଣ ଶ୍ରେଷ୍ଠଜ୍ଞାନୀ, ଶ୍ରେଷ୍ଠବ୍ରାହ୍ମଣ, ଶ୍ରେଷ୍ଠଯୋଦ୍ଧା, ଶ୍ରେଷ୍ଠଧନୀ, ଶ୍ରେଷ୍ଠମଣିଷ ଥିଲେ । ଯୁଦ୍ଧରେ ସେ ହାରିଲେ କାହିଁକି ? ତାଙ୍କ ପାଖରେ ଯୁଦ୍ଧବେଳେ ତାଙ୍କ ଭାଇ ବିଭୀଷଣ ନଥିଲେ - ରାମଙ୍କ ପାଖରେ ଭାଇ ଲକ୍ଷ୍ମଣ, ସୁଗ୍ରୀବ ଭଳି ବନ୍ଧୁ ଥିଲେ । ଭାଇବନ୍ଧୁ ସଂଗେ ନଥିଲେ ଯୁଦ୍ଧ ହାରିବା ଥୟ ।

ଏ କଳିଯୁଗରେ କାହିଁ କେଉଁଦିନୁ ପ୍ରତିବର୍ଷ ରାବଣପୋଡି ଉତ୍ସବ ପୁରପଲ୍ଲୀରୁ ସହରବଜାର ଯାଏ ବଡ଼ନେତା ଠାରୁ କୁଜିନେତା ଯାଏ, ବିରାଟ ଅନୁଷ୍ଠାନରୁ ଛୋଟ ଛୋଟ ସଂଘ, ସମିତି, ଅନୁଷ୍ଠାନ ଯାଏ ପାଳନ ହୁଏ । ଦଶମୁଣ୍ଡିଆ ରାବଣ ଶରୀର କାନଫଟା ବାଣ ଖଞ୍ଜାଯାଇ ଅଗ୍ନିସଂଯୋଗ ହୁଏ - ଏକପ୍ରକାର ବାଣ ପ୍ରତିଯୋଗିତା । ଅଧଘଣ୍ଟାରୁ ଘଣ୍ଟାଏ କାଳ ଶବ୍ଦ ପ୍ରଦୂଷଣ, ଏପରିକି ବାଣ ବିସ୍ଫୋରଣ ହୋଇଥାଏ । ଧୂଆଁରେ ଚାରିଆଡେ ବାୟୁମଣ୍ଡଳ ଦୂଷିତ କରିଦିଏ । ବହୁଲୋକ ସମାଗମ ହୁଅନ୍ତି । ପ୍ରଥମେ ସଭାରେ ରାବଣର ଚଉଦପୁରୁଷ ଶୋଧାଯାଏ । ପୁଣି ଅନେଇ ଥା ଆରବରଷକୁ ।

ତା'ହେଲେ ରାବଣ ମରୁନାହିଁ । ଯଦି ମରିଥାନ୍ତା - ପ୍ରତିବର୍ଷ ରାବଣପୋଡି ହୁଅନ୍ତା ନାହିଁ । ବରଂ ରାବଣକୁ ମାରିବା ବାହାନାରେ ଆମେ କେବଳ ମାରିଆସୁଛୁ ନିଜନିଜର ଗଲୁଗୁଡ଼ାକୁହିଁ ! ଏବେ ଗାଁଗଣ୍ଡାରୁ ଆରମ୍ଭକରି ସହରବଜାର ବିଭିନ୍ନ ଦେଶବିଦେଶରେ ଶାସକ, ପ୍ରଶାସକଙ୍କ ଭିତରେ ଅନେକ ରାବଣ ଅଛନ୍ତି । ଆମେ ସିନା ନିର୍ଜୀବ କାଗଜଜରିଗୁଡା ରାବଣକୁ ପୋଡୁଛେ - ରକ୍ତମାଂସଧାରୀ ରାବଣକୁ କେବେ ଶରବିଦ୍ଧକରି ନିପାତ କରିବା ?

ଦ୍ୱାପରଯୁଗରେ ମହାଭାରତ ଯୁଦ୍ଧରେ ପାଣ୍ଡବ ପକ୍ଷର ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ, ସହଦେବ ୫ ଭାଇ ବଡ଼ଭାଇଙ୍କ ଆଜ୍ଞାପାଳନ କରୁଥିଲେ । ତାଙ୍କ ପାଖରେ ଧର୍ମ ଥିଲା । ଭଗବାନ ଶ୍ରୀକୃଷ୍ଣ ଥିଲେ । କୌରବ ପକ୍ଷର ଦୁର୍ଯ୍ୟୋଧନଙ୍କ ପାଖରେ ଶହେଭାଇ ଥିଲେ । ସମସ୍ତେ ଅଧର୍ମୀ, ଅନ୍ୟାୟ, ଅତ୍ୟାଚାର, ବ୍ୟଭିଚାର, ଗର୍ବ, ଅହଂକାରରେ ମଜ୍ଜିଯାଇଥିଲେ । କୁମନ୍ତ୍ରଣା ଦେବାକୁ ଶକୁନି ଥିଲେ । ଧାର୍ମିକ, ନ୍ୟାୟବନ୍ତ ବିଦୁର, ଶ୍ରେଷ୍ଠସେନାପତି ଭୀଷ୍ମଙ୍କ କଥା, ପରାମର୍ଶ ଗ୍ରହଣ କରୁନଥିଲେ । ଶେଷରେ ୧୮ଦିନ ମହାଭାରତ ଯୁଦ୍ଧରେ ହାରିଗଲେ ।

ଦ୍ୱାପରଯୁଗର ମହାଭାରତ ଯୁଦ୍ଧର ୧୮ ଦିନରୁ ଓଳିଏ ଯୁଦ୍ଧ ବାକି ଅଛି । ସେ ଯୁଦ୍ଧ ଏ କଳିଯୁଗରେ ଶେଷ ହେବ । ଆଜି ଏ ଘୋର କଳିକାଳରେ ପ୍ରତିମୁହୂର୍ତ୍ତରେ ମହାଭାରତ ଯୁଦ୍ଧ ଚାଲିଛି । ସମଗ୍ର ବିଶ୍ୱରେ ଭାରତରେ ଧାର୍ମିକମାନେ, ପାଣ୍ଡବମାନେ ଅଛନ୍ତି - ସେମାନେ ବେଶି ଦୃଶ୍ୟ ହେଉ ନାହାଁନ୍ତି । ଦୁର୍ଯ୍ୟୋଧନ, ଦୁଃଶାସନର ଦଳ ଗାଁଗଣ୍ଡାରୁ ସହରବଜାରରେ ହାଉଯାଉ ହେଉଛନ୍ତି । ସେମାନଙ୍କ କୁବୁଦ୍ଧି, ଅନ୍ୟାୟ, ଅତ୍ୟାଚାର, ବ୍ୟଭିଚାର, ପରସ୍ତ୍ରୀ ହରଣ, ଯୌନାଚାର, ରାଜକୋଷ ଲୁଣ୍ଠନ, ଶୋଷଣ, ରାଜନୈତିକ, ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ କ୍ଷେତ୍ରରେ ଚରମ ବିଶୃଙ୍ଖଳା ସୃଷ୍ଟି କରିଚାଲିଛନ୍ତି । ସେମାନଙ୍କ କୁକର୍ମ ଯୋଗୁ ମେଦିନୀମାତା କମ୍ପୁଛି । ଏମାନଙ୍କ ପାପର ବୋଝ ଆଉ ମୁଣ୍ଡେଇ ନପାରିବାରୁ ଭୂମିକମ୍ପ, ଘୂର୍ଣ୍ଣିବାତ୍ୟା, ପ୍ରବଳବନ୍ୟା, ଟାଣଖରା, ପରିବେଶ ପ୍ରଦୂଷଣ ବଢିଚାଲିଛି । ସାରାବିଶ୍ୱରେ ଦେଶେଦେଶେ, ଗାଁଗାଁରେ ଯୁଦ୍ଧ, ଗୃହଯୁଦ୍ଧ ଲାଗିଛି । ଲୋକେ ଭୋକ-ରୋଗରେ ଆଉଟୁପାଉଟୁ ହେଉଛନ୍ତି । ସମସ୍ତେ କହୁଛନ୍ତି - କଳିର ଏ ଶେଷକାଳ । ସମସ୍ତଙ୍କ ହାତରେ ଖଣ୍ଡା । ଯଦୁବଂଶ ଧ୍ୱଂସ ହେଲାଭଳି ପରସ୍ପର ହଣାକଟାରେ ରାସ୍ତାଘାଟରେ ମୁଣ୍ଡ ଗଡିବ । ଶେଷରେ ଶବ ପୋତିବାକୁ ସ୍ଥାନ ମିଳିବନାହିଁ । ମଣିଷ ଜଳିପୋଡି ପୋକମାଛି ଭଳି ମରିଯିବେ । ଏ ସଂସାରରୁ ୮୦୦ କୋଟି ମଣିଷରୁ ଅଧାରୁ ଅଧିକ ମରିଯିବେ । ଯେଉଁ ଅଳ୍ପ କେତେକ ରହିବେ - ସେମାନେ କୂଳକୁ ବିହନ ।

ପଶା-ନିଶା ମଣିଷକୁ ପତନ ଆଡକୁ ନେଇଯାଏ । ଜୁଆଖେଳରେ ପଶାଖେଳରେ ଦ୍ୱାପରଯୁଗରେ ପାଣ୍ଡବମାନେ ହାରିଯାଇ ପତ୍ନୀ ଦ୍ରୌପଦୀକୁ ହରେଇଥିଲେ । ଝିମିଟି ଖେଳରୁ ମହାଭାରତ ସୃଷ୍ଟି । ଜୁଆଖେଳରୁ ଯୁଦ୍ଧ । ଲକ୍ଷ ଲକ୍ଷ ସୈନ୍ୟ ହତାହତ । ସଂପ୍ରତି ପୋଡିପାଉଁଶ । ସେଇଭଳି ନିଶା ମଣିଷକୁ ହିଂସ୍ର ପଶୁରେ ପରିଣତ କରିଦିଏ । ପରସ୍ପର କାମୁଡାକାମୁଡିରେ ଜୀବନ ଚାଲିଯାଏ । କଳିଯୁଗରେ ଏ ଜୁଆଖେଳ, ନିଶାପାନ ଚାରିଆଡେ ବନ୍ୟାଭଳି ମାଡିଚାଲିଛି । ଏ ପ୍ରବଳ ବନ୍ୟାରେ କାଠିକୁଟାଠୁ ବଡ଼ବଡ଼ ଗଛଘରଦ୍ୱାର ଭସେଇନେଉଛି । ଏ କୂଳ ଖାଇ ସେ କୂଳ ଖାଇଚାଲିଛି । ଏ ପ୍ରାକୃତିକ-ମନୁଷ୍ୟକୃତ ବନ୍ୟାକୁ ଅଟକାଇବ କୋଉ ବନ୍ଧବାଡ଼ ? ଏବେ ଜ୍ଞାନୀ, ଗୁଣୀ, ପଣ୍ଡିତଙ୍କ କଥା କେହି ଶୁଣିବାକୁ ନାହିଁ । ସେଦିନ କୁରୁସଭାରେ ଯେମିତି ବିଦୁର, ଭୀଷ୍ମ, ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ପ୍ରମୁଖଙ୍କ ପରାମର୍ଶକୁ ଦୁର୍ଯ୍ୟୋଧନ କର୍ଣ୍ଣପାତ କରିନଥିଲେ । ଯୁଧିଷ୍ଠିର ରାଜ୍ୟ, ୪ ଭାଇ, ଶେଷରେ ପତ୍ନୀ ଦ୍ରୌପଦୀକୁ ହରେଇଦେଇଥିଲେ । କୁରୁସଭାରେ କର୍ଣ୍ଣ ଦ୍ରୌପଦୀକୁ ବେଶ୍ୟା ଆଖ୍ୟା ଦେଇଥିଲେ । ଦୁର୍ଯ୍ୟୋଧନ ଦୁଃଶାସନକୁ ନିର୍ଦ୍ଦେଶଦେଇ ବସ୍ତ୍ରହରଣ କରାଇଥିଲେ । ଶ୍ରୀକୃଷ୍ଣ କୋଟିବସ୍ତ୍ର ଦେଇ ଦ୍ରୌପଦୀଙ୍କ ମାନଇଜ୍ଜତ ରକ୍ଷାକରିଥିଲେ । ଆଜି ଏ କଳିକାଳରେ ସମସ୍ତେ ଖୋଜୁଛନ୍ତି - ସେହି ମାନବଦେହଧାରୀ ଶ୍ରୀକୃଷ୍ଣ - ମାୟାଧର - ଚକ୍ରଧରକୁ ।

କଥା କହିଲାବେଳେ ଉଚ୍ଚସ୍ୱର କିଂବା ଅସଂଯତ ଉଚ୍ଚାରଣ କଲେ - ମହାବିପଦ । ଯୁଦ୍ଧ ବି ଲାଗିଯାଇପାରେ । ଏଠାରେ ସ୍ମରଣଯୋଗ୍ୟ ଯେ - ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଗୋଟିଏ ଶବ୍ଦର ଉଚ୍ଚାରଣରେ ଆମେ ଭାରତ-ଚୀନ୍ ଯୁଦ୍ଧରେ ହାରିଗଲେ । ୧୯୬୨ ମସିହାର ଘଟଣା । ହିନ୍ଦ-ଚୀନ୍ ଭାଇଭାଇ ନାରା ଦେଇଥିଲେ ହେଁ ସୀମାବିବାଦ ଲାଗି ରହିଥିଲା । ଚୀନ୍ ନଛୋଡ଼ବନ୍ଧା । ଯୁଦ୍ଧ କରିବାକୁ ପ୍ରସ୍ତୁତ । ଆମେ କିନ୍ତୁ ଯୁଦ୍ଧକରିବାକୁ ପ୍ରସ୍ତୁତ ନଥିଲୁ । ଆମର ଅସ୍ତ୍ରଶସ୍ତ୍ର ସେତେ ପରିମାଣରେ ନଥିଲା । କେନ୍ଦ୍ର କ୍ୟାବିନେଟ୍ ବସିଲା । ପ୍ରତିରକ୍ଷାମନ୍ତ୍ରୀ ସମସ୍ତ ବାସ୍ତବ ସମସ୍ୟା ସଂପର୍କରେ ଆଲୋଚନା କଲେ । ସ୍ଥିର ହେଲା - ଯୁଦ୍ଧ ନକରି ସମ୍ଝୋତା କରିବା । ସାମ୍ବାଦିକମାନେ ବାହାରେ ଅପେକ୍ଷା କରିଥିଲେ । ନେହେରୁ ପଦାକୁ ଆସିଲାବେଳେ ସାମ୍ବାଦିକମାନେ ଯୁଦ୍ଧ ସଂପର୍କରେ ପଚାରିଲେ । ନେହେରୁ ଟିକେ ଚଢାଗଳାରେ କହିଲେ - ଦେଖିବା । ହିନ୍ଦୀରେ - ଦେଖେଙ୍ଗେ । ସାମ୍ବାଦିକମାନେ ଯୁଦ୍ଧ ହେବ ବୋଲି ପ୍ରଚାର କରିଦେଲେ । ଏ ଖବର ଚୀନ୍ ପାଇ ରାତାରାତି ତା'ର ସୈନ୍ୟମାନଙ୍କୁ ଭାରତ ଭିତରକୁ ପୂରାଇଦେଲା । ସକାଳୁସକାଳୁ ସେମାନେ ଭାରତୀୟ ସୈନ୍ୟବାହିନୀ ବାରାକ୍ ଘେରିଗଲେ । ସମସ୍ତଙ୍କୁ ବନ୍ଦୀକରି ନେଇଗଲେ । ତା'ହେଲେ କଥା ଠିକ୍ ଭାବେ ନକହିଲେ - ମହାବିପଦ ମଧ୍ୟ ମାଡିଆସେ । କଥାରେ ସଂଯମରକ୍ଷା ଏକାନ୍ତ ଆବଶ୍ୟକ ।

ଏଇ ବିଶ୍ୱବ୍ରହ୍ମାଣ୍ଡରେ ମାନବଜୀବନ ସଂସାରର ମୋହମାୟାବନ୍ଧନରେ ବାନ୍ଧିହୋଇଛି । କାମନାବାସନା, ଗର୍ବଅହଂକାର ମଣିଷକୁ ଦିଗହରା ପଥିକ କରିଦିଏ । ଜୀବନ ଜଳୁଛି - ଏ ମାୟାଜଞ୍ଜାଳେ । ତେଣୁ 'ଆପଣା କଳାକର୍ମମାନ - ଆଗୁ ହୋଇବ ସାବଧାନ' ।

# 'ବର୍ତ୍ତମାନର ଆଣବିକ ଶକ୍ତି ଓ ତା'ର ଭୟାବହତା'



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ବର୍ତ୍ତମାନ ଆଣବିକ ଅସ୍ତ୍ର ଯେକୌଣସି ଦେଶର ଶକ୍ତିର ସବୁଠାରୁ ମଜବୁତ ଅସ୍ତ୍ର ଅଟେ । ବର୍ତ୍ତମାନ ଭାରତ ସମେତ ବିଶ୍ୱର ୯ ଟି ଦେଶରେ ଆଣବିକ ଅସ୍ତ୍ର ରହିଛି । ଗତ ବର୍ଷ ୨୦୨୨ ସୁଦ୍ଧା ଭାରତରେ ୧୬୦ ପରମାଣୁ ଅସ୍ତ୍ର ଥିଲା । ଭାରତ ପରମାଣୁ ଅସ୍ତ୍ରଶସ୍ତ୍ରର ଭଣ୍ଡାରକୁ ଆହୁରି ବୃଦ୍ଧି କରୁଛି । ଷ୍ଟକହୋମ ଆନ୍ତର୍ଜାତୀୟ ଶାନ୍ତି ଅନୁସନ୍ଧାନ ପ୍ରତିଷ୍ଠାନ (SIPRI) ଦାବି କରିଛି ଯେ, ଭାରତ ଆଣବିକ ଅସ୍ତ୍ର ସଂଖ୍ୟା ବୃଦ୍ଧି କରୁଛି । ରିପୋର୍ଟ ଅନୁଯାୟୀ, ଭାରତରେ ଲମ୍ବା ରେଞ୍ଜର କ୍ଷେପଣାସ୍ତ୍ର ଅଛି, ଯାହା ପଡୋଶୀ ଦେଶ ପାକିସ୍ଥାନ ଏବଂ ଚୀନ୍‌କୁ ମଧ୍ୟ ନଷ୍ଟ କରିପାରେ । ଆସନ୍ତୁ ଜାଣିବା ଭାରତ କିପରି ଏହାର ଭଣ୍ଡାର ବୃଦ୍ଧି କରୁଛି, ଯଦି ପରମାଣୁ ଅସ୍ତ୍ରଶସ୍ତ୍ର ସହିତ ଆକ୍ରମଣ କରିବାର ଆବଶ୍ୟକତା ଥାଏ, ତେବେ ଏହା କେତେ ଧ୍ୱଂସ ଘଟାଇବ ଏବଂ ପାକିସ୍ତାନ ଏବଂ ଚୀନ୍ କ'ଣ ପ୍ରସ୍ତୁତି କରୁଛନ୍ତି । ରିପୋର୍ଟ ଅନୁଯାୟୀ, ୨୦୨୧ ମସିହାରେ ଭାରତରେ ୧୫୬ ପରମାଣୁ ଅସ୍ତ୍ର ଥିଲା, ଯାହାର ସଂଖ୍ୟା ୨୦୨୨ ରେ ୧୬୦କୁ ବୃଦ୍ଧି ପାଇଛି । ଏଥି ସହିତ ପାକିସ୍ତାନରେ ୧୬୫ ପରମାଣୁ ଅସ୍ତ୍ର ରହିଛି । କିନ୍ତୁ ଯଦି ଆଣବିକ ଅସ୍ତ୍ର ବ୍ୟବହାର କରିବାକୁ ଆବଶ୍ୟକ ପଡେ, ତେବେ ପାକିସ୍ତାନ ଅପେକ୍ଷା ଭାରତ ଭଲ ବୋଲି ପ୍ରମାଣ କରିବ । କାରଣ ଭାରତରେ ଲଞ୍ଚ ପ୍ୟାଡ ଏବଂ ଅସ୍ତ୍ରଶସ୍ତ୍ର ପରିବହନ ଅଧିକ ରହିଛି । ପରମାଣୁ ଅସ୍ତ୍ରଗୁଡ଼ିକରେ ନଜର ରଖୁଥିବା ବିଶେଷଜ୍ଞଙ୍କ ମୁତାବକ ପାକିସ୍ତାନ ପାଖରେ ବର୍ତ୍ତମାନ ୧୪୦ ରୁ ୧୫୦ ପରମାଣୁ ଅସ୍ତ୍ର ରହିଛି । ଯଦି ପରମାଣୁ ଅସ୍ତ୍ର ନିର୍ମାଣର ଏହି ଗତି ଜାରି ରହେ, ତେବେ ୨୦୨୫ ପର୍ଯ୍ୟନ୍ତ ଏହାର ସଂଖ୍ୟା ୨୨୦ ରୁ ୨୫୦ ପର୍ଯ୍ୟନ୍ତ ହୋଇଯିବ । ଏଭଳି ପାକିସ୍ତାନ ବିଶ୍ୱର ସର୍ବବୃହତ୍ ପରମାଣୁ ଅସ୍ତ୍ର ସମ୍ପନ୍ନ ରାଷ୍ଟ୍ର ହୋଇଯିବ । ଆମେରିକା ଗୁପ୍ତଚର ସଂସ୍ଥା ସି.ଆଇ.ଏ ର ପୂର୍ବତନ ଗୁଇନ୍ଦା ଅଧିକାରୀ କେବିନ ହଲବର୍ଟ କହିଛନ୍ତି ଯେ ପାକିସ୍ତାନ ଦୁନିଆର ସବୁଠାରୁ ଅଧିକ ବିପଦପୂର୍ଣ୍ଣ ଦେଶମାନଙ୍କ ମଧ୍ୟରୁ ଗୋଟିଏ । ପାକିସ୍ତାନ ଅଧିକ ଭୟଙ୍କର ରୂପ ନେଇଛି, କାରଣ ଏହା ତିନିଟି ମୁଖ୍ୟ ସମସ୍ୟା ସହିତ ରହୁଛି । ଆତଙ୍କବାଦ, ଅର୍ଥବ୍ୟବସ୍ଥାର ଅଧୋଗତି ଆଉ ପରମାଣୁ ଅସ୍ତ୍ରର ଅଧିକ ସଂଗ୍ରହ । ଆର୍ଥିକ ସଙ୍କଟ ଦିଗରେ ଏହାଠାରୁ ଖରାପ ଅବସ୍ଥା ଉତ୍ତର କୋରିଆରେ ରହିଛି । ଏହି ଦୁଇ ଦେଶ ଭାରତ ଆଉ ଆମେରିକା ଉପରେ ପରମାଣୁ ଆକ୍ରମଣର ଧମକ ଦେଉଛନ୍ତି ।

ବର୍ତ୍ତମାନ ବିଶ୍ୱରେ ୯ଗୋଟି ପରମାଣୁ ଶକ୍ତି ସମ୍ପନ୍ନ ଦେଶ ଅଛନ୍ତି: ଆମେରିକା, ରୁଷ, ଫ୍ରାନ୍ସ, ଚୀନ, ବ୍ରିଟେନ, ଭାରତ, ପାକିସ୍ତାନ, ଇସ୍ରାଏଲ ଏବଂ ଉତ୍ତର କୋରିଆ । ଏମାନଙ୍କ ମଧ୍ୟରୁ ଆମେରିକା, ରୁଷ, ଫ୍ରାନ୍ସ, ଚୀନ ଆଉ ବ୍ରିଟେନ ପାଖରେ ପରମାଣୁ ବୋମାର ବିଶାଳ ଭଣ୍ଡାର ରହିଛି । ତେବେ ପାଞ୍ଚ ଗୋଟି ଦେଶ ପରମାଣୁ ଅପ୍ରସାର ଚୁକ୍ତିରେ ସାମିଲ ଅଛନ୍ତି । ଏହି ଚୁକ୍ତିର ମୁଖ୍ୟ ଉଦ୍ଦେଶ୍ୟ ପରମାଣୁ ଅସ୍ତ୍ରର ନିର୍ମାଣ ଓ ବିକାଶକୁ ସ୍ଥଗିତ ରଖିବା । ତେବେ ଏସବୁ ଦେଶ ଏହି ଉଦ୍ଦେଶ୍ୟକୁ ପୂରଣ କରିବାକୁ ଚେଷ୍ଟା କରୁନାହାନ୍ତି । ପାକିସ୍ତାନ ଚୋରି ମାଧ୍ୟମରେ ଉତ୍ତର କୋରିଆକୁ ପରମାଣୁ ଅସ୍ତ୍ରର ନିର୍ମାଣ କୌଶଳ ହସ୍ତାନ୍ତରିତ କରିଥିଲା; ତେଣୁ ଆଜି ସେ ମଧ୍ୟ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର ରୂପେ ଗଢିଉଠିଛି । ପରମାଣୁ ଅସ୍ତ୍ର ଯଦି ଅପରିଣାମଦର୍ଶୀ ଶାସକ ବା ବ୍ୟକ୍ତିଙ୍କ ହାତରେ ପଡ଼େ, ତେବେ ତାହା ପୃଥିବୀ ଧ୍ୱଂସର କାରଣ ହେବା ବିଚିତ୍ର ନୁହେଁ । ବିଶ୍ୱର ୯ ଟି ଦେଶ - ଆମେରିକା, ରୁଷ, ବ୍ରିଟେନ, ଫ୍ରାନ୍ସ, ଚୀନ୍, ଭାରତ, ପାକିସ୍ଥାନ, ଉତ୍ତର କୋରିଆ ଏବଂ ଇସ୍ରାଏଲର ଆଣବିକ ଅସ୍ତ୍ର ରହିଛି । ଜାନୁୟାରୀ ୨୦୨୩ ସୁଦ୍ଧା, ବିଶ୍ୱରେ ୧୨,୫୧୨ ପରମାଣୁ ଅସ୍ତ୍ର ଅଛି, ସେଥିମଧ୍ୟରୁ ୯,୫୭୬ ଟି ଅସ୍ତ୍ରଶସ୍ତ୍ର ସେନାବାହିନୀ ନିକଟରେ ଅଛି । ସେଥିମଧ୍ୟରୁ ୩,୮୪୪ ଟି କ୍ଷେପଣାସ୍ତ୍ର ଏବଂ ବିମାନ ସହିତ ନିୟୋଜିତ କରାଯାଇଛି । ବିଶେଷ ଭାବରେ ରୁଷ ଏବଂ ଆମେରିକା ପ୍ରାୟ ୯୦% ସମସ୍ତ ଆଣବିକ ଅସ୍ତ୍ରଶସ୍ତ୍ରର ଅଧିକାରୀ ଅଟନ୍ତି । ଆଣବିକ ଅସ୍ତ୍ରଶସ୍ତ୍ରକୁ ଦୀର୍ଘଦିନଧରି ବିରୋଧ କରିବା ଏବଂ ଆଣବିକ ନିରସ୍ତ୍ରୀକରଣ ଉପରେ ଆବଶ୍ୟକ ପ୍ରକ୍ରିୟାର ଅଭାବ ସମ୍ପର୍କରେ ଆମ ଉଭୟଙ୍କ ଯେଉଁ ବିଚାର ରହିଛି ତା'ର ଏବେ ପ୍ରାସଙ୍ଗିକତା ରହିଛି । ତେବେ ୧୯୯୦ ଦଶକର ପ୍ରାରମ୍ଭରେ ଆଣବିକ ଅସ୍ତ୍ରଶସ୍ତ୍ର ଗଚ୍ଛିତ ରଖିବା ପ୍ରକ୍ରିୟାରେ ତୀବ୍ର ହ୍ରାସ ଘଟିବା ଦ୍ୱାରା କିଛି ଭୟ କମିଥିଲା । କିନ୍ତୁ ଯେଉଁ ଧାରାରେ ଗଚ୍ଛିତ ପ୍ରକ୍ରିୟାରେ ହ୍ରାସ ହେଉଥିଲା ତାହା ବନ୍ଦ ହୋଇଗଲା । ଏହା ମଧ୍ୟରେ ତିନି ଦଶନ୍ଧି ବିତିଗଲାଣି । ୯ଟି ଆଣବିକ ଅସ୍ତ୍ରଶସ୍ତ୍ର ସମ୍ପନ୍ନ ଦେଶ ନିକଟରେ ପ୍ରାୟ ୧୩,୦୦୦ ଆଣବିକ ବୋମା ରହିଛି । ଏହି ଦେଶଗୁଡ଼ିକ ପର୍ଯ୍ୟାୟକ୍ରମେ ଏହାକୁ ହ୍ରାସ କରିବା ବଦଳରେ ଆଣବିକ ଅସ୍ତ୍ରର ଆଧୁନିକୀକରଣ ଏବଂ ସମ୍ପ୍ରସାରଣ କରିବାରେ ଲିପ୍ତ ରହୁଛନ୍ତି । ଫଳରେ ଆଣବିକ ଅସ୍ତ୍ରଶସ୍ତ୍ର ବୃଦ୍ଧି ହେଉଛି । ଏହାର ଭୁଲ୍ ମୂଲ୍ୟାୟନ କରାଯିବା ଯୋଗୁ ଦୁର୍ଘଟଣା ମଧ୍ୟ ବଢୁଛି । ଏପରି କି ଆଣବିକ ଅସ୍ତ୍ରଶସ୍ତ୍ରସବୁ ବ୍ୟବହାର କଲେ ଏହାର ପ୍ରଳୟଙ୍କରୀ ପରିଣାମଗୁଡ଼ିକ କ'ଣ ହେବ ସେ ସମ୍ପର୍କରେ ଆମେ ଭଲ ଭାବେ ଅବଗତ ଥାଇ ମଧ୍ୟ ନିରସ୍ତ୍ରୀକରଣ ଉପରେ ଗୁରୁତ୍ୱ ଦିଆଯାଉ ନାହିଁ । ଜାତୀୟ ନିରାପତ୍ତା ଦୃଷ୍ଟିରୁ ନିଆଯାଉଥିବା ଏକ ପଦକ୍ଷେପ, ଯାହା ସେହି ଦେଶ ଓ ଅନ୍ୟ ଦେଶର ଲୋକମାନଙ୍କ ଉପରେ ଏବଂ ଏବେ ମାନବତା ଉପରେ ଯେଉଁ ବିପଦ ସୃଷ୍ଟି କରୁଛି, ତାହାର ସ୍ଥାୟିତ୍ୱ ସମ୍ପର୍କରେ ସେମାନେ ବିଚାର କରିବା ଦରକାର । ତେବେ ଅସ୍ତ୍ରଶସ୍ତ୍ର ଆମକୁ ସୁରକ୍ଷା ଦେବ ବୋଲି ଯେଉଁ ବିଶ୍ୱାସ ଅଛି ତାହା ଏକ ମୌଳିକ ତ୍ରୁଟି ବୋଲି ଆମର ହୃଦ୍‌ବୋଧ ହୋଇଛି । ବାସ୍ତବରେ, ସେସବୁ ଆମ ସମସ୍ତଙ୍କ ତଥା ଆଗାମୀ ପିଢ଼ି ଉପରେ ବଡ଼ ବିପଦ ସୃଷ୍ଟି କରୁଛି ।

ପାକିସ୍ତାନର ଆଣବିକ ଅସ୍ତ୍ରଶସ୍ତ୍ରରେ ସ୍ୱଳ୍ପ ଦୂରଗାମୀ ନସ୍ର, ହତଫ, ଗଜନଭି ଏବଂ ଅବଦାଲି କ୍ଷେପଣାସ୍ତ୍ର ଅନ୍ତର୍ଭୁକ୍ତ, ଯାହା ୬୦ ରୁ ୩୨୦ କିଲୋମିଟର ଦୂରତାରେ ଆକ୍ରମଣ କରିପାରିବ । ଯେଉଁଠାରେ ମଧ୍ୟମ ରେଞ୍ଜର କ୍ଷେପଣାସ୍ତ୍ର ଗୌରୀ ଏବଂ ଶାହିନ୍ । ସେଗୁଡିକର ଷ୍ଟ୍ରାଇକ୍ ପରିସର ୯୦୦ ରୁ ୨୭୦୦ କିଲୋମିଟରେ ଅଟେ । ଯଦି ଏହି ଦୁଇ ଅସ୍ତ୍ର ମଧ୍ୟରେ ଆକ୍ରମଣ କରାଯାଏ, ତେବେ ଦିଲ୍ଲୀ, ଜୟପୁର, ଅହମ୍ମଦାବାଦ, ମୁମ୍ବାଇ, ପୁଣେ, ଭୋପାଳ, ନାଗପୁର ଏବଂ ଲକ୍ଷ୍ନୌ ପ୍ରଭାବିତ ହୋଇପାରେ । ଯଦି ଆମେ ଭାରତର ଶକ୍ତି ବିଷୟରେ କହିବା, ତେବେ ଏଥିରେ ବହୁ ଦୂରଗାମୀ କ୍ଷେପଣାସ୍ତ୍ର ଅଛି । ସର୍ଟ ରେଞ୍ଜ୍ କ୍ଷେପଣାସ୍ତ୍ରଗୁଡ଼ିକ ହେଉଛି ପୃଥ୍ୱୀ ଏବଂ ଅଗ୍ନି -୧, ଯାହାର ପରିସର ୩୫୦ ରୁ ୭୦୦ କିଲୋମିଟର ପର୍ଯ୍ୟନ୍ତ । ଯେଉଁଠାରେ, ଅଗ୍ନିର ପ୍ରକାରଗୁଡ଼ିକ ହେଉଛି ଅଗ୍ନି-୨ ଏବଂ ଅଗ୍ନି -୩, ଯାହାର ପରିସର ୨ ହଜାରରୁ ୩ ହଜାର କିଲୋମିଟର ପର୍ଯ୍ୟନ୍ତ । ଏହା ବ୍ୟତୀତ ଅଗ୍ନି-ଭି କ୍ଷେପଣାସ୍ତ୍ରର ଷ୍ଟ୍ରାଇକ୍ ରେଞ୍ଜ ହେଉଛି ୫ ହଜାର କିଲୋମିଟର । ଏହି କ୍ଷେପଣାସ୍ତ୍ରଗୁଡିକ ସାହାଯ୍ୟରେ ଭାରତ ପାକିସ୍ତାନର ଯେକୌଣସି କୋଣକୁ ପରମାଣୁ ଅସ୍ତ୍ର ଛାଡିପାରେ । ଅର୍ଥାତ୍ ଯଦି ଭାରତ ଅଳ୍ପ ଦୂରରୁ ଆଫଗାନିସ୍ତାନ ସୀମା ପର୍ଯ୍ୟନ୍ତ ଆଣବିକ ଅସ୍ତ୍ର ଛାଡିଦିଏ, ତେବେ ରାୱଲପିଣ୍ଡି, ଲାହୋର, ଇସଲାମାବାଦ ଏବଂ କରାଚିର ନାମ ଏବଂ ଚିହ୍ନ ଲିଭିଯିବ । ଆମେରିକାର ପ୍ରତିରକ୍ଷା ବିଭାଗର ମୁଖ୍ୟାଳୟ ପେଣ୍ଟାଗନ୍‌ର ରିପୋର୍ଟ ଅନୁଯାୟୀ, ୨୦୨୧ ମସିହାରେ ଚୀନ୍‌ରେ ୪୦୦ ପରମାଣୁ ଅସ୍ତ୍ର ଥିଲା, ଯାହାର ସଂଖ୍ୟା ୨୦୨୩ ମସିହାରେ ୫୦୦ରୁ ଅଧିକ ହୋଇଯାଇଥିଲା । ପେଣ୍ଟାଗନ୍ ଅନୁଯାୟୀ ଚୀନ୍ ପରମାଣୁ ଅସ୍ତ୍ରଶସ୍ତ୍ର ବୃଦ୍ଧି ଦିଗରେ ନିରନ୍ତର କାର୍ଯ୍ୟ କରୁଛି, ଯେଉଁ କାରଣରୁ ୨୦୩୦ ସୁଦ୍ଧା ସେଗୁଡିକର ସଂଖ୍ୟା ୧୦୦୦ ଏବଂ ୨୦୨୫ ସୁଦ୍ଧା ୧,୫୦୦ ରେ ପହଞ୍ଚିପାରେ ।

ଭାରତ-ପାକିସ୍ତାନ ଉତ୍ତେଜନା ଭିତରେ ବଢୁଛି ପାକିସ୍ତାନର ଆଣବିକ ଧମକ । ଯଦି ପାକିସ୍ତାନର ସ୍ଥିତି ପ୍ରତି ବିପଦ ଆସେ ତେବେ ଆଣବିକ ଅସ୍ତ୍ର ପ୍ରୟୋଗ ଲାଗି ପଛଘୁଞ୍ଚା ଦିଆଯିବ ନାହିଁ ବୋଲି କହିସାରିଛନ୍ତି ପାକ୍ ମନ୍ତ୍ରୀ ହନିଫ ଆବାସି, ଆମେରିକା ଲାଗି ନିଯୁକ୍ତ ରାଷ୍ଟ୍ରଦୂତ ରିଜୱାନ ଶେଖ ଓ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ । ଦୁଇ ଦେଶ ମଧ୍ୟରେ ସୃଷ୍ଟ ଉତ୍ତେଜନା ପ୍ରଶମିତ କରିବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ନିକଟରେ ଅନୁରୋଧ କରିଥିଲେ ରାଷ୍ଟ୍ରଦୂତ ଶେଖ୍ । ଏବେ ପ୍ରଶ୍ନ ଉଠୁଛି ସମ୍ଭାବ୍ୟ ଆଣବିକ ଟେନସନରେ ଆମେରିକାର ଭୂମିକା କଣ ରହିବ । ଅତୀତରେ ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଓ ଜର୍ଜ ଡବ୍ଲୁ ବୁଶଙ୍କ ସମୟରେ ପାକିସ୍ତାନର ଆଣବିକ ଅସ୍ତ୍ରର ସୁରକ୍ଷା ଲାଗି ଆମେରିକା ପଦକ୍ଷେପ ନେଇଥିଲା । ତେଣେ ବେଲାରୁଷ ଓ ଚୀନ ସହାୟତାରେ ପାକିସ୍ତାନ ଲଙ୍ଗରେଞ୍ଜ ମିସାଇଲ ଓ ପେଲୋଡ ସାମର୍ଥ୍ୟ ବୃଦ୍ଧି କାର୍ଯ୍ୟକ୍ରମ ଜାରି ରଖିଛି । ଏହି ଯୋଜନା ବଳରେ କିଛି ବର୍ଷ ମଧ୍ୟରେ ପାକିସ୍ତାନ ୩ ହଜାର କିଲୋମିଟର ଦୂରକୁ ହିଟ୍ କରିପାରୁଥିବା କ୍ଷେପଣାସ୍ତ୍ରର ଅଧିକାରୀ ହେବ । ପାକିସ୍ତାନକୁ ଆଣବିକ ଯନ୍ତ୍ରାଂଶ ସହଯୋଗ କରୁଥିବାରୁ ଚୀନ ଓ ବେଲାରୁଷର କେତେକ ଫାର୍ମ ସମେତ ପାକିସ୍ତାନର କେତେକ ସରକାରୀ ସଂସ୍ଥା ବିରୋଧରେ ଆମେରିକା କଟକଣା ଜାରି କରିସାରିଛି । ୨୦୧୫ରେ ପ୍ରଥମେ ପାକିସ୍ତାନ ପରୀକ୍ଷା କରିଥିବା ସାହିନ-୩ ମିସାଇଲର କ୍ଷମତା ୨ ହଜାର ୭୫୦ କିଲୋମିଟର ଥିଲା । ଏହାର ଅର୍ଥ ଭାରତର ଯେ କୌଣସି ସ୍ଥାନକୁ ହିଟ୍ କରିବାର କ୍ଷମତା ପାକିସ୍ତାନ ନିକଟରେ ରହିଛି ।

ଜାପାନର ଆଣବିକ ବିଧ୍ୱଂସରେ ବିଚଳିତ ହୋଇ ୯ ଜୁଲାଇ ୧୯୫୫ରେ ଆଲବର୍ଟ ଆଇନଷ୍ଟାଇନ ଓ ପ୍ରସିଦ୍ଧ ବ୍ରିଟିଶ ଦାର୍ଶନିକ ବର୍ଟ୍ରାଣ୍ଡ୍ ରସେଲ ସଂଯୁକ୍ତ ବିଜ୍ଞପ୍ତି ଜାରିକରି ଶାନ୍ତିର ଉପାୟ ଅବଲମ୍ବନ କରିବାକୁ ନିବେଦନ କରି କହିଥିଲେ, ''ଏହା ନିଶ୍ଚିତ ଯେ ତୃତୀୟ ବିଶ୍ୱଯୁଦ୍ଧରେ ପରମାଣୁ ଅସ୍ତ୍ରର ପ୍ରୟୋଗ ହେବ । ଏଥିଯୋଗୁଁ ମଣିଷଜାତିର ଅସ୍ତିତ୍ୱ ସଙ୍କଟ ଦେଖାଯିବ; କିନ୍ତୁ ଚତୁର୍ଥ ବିଶ୍ୱଯୁଦ୍ଧ ଲାଠି ଆଉ ପଥର ମାଧ୍ୟମରେ ହେବ ।'' ଏହି ବିଜ୍ଞପ୍ତିରେ କୁହାଯାଇଥିଲା ଯେ, ନରସଂହାର କଲାଭଳି ସମସ୍ତ ଅସ୍ତ୍ରକୁ ନଷ୍ଟ କରିଦିଆଯିବା ଆବଶ୍ୟକ । ଆମର ପୂର୍ବ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଏହି ଭୟାବହତାକୁ ଅନୁଭବ କରିପାରିଥିଲେ । ସେଥିପାଇଁ ସେ ସଂଯୁକ୍ତ ରାଷ୍ଟ୍ରରେ ଆଣବିକ ଅସ୍ତ୍ରର ସମୂଳ ନଷ୍ଟ ପାଇଁ ପ୍ରସ୍ତାବ ରଖିଥିଲେ; କିନ୍ତୁ ପରମାଣୁ ମହାଶକ୍ତିଗୁଡ଼ିକ ଏହି ପ୍ରସ୍ତାବ ଉପରେ କୌଣସି ଆଗ୍ରହ ପ୍ରକାଶ କଲେ ନାହିଁ, କାରଣ ପରମାଣୁ ପ୍ରଭୁତ୍ୱରେ ହିଁ ସେମାନଙ୍କ ଶକ୍ତି ଅନ୍ତର୍ନିହିତ ରହିଛି । ବର୍ତ୍ତମାନ ପରମାଣୁ ଶକ୍ତି ସଂପନ୍ନ ଦେଶଗୁଡ଼ିକର ୟୁରାନିୟମର ବେପାର କରୁଛନ୍ତି । ସେମାନେ ପରମାଣୁ ଅସ୍ତ୍ରର ବିପଦକୁ ସାଉଁଟିବାରେ ବ୍ୟସ୍ତ ଅଛନ୍ତି । ଏପରି ରହିଲେ ସମ୍ଭାବ୍ୟ ବିଶ୍ୱ ଧ୍ୱଂସ କୁ ଏଡ଼ାଇ ଦିଆଯାଇ ନ ପାରେ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୮ ନଭେମ୍ବର ୨୦୨୫ ମଙ୍ଗଳବାର





# ୬ଟି ଚୋରି ମାମଲାରେ ୮ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

୬ଟି ଚୋରି ମାମଲାରେ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ଟାଉନ୍ ପୋଲିସ । ଏନେଇ ଜୟପୁର ଟାଉନ୍ ଥାନାରେ ଏସ୍‌ଡିପିଓ ପାର୍ଥ କଶ୍ୟପ ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତମାନେ ହେଲେ ହାଟପଦାର ରାଜ ମାଣ୍ଡାଙ୍ଗି (୧୯), ମାଧବ ଭୁମିଆ (୧୯), ଜୁନେଶ ମାଡାଙ୍ଗି, ପୁରୁଣାଗଡର କାର୍ତ୍ତିକ ମାଝୀ (୨୨), ନବରଙ୍ଗପୁର ଜିଲ୍ଲା ସନ୍ତୋଷପୁର ଗ୍ରାମର କୈଳାଜ ବିନ୍ଧାଣି (୧୮), ସୌରାସାହିର ରାଜୁ ନାୟକ (୫୨) ସହ ୨ ଜଣ ନାବାଳକ ରହିଛନ୍ତି । ଗିରଫ ଅଭିଯୁକ୍ତ ମାନଙ୍କ ଠାରୁ ସୁନା ଗହଣା, ୩୫୦ ଗ୍ରାମର ରୁପା ଜିନିଷ, ୨ ଲକ୍ଷ ୩୦ ହଜାର ଟଙ୍କା, ୨ଟି କ୍ୟାମେରା, ଲୁହା ରଡ଼ ଆଦି ଜବତ କରିଛି । ସୂଚନା ଅନୁଯାୟୀ, ଜୟପୁର କୁମ୍ଭାର ସାହି ଲକ୍ଷ୍ମୀ ନଗର ବସନ୍ତ କୁମାର ଭଞ୍ଜ ଗତ ୭.୧୧.୨୫ ତାରିଖରେ ଅଭିଯୋଗ କରିଥିଲେ ଯେ, ତାଙ୍କ ଘରେ ଆଇସିଆଇସିଆଇ ବ୍ୟାଙ୍କର କର୍ମଚାରୀ ଭଡା ରହୁଥିବା ବେଳେ ତାଲା ପକାଇ ଗ୍ରାମକୁ ଯାଇଥିଲେ । ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ସୁନା ଚେନ୍, କାନଫୁଲ, ୩ଟି ମୁଦି, ଚୁଡି ଆଦି ଚୋରି ହୋଇଥିଲା । ଅଭିଯୋଗକୁ ଭିତ୍ତି କରି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଚୋରି ସାମଗ୍ରୀ ଜବତ କରିଛି । କୁମ୍ଭାର ସାହିର ସିରିଜ୍ ୩ଟି ଚୋରି ମାମଲା ସହ ବାଇକ୍ ଚୋରି ମାମଲାରେ ଅଭିଯୁକ୍ତଙ୍କୁ କାବୁ କରିଛି । ୮ ଜଣଙ୍କ ମଧ୍ୟରୁ ୬ ଜଣଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ୨ ଅଭିଯୁକ୍ତଙ୍କୁ ଜୁଭେଲାଇନ୍ ଜଷ୍ଟିସ୍ ବୋର୍ଡଙ୍କ ନିକଟରେ ହାଜର କରାଯାଇଛି । ସାମ୍ବାଦିକ ସମ୍ମିଳନିରେ ଟାଉନ୍ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ, ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ, କୁନ୍ଦୁରା ଥାନା ଅଧିକାର ଅଶ୍ୱିନ ପଟ୍ଟନାୟକ ଉପସ୍ଥିତ ଥିଲେ ।

# ଏମ୍‌କେସିଜି ମାନସିକ ରୋଗୀଙ୍କ ବାଟ ଯନ୍ତ୍ରଣା:ଦେଢ଼ କିମି ଚାଲି ଚାଲି ନୟାନ୍ତ ସମ୍ପର୍କୀୟ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍‌ର ମାନସିକ ରୋଗୀଙ୍କ ଯାତାୟାତ ଯନ୍ତ୍ରଣା ଭାରି ପଡୁଛି । ମାନସିକ ରୋଗ ବିଭାଗରୁ ଆଉଟ୍‌ଡ଼ୋର୍ ଓ ରକ୍ତ ପରୀକ୍ଷା କେନ୍ଦ୍ର ଦେଢ଼ କିମିରୁ ଅଧିକ ଦୂରରେ ରହିଥିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ନୟାନ୍ତ ହେଉଛନ୍ତି । ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ଏମ୍‌କେସିଜି କର୍ତ୍ତୃପକ୍ଷ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ । ଏମ୍‌କେସିଜି ମେଡ଼ିକାଲ୍‌ର ମାନସିକ ରୋଗ ବିଭାଗ କୋଠାଟି ନୂଆବସ୍‌ଷ୍ଟାଣ୍ଡ ପାଖ ଗେଟ୍ ନିକଟ ଏମ୍‌କେସିଜି କ୍ୟାମ୍ପସ୍ ପରିସରରେ ରହିଛି । ହେଲେ ଏମ୍‌କେସିଜିର ରକ୍ତ ପରୀକ୍ଷା କେନ୍ଦ୍ର ଓ ଏକ୍ସ-ରେ ତଥା ସିଟିସ୍କାନ୍ ଓ ଏମ୍‌ଆର୍‌ଆଇ କେନ୍ଦ୍ର ନୂଆ ବସ୍‌ଷ୍ଟାଣ୍ଡ ଠାରୁ ଦେଢ଼ କିମିରୁ ଅଧିକ ଦୂର ଏମ୍‌କେସିଜି କ୍ୟାମ୍ପସ୍ ଭିତରେ ରହିଛି । ମାନସିକ ଯୋଗ ବିଭାଗକୁ ଆସୁଥିବା ରୋଗୀ ପ୍ରଥମେ ଆଉଟ୍‌ଡ଼ୋର୍‌ରେ ରୋଗ ଦେଖାଇବା ପରେ ଆବଶ୍ୟକୀୟ ରୋଗୀଙ୍କୁ ଅନ୍ତଃବିଭାଗକୁ ପଠାଯାଉଛି । ନୂଆ ବସ୍‌ଷ୍ଟାଣ୍ଡ୍ ନିକଟରେ ଥିବା ଅନ୍ତଃବିଭାଗ କୋଠାରେ ମୋଟ୍ ୬୦ଟି ଶଯ୍ୟା ରହିଛି । ମହିଳାଙ୍କ ପାଇଁ ୩୦ଟି ଶଯ୍ୟା ରହିଥିବା ବେଳେ ପୁରୁଷଙ୍କ ପାଇଁ ଆଉ ୩୦ଟି ରହିଛି । ଅନ୍ତଃ ବିଭାଗରେ ଗଞ୍ଜାମ, ଗଜପତି, କନ୍ଧମାଳ ଭଳି ଜିଲ୍ଲାର ମାନସିକ ରୋଗୀ ମାସାଧିକ କାଳ ରହୁଛନ୍ତି । ଅନ୍ତଃବିଭାଗରେ ରହୁଥିବା ରୋଗୀଙ୍କୁ ଡାକ୍ତରମାନେ ନିୟମିତ ଭାବେ ଚିକିତ୍ସା କରୁଥିବା ବେଳେ ଅନେକ ସମୟରେ ସେହି ରୋଗୀଙ୍କ ରକ୍ତ, ମଳ, ମୂତ୍ର ପରୀକ୍ଷା କିମ୍ବା ଏକ୍ସ-ରେ, ସିଟିସ୍କାନ ଓ ଏମ୍‌ଆର୍‌ଆଇ ପରୀକ୍ଷା କରିବାକୁ ପରାମର୍ଶ ଦେଉଛନ୍ତି । ସେହି କ୍ରମରେ ରୋଗୀଙ୍କ ସମ୍ପର୍କୀୟମାନେ ନିଜ ରୋଗୀଙ୍କୁ ଧରି ଦେଢ଼ କିମି ଦୂରରେ ଥିବା ଏମ୍‌କେସିଜିର ଆର୍‌ଡିସି ଓ ରଞ୍ଜନରଶ୍ମୀ ବିଭାଗକୁ ଯାଉଛନ୍ତି । ତେବେ ରକ୍ତ ନମୁନା ଦେବାପରେ ରୋଗୀଙ୍କୁ ଆଣି ବିଭାଗରେ ଛାଡ଼ିବା ପରେ ସମ୍ପର୍କୀୟମାନେ ପୁଣିଥରେ ଦେଢ଼ କିମି ଦୂର ଚାଲି ଚାଲି ଯାଇ ପରୀକ୍ଷାର ରିପୋର୍ଟ ଆଣୁଛନ୍ତି । ଏପଟେ ଦୂରଦୁରାନ୍ତରୁ ଆସିଥିବାରୁ ଜଣେ ରୋଗୀଙ୍କ ନିକଟରେ ପ୍ରାୟତଃ ଜଣେ ଲେଖାଏଁ ସମ୍ପର୍କୀୟ ରହୁଥିବାରୁ ଏତେ ବାଟ ଯାଇ ରକ୍ତ ନମୁନା ଦେବା ଓ ରିପୋର୍ଟ ଆଣିବାରେ ସମସ୍ୟା ଉପୁଜୁଛି । ପୂର୍ବରୁ ନୂଆବସ୍‌ଷ୍ଟାଣ୍ଡ୍ ନିକଟରେ ଥିବା ଏମ୍‌କେସିଜି ଗେଟ୍‌ରେ ଗଳାବାଟ ଥିବାରୁ ବସ୍‌ରେ ଆସୁଥିବା ରୋଗୀ ଓ ସମ୍ପର୍କୀୟମାନେ ଏହି ବାଟ ଦେଇ ଯାତାୟାତ କରୁଥିଲେ । ଫଳରେ ସେଠାରେ କିଛି ଅଟୋ ଏବଂ ବ୍ୟାଟେରୀ ଚାଳିତ ଗାଡ଼ି ବ୍ୟବସାୟ କରୁଥିଲେ । ହେଲେ ସେହି ଗେଟ୍‌ରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯିବା ପରେ ଅଟୋ କିମ୍ବା ବ୍ୟାଟେରୀ ଗାଡ଼ି ମଧ୍ୟ ଚାଲୁନାହିଁ । ଫଳରେ କିଛି ରୋଗୀ ଓ ସମ୍ପର୍କୀୟ ଦେଢ଼ କିମିରୁ ଅଧିକ ବାଟ ଚାଲି ଚାଲି ଯିବାକୁ ବାଧ୍ୟ ହେଉଛନ୍ତି । ଏପଟେ ମାନସିକ ରୋଗୀଙ୍କୁ ଏକୁଟିଆ ଛାଡ଼ି ଗଲେ ସେମାନେ ନାନା ପ୍ରକାର କାର୍ଯ୍ୟକଳାପ କରୁଥିବା ନଜରକୁ ଆସୁଛି । ତେଣୁ ଏ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ କିଛି ରୋଗୀ ସମ୍ପର୍କୀୟ ଦାବି କରିଛନ୍ତି । ମାନସିକ ବିଭାଗର ଅନ୍ତଃ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟାଟେରୀ ଗାଡ଼ି ନିୟୋଜିତ କରି କେବଳ ସେହି ବିଭାଗର ରୋଗୀଙ୍କୁ ପରୀକ୍ଷା ନିରୀକ୍ଷା ପାଇଁ ନେବା ଆଣିବା କରିବାକୁ ଦାବି ହୋଇଛି । ସେହିପରି ରିପୋର୍ଟ ଆଣିବାକୁ ବହୁତ ବାଟ ଯିବାକୁ ପଡୁଥିବାରୁ ସେ ଦିଗରେ ମଧ୍ୟ ପଦକ୍ଷେପ ନେବାକୁ ଦାବି ହୋଇଛି ।

# ସମାଜର ବିକାଶ ପଥରେ ଗଣମାଧ୍ୟମର ଅବଦାନ ରହିଛି

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**



ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ୍ ଦିବସ - ୨୦୨୫ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀ ପ୍ରଭା ଜେନା କହିଲେ ଗଣମାଧ୍ୟମ ବନ୍ଧୁ ମାନଙ୍କ ପାଇଁ ଏହା ଏକ ସ୍ୱତନ୍ତ୍ର ଦିନ । ୧୯୬୬ ମସିହା ନଭେମ୍ବର ୧୬ ତାରିଖରେ ପ୍ରେସ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ଗଠିତ ହୋଇଥିଲା । ଏହି ଦିବସକୁ ସ୍ମରଣୀୟ ରଖିବା ପାଇଁ ଜାତୀୟ ପ୍ରେସ୍ ଦିବସ ସାରା ଭାରତ ବର୍ଷରେ ପାଳିତ ହୋଇଆସୁଛି । ବାତ୍ୟା ବନ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ପୂର୍ବରୁ ଗଣମାଧ୍ୟମ ଦ୍ୱାରା ଆମେ ସଚେତନ ଓ ସଜାଗ ହୋଇପାରୁଛୁ । ସମାଜର ବିକାଶ ପଥରେ ଗଣମାଧ୍ୟମର ଅବଦାନ ରହିଛି । ସତ୍ୟର ଅନୁସନ୍ଧାନ ପୂର୍ବକ ସମ୍ବାଦ ପରିବେଷଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଦିବସରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ ମିଡିଆର ସମସ୍ତ ପ୍ରତିନିଧିଙ୍କୁ ପ୍ରେସ୍ ଦିବସ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ କହିଲେ ସମ୍ବାଦ ପରିବେଷଣରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି । ସତ୍ୟ ଓ ମତାମତ ଆଧାରିତ ସକାରାତ୍ମକ ସମ୍ବାଦ ପରିବେଷଣ ଉପରେ ମତବ୍ୟକ୍ତ କରିଥିଲେ । ସାମାଜିକ ଗଣମାଧ୍ୟମ ଆସିଲା ପରେ ମୋବାଇଲ ଥିବା ଯେକୌଣସି ବ୍ୟକ୍ତି ଖବରର ସଠିକ୍ ବିଶ୍ଳେଷଣ ନକରି ସମ୍ବାଦ ପରିବେଷଣ କରୁଛନ୍ତି ଯାହାକି ସମାଜ ପାଇଁ କ୍ଷତିକାରକ । ଗଣମାଧ୍ୟମର ଦାୟିତ୍ୱ ଓ କର୍ତ୍ତବ୍ୟବୋଧ ରହିଛି । ଉକ୍ତ ଦିବସ ଅବସରରେ ଜିଲ୍ଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଗଣମାଧ୍ୟମର ସହଯୋଗରେ ଜିଲ୍ଲା, ରାଜ୍ୟ ଓ ଦେଶର ଉନ୍ନତି ହୋଇପାରିବ । ନିର୍ଭୀକ ଓ ସତ୍ୟ ସମ୍ବାଦ ଉପସ୍ଥାପନ କରିବାକୁ ମତ ରଖିଥିଲେ । ଅତିରିକ୍ତ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଗଣମାଧ୍ୟମ ହେଉଛନ୍ତି ଗଣତନ୍ତ୍ରର ଜାଗ୍ରତ ପ୍ରହରୀ । ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ - ଏକ ସେହି ସଂସ୍ଥା, ଯାହା ଜନମତକୁ ଗଢ଼ିଥାଏ, ଜନମନକୁ ଜାଗ୍ରତ୍ କରିଥାଏ ଓ ଶାସନକୁ ଜବାବଦେହୀ ରଖିଥାଏ । ସତ୍ୟ, ନିଷ୍ପକ୍ଷତା ଓ ନୈତିକତା ହେଉଛି ଗଣମାଧ୍ୟମର ମୂଳ ଆଧାର । ଜାତୀୟ ପ୍ରେସ୍ ଦିବସ ଅବସରରେ ଉଚ୍ଚ ବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱସନୀୟତାର ସଂରକ୍ଷଣ' ପ୍ରସଙ୍ଗରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର, ପ୍ରମାଣ ପତ୍ର ପ୍ରଦାନ ଓ ଫଳ ଚାରା ବଣ୍ଟନ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକମାନେ ନିଜ ନିଜର ଅଭିବ୍ୟକ୍ତି ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସଭା ପରିଚାଳନା ଓ ଧନ୍ୟବାଦ୍ ଅର୍ପଣ କରିଥିଲେ ।



# ଜଳେଶ୍ୱରରେ ଜାତୀୟ ପ୍ରେସ୍ ଦିବସ ପାଳିତ

**ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଜାତୀୟ ପ୍ରେସ୍ ଦିବସ ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ପୂର୍ବାହ୍ନ ୧୧ଟା ସମୟରେ ଦୁଇଦିନିଆ ପ୍ରେସ୍ ଦିବସ ସମାରୋହ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ ଯୋଗଦେଇ ଏହି ସମାରୋହକୁ ଉଦ୍‌ଘାଟନ କରିଥିଲେ । ସମାରୋହରେ ସଂଘର ସଭାପତି ତଥା ବରିଷ୍ଠ ସାମ୍ବାଦିକ ଅମର ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିବା ବେଳେ ଅନ୍ୟତମ ଅତିଥି ଭାବେ ସଂଘର ଉପଦେଷ୍ଟା ତଥା ବରିଷ୍ଠ ବିଜେପି ନେତା ସମୀର ପାତ୍ର, ଡ. ଅଜିତ୍ କୁମାର ମହାନ୍ତି, ମାସ୍ କଲେଜର ପ୍ରତିଷ୍ଠାତା ଆଦିକନ୍ଦ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସାମ୍ବାଦିକ ମନୋଜ କୁମାର ଭୂୟାଁ ମଞ୍ଚ ଆହ୍ୱାନ୍ କରିଥିବା ବେଳେ ଗୋପବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସମାରୋହ ପରେ ସ୍କୁଲ୍ କଲେଜର ଛାତ୍ରଛାତ୍ରୀଙ୍କୁ ନେଇ ଜୁନିଅର ଓ ସିନିଅର ବିଭାଗରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଆଦିକନ୍ଦ ଦାସ ବିଚାରକ ଭାବେ ଯୋଗଦେଇ ଥିଲେ । ସେହିପରି ଅପରାହ୍ନରେ ଅନୁରୂପ ଭାବେ ଛାତ୍ରଛାତ୍ରୀଙ୍କୁ ନେଇ ଜୁନିଅର ଓ ସିନିଅର ବିଭାଗରେ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଚାରକ ଭାବେ ବରେନ୍ଦ୍ର ମହାନ୍ତି, ନିମାଇଁ ଚରଣ ଦାସ ଦାୟିତ୍ୱ ନିର୍ବାହ କରିଥିଲେ । ସାମ୍ବାଦିକା କବିତା ବାଳା ମାନ୍ଧାତା, ଅର୍ଜୁନ ସିଂହ, ସମ୍ପାଦକ ସତ୍ୟବ୍ରତ ପ୍ରଧାନ, ଆଶିଷ ଗିରି, ରାଜେଶ ପ୍ରଧାନ, ରଞ୍ଜନ ବେହେରା, ବିନୟ ପ୍ରଧାନ, ଗୌରିଶଙ୍କର ମହାନ୍ତି, ସୁବ୍ରତ ଘୋଷ, ନବୀନ ସାହୁ, ବିଶ୍ୱଜିତ ଧଳ, ସେକ୍ ହସିରୁଦ୍ଦିନ ବକ୍ସ, ପ୍ରଦୀପ ଜେନା, ଆଲୋକ ଘଡ଼େଇ, ଭୋଳାନାଥ ସିଂ, ସେକ୍ ଅଫସର ଅଲ୍ଲୀ ପ୍ରମୁଖ ପରିଚାଳନା କରିଥିଲେ ।

# ବରଗଡ଼ ଜିଲ୍ଲାରେ ନଭେମ୍ବର ୨୮ରୁ ଖରିଫ ଧାନ କିଣା ଆରମ୍ଭ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଖରିଫ ବର୍ଷ ୨୦୨୪-୨୫ ଧାନ ସଂଗ୍ରହ ନିମନ୍ତେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚାଷୀ ଯେପରି ସୁବିଧାରେ ନିଜ ଧାନ ବିକ୍ରି କରିପାରିବେ ସେଥିପାଇଁ ଅବଶ୍ୟକୀୟ ପ୍ରସ୍ତୁତି କରିବା ପାଇଁ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ପ୍ରଶାସନର ଆଦେଶ ଖିଲାପକାରୀ ଅଧିକାରୀ, ମିଲର ତଥା ଦଲାଲଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ବୈଠକରେ ବରଗଡ ସାଂସଦ ପ୍ରଦୀପ ପୁରୋହିତଙ୍କ ସମେତ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ପଦମପୁର ବିଧାୟିକା ବର୍ଷା ସିଂ ବରିହା, ବିଜେପୁର ବିଧାୟକ ସନତ କୁମାର ଗଡତିଆ ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ଉପସ୍ଥିତ ରହି ଚାଷୀ କିଭଳି ସୁବିଧାରେ ନିଜ ଧାନ ବିକ୍ରି କରିପାରିବେ ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦେବା ସହ ମଣ୍ଡୀରେ ଦଲାଲଙ୍କ ସମ୍ପୃକ୍ତି ଏବଂ କଟନୀ ଛଟନୀ ଭଳି ବିଭିନ୍ନ ଅବ୍ୟବସ୍ଥା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ତଥା ଉପସ୍ଥିତ ଲୋକ ପ୍ରତିନିଧିଙ୍କ ଅନୁମୋଦନ କ୍ରମେ ଆଗାମୀ ନଭେମ୍ବର ୨୮ ତାରିଖରୁ ଖରିଫ ଋତୁ ଧାନ ସଂଗ୍ରହ ପାଇଁ ଧାର୍ଯ୍ୟ କରାଯିବା ସହ ଜିଲ୍ଲାର ସମୁଦାୟ ୧୨ ଗୋଟି ବ୍ଲକ ତଥା ବରଗଡ଼, ଅତାବିରା ଏବଂ ପଦ୍ମପୁର ଆର୍‌ଏମ୍‌ସିରୁ ସମୁଦାୟ ୨୧୦ ଗୋଟି ପିପିସି ଦ୍ୱାରା ଧାନ ସଂଗ୍ରହ କରବା ବ୍ୟବସ୍ଥା କରାଯାଇଛି । ଚାଷୀଙ୍କ ସୁବିଧା ପାଇଁ ଧାନ ସଂଗ୍ରହ କେନ୍ଦ୍ରରେ ଡିଜିଟାଲ୍ ଆର୍ଦ୍ରତା ମିଟର, ତାରପୋଲିନ୍, ୱେଟ୍‌ବ୍ରିଜ୍, ବିଶ୍ଳେଷଣ କିଟ୍ ଆଦି ଯୋଗାଇବା ସହିତ ପ୍ରତୀକ୍ଷା କକ୍ଷ, ଛାଇ, ପାନୀୟଜଳ, ଲାଇଟ୍, ପାଇଖାନା, ସିସିଟିଭି ଏବଂ ମୂଲ୍ୟ ପ୍ରଦର୍ଶନ ବୋର୍ଡ ଆଦି ସୁବିଧା ଥିବା ମୋଡେଲ ମଣ୍ଡିର ବ୍ୟବସ୍ଥା କରାଯାଇଛି ଓ ସେହିଭଳି ଜିଲ୍ଲାର ସମସ୍ତ ମାର୍କେଟ୍ ୟାର୍ଡ ଠାରେ କାଳବଜାରୀ ରୋକିବା ନିମନ୍ତେ ଜିଲ୍ଲା ଏବଂ ଉପଖଣ୍ଡର କଣ୍ଟ୍ରୋଲ୍ ରୁମ୍ ସିସି ଟିଭି ଲାଇଭ୍ ଫୁଟେଜ୍ ଦ୍ୱାରା ୨୪ ଘଣ୍ଟା ତଦାରଖ କରିବ । ଚାଷୀଙ୍କ ପୂର୍ବ ସମସ୍ୟା ଗୁଡିକର ଆଲୋଚନା ତଥା ପରାମର୍ଶ ଆଧାରରେ ଜିଲ୍ଲାପାଳ ଏବର୍ଷ ଧାନ ସଂଗ୍ରହରେ ସ୍ୱଚ୍ଛତା ଆଣିବା ନିମନ୍ତେ କୌଣସି ମିଲର, ଆର୍‌ଏମ୍‌ସି ଅଧିକାରୀ ଏବଂ ଯୋଗାଣ ଅଧିକାରୀ ଠକେଇ କଲେ ତୁରନ୍ତ ଥାନାରେ ଏତେଲା ଦେବା କିମ୍ବା ଟୋଲ୍ ଫ୍ରି ନଂ-୧୯୬୭ କିମ୍ବା ୦୬୬୪୬-୨୪୬୦୪୧ରେ ଅଭିଯୋଗର ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ଭିତ୍ତିଭୂମିର ସୁବିଧା ନିମନ୍ତେ ପ୍ରଶାସନ ତରଫରୁ ମଡେଲ୍ ମଣ୍ଡି ବ୍ୟବସ୍ଥା କରିବା ସହିତ ଚାଷୀଙ୍କୁ ଗ୍ରାମ ପଞ୍ଚାୟତ ସ୍ତରରେ ଜୁଟ୍ ବ୍ୟାଗ ଯୋଗାଇବା କିମ୍ବା ଚାଷୀ ଦେଇଥିବା ବ୍ୟାଗର ଉଚିତ୍ ମୂଲ୍ୟ ମିଲର ବହନ କରିବେ ଏବଂ ଏହାର ତଦାରଖ ନିମନ୍ତେ ସ୍ୱତନ୍ତ୍ର ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ, ସେ ମଣ୍ଡି ସ୍ତରରେ ସମସ୍ତ ଚାଷୀ କିଭଳି ସଠିକ୍ ଭାବେ ପଇସା ପାଇବେ ସେ ବ୍ୟବସ୍ଥା କରିବେ ବୋଲି ଜିଲ୍ଲାପାଳ କହିଥିଲେ । ଏତଦ୍‌ବ୍ୟତୀତ ପ୍ରତ୍ୟେକ ଧାନ ସଂଗ୍ରହ କେନ୍ଦ୍ରରେ ଚାଷୀଙ୍କ ଅଭିଯୋଗ ଗ୍ରହଣ ନିମନ୍ତେ ସ୍ୱତନ୍ତ୍ର ରେଜିଷ୍ଟର କରିବା ସହ ଜିଲ୍ଲା ମୁଖ୍ୟାଳୟରେ ଅଭିଯୋଗ ଗ୍ରହଣ ନିମନ୍ତେ ଏକ ସ୍ୱତନ୍ତ୍ର ଟୋଲ୍ ଫ୍ରୀ ନମ୍ବର ଜାରି କରାଯିବ ଏବଂ ରେଜିଷ୍ଟ୍ରେସନ୍ ପରେ ଚାଷୀଙ୍କ ମୋବାଇଲ୍‌ରେ ମଣ୍ଡିକୁ ଧାନ ନେଇଯିବା ତାରିଖର ସୂଚନା ଆସିବ ଏବଂ ଗୋଟିଏ ଟୋକନ୍‌ର ଅବଧି ୩୦ ଦିନ ପର୍ଯ୍ୟନ୍ତ ରହିବ ଓ ଧାନ ଦେବା ୪୪ ରୁ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଖାତାରେ ଡିବିଟି ଦ୍ୱାରା ଟଙ୍କା ପଠାଯିବ ଓ ପ୍ରତ୍ୟକ ଆର୍‌ଏମ୍‌ସି ଦ୍ୱାରା ଡାକବାଜି ଯନ୍ତ୍ର ଦ୍ୱାରା ଧାନ ସଂଗ୍ରହ ତାରିଖ, ତଥା ଅନ୍ୟାନ୍ୟ ବିବରଣୀ ବିଷୟରେ ସଚେତନ କରାଯିବ ବୋଲି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଧାନ ସଂଗ୍ରହ କାର୍ଯ୍ୟକୁ ସଫଳ କରାଇବା ପାଇଁ ପ୍ରତିଟି ଆର୍‌ଏମ୍‌ସିର ଅଧ୍ୟକ୍ଷ ମାନଙ୍କୁ ଗାଆଁ ଗାଆଁ ବୁଲି ଚାଷୀ ମାନଙ୍କ ସହିତ ଉତ୍ତମ ଯୋଗାଯୋଗ ରଖିବା ସହ ଧାନର ଏଫ୍‌ଏକ୍ୟୁ ମାନ ବିଷୟରେ ଚଷୀକୁ ପୂର୍ବରୁ ସଚେତନ କରିବା, ମଣ୍ଡିକୁ ଧାନ ଆସିବାର ଯଥା ସମୟ ପୂର୍ବରୁ ଚାଷୀମାନଙ୍କୁ ଟୋକେନ୍ ଦେବା ବ୍ୟବସ୍ଥା କରିବା, କଳାବଜାରୀ କିମ୍ବା ଆବଶ୍ୟକୀୟ ଧାନ ପଡୋଶୀ ଜିଲ୍ଲାକୁ ସ୍ଥାନାନ୍ତରଣ ଭଳି ବେଆଇନ୍ କାର୍ଯ୍ୟଗୁଡିକୁ ରୋକିବା ପାଇଁ ଜିଲ୍ଲାର ସମସ୍ତ ସୀମାରେଖାରେ ପୋଲିସ୍ ମୁତୟନ କରିବା ସହିତ କଡାକଡି ଯାଞ୍ଚ କରିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା । ବୈଠକରେ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମିନା ଏବଂ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କ ସମେତ ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ପଦ୍ମପୁର ଉପଜିଲ୍ଲାପାଳ ଆରାଗୁଲା ସ୍ନେହା, ଜିଲ୍ଲାର କୃଷକ ପ୍ରତିନିଧି, ଜିଲ୍ଲାସ୍ତରୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିବାବେଳେ ଜିଲ୍ଲା ଯୋଗାଣ ଅଧିକାରୀ ବୈଠକୁ ପରିଚାଳନା କରିଥିଲେ ।

# ୨୦ରୁ ଯାଜପୁର ଜିଲ୍ଲାରେ ଏକତା ପଦଯାତ୍ରା



**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମଜୟନ୍ତୀ ଅବସରରେ ଏକ ମାସ ବ୍ୟାପି ଚାଲୁଥିବା ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଓ ଅନୁଷ୍ଠିତ ହେବାକୁଥିବା ପଦଯାତ୍ରା ଅବସରରେ ଲୋକସଭା ସାଂସଦ, ଯାଜପୁର ଡ଼ା. ରବୀନ୍ଦ୍ର ନାରାୟଣ ବେହେରାଙ୍କ ଅଧ୍ୟକ୍ଷତାରେ ସର୍କିଟ୍ ହାଉସ୍ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ଅଧ୍ୟକ୍ଷତା କରି ସାଂସଦ ଯାଜପୁର ଡ଼ା. ରବୀନ୍ଦ୍ର ନାରାୟଣ ବେହେରା କହିଲେ ଜିଲ୍ଲାର ୩ ଟି ସ୍ଥାନରେ ତା ୨୦ ନଭେମ୍ବର ସୁକିନ୍ଦା, ୨୧ ନଭେମ୍ବର କୋରେଇ ଏବଂ ୨୫ ନଭେମ୍ବରରେ ଧର୍ମଶାଳାରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିରେ ୧୦ କିଲୋମିଟର ଦୂରତା ମଧ୍ୟରେ ପଦଯାତ୍ରା ଅନୁଷ୍ଠିତ ହେବ ଏବଂ ୪ଟି ଷ୍ଟେଜ୍ ହେବ । ପ୍ରତି ୨.୫ କିଲୋମିଟର ଦୂରତାରେ ଗୋଟେ ଲେଖାଏଁ ଷ୍ଟପେଜ୍ ହେବ । ଏଥିରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ୟୁଥ୍ କ୍ଲବ୍, ଏନ୍.ଏସ୍.ଏସ୍, ଏନ୍.ସି.ସି, କ୍ରୀଡାବିତ୍, ସରକାରୀ କର୍ମଚାରୀ, ସିଭିଲ୍ ସୋସାଇଟ ଗ୍ରୁପ୍, ସିନିୟର୍ ସିଟିଜେନ୍, ଏସ୍.ଏଚ୍.ଜି ଗ୍ରୁପ୍‌ର ସଦସ୍ୟା, ଦିବ୍ୟାଙ୍ଗମାନେ (୧୪ ବର୍ଷରୁ ଉର୍ଦ୍ଧ୍ୱ) (ସର୍ବନିମ୍ନ ୧୦୦୦ ରୁ ୧୫୦୦) ଭାଗ ନେଇପାରିବେ । ଉକ୍ତ ଦିନ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବ । ୪ଟି ଷ୍ଟେଜ୍‌ରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଯୋଗ, ଜୁଡୋ, କରାଟି ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏହା ସହିତ ଲୋକାଲ ପ୍ରଡକ୍ଟସ୍‌ର ମେଳା ଅନୁଷ୍ଠିତ ହେବ । ଏକ ପେଡ୍ ମା' କେ ନାମ୍ କାର୍ଯ୍ୟକ୍ରମ, ଏକ ଭାରତ ଅମୃତ ଭାରତ କାର୍ଯ୍ୟକ୍ରମ ଆଦି ଆୟୋଜିତ ହେବ । ଉକ୍ତ ଏକ ମାସ ବ୍ୟାପି କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ । ଉକ୍ତ ସମ୍ମିଳନୀରେ ବିଧାୟକ କୋରେଇ ଆକାଶ ଦାସନାୟକ, ବିଧାୟକ ଧର୍ମଶାଳା ହିମାଂଶୁ ଶେଖର ସାହୁ ଯୋଗଦେଇ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦେଶ ଏକତ୍ରିକରଣରେ ଭୂମିକା ବର୍ଣ୍ଣନା କରିବା ସହିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅନୁଷ୍ଠିତ ହେବାକୁ ଥିବା ପଦଯାତ୍ରା ନିମନ୍ତେ ବିଭିନ୍ନ ବିବରଣୀ ଉପରେ ନିଜର ବକ୍ତବ୍ୟ ରଖିଥିଲେ । ଉକ୍ତ ସମ୍ମିଳନୀରେ ଜିଲ୍ଲାପାଳ ଅମ୍ବର କୁମାର କର କହିଲେ ଯେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀକୁ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରିବା ନିମନ୍ତେ ଜିଲ୍ଲାରେ ଏକ ମାସ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ । କାର୍ଯ୍ୟସୂଚୀ ଅନୁଯାୟୀ ୧୦ କି.ମି. ଦୂରତାର ଜିଲ୍ଲା ସ୍ତରୀୟ ପଦଯାତ୍ରା ଆୟୋଜନ ହେବା ସହିତ ୪ଟି ଷ୍ଟେଜ୍‌ରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ୱଚ୍ଛତା, ସମ୍ମାନ ସଭା ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପ୍ରତ୍ୟେକ ସ୍ଥାନରେ ଏକ ନୋଡାଲ୍ ଅଧିକାରୀ ରହିବେ । ଏହି ପଦଯାତ୍ରାରେ ଜିଲ୍ଲା ଭିତରୁ ୧୦୦୦ ରୁ ୧୫୦୦ (୧୪ ବର୍ଷରୁ ଅଧିକ) ଯୁବ ଓ ନାଗରିକ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ସରକାରୀ କର୍ମଚାରୀ, ନେସ୍, ଏନ୍‌ଏସ୍‌ଏସ୍, ଏନ୍‌ଏସ୍‌ସି, ସ୍ୱେଚ୍ଛାସେବୀ ସଂଗଠନ, କ୍ରୀଡ଼ାବିତ୍, ସ୍ୱୟଂସହାୟିକ ଦଳ ସଦସ୍ୟ, ବରିଷ୍ଠ ନାଗରିକ ବୃନ୍ଦ ଯୋଗଦେବେ । ପୂର୍ବରୁ ଅନୁଷ୍ଠିତ ଓଡ଼ିଆ ଓ ଇଂରାଜୀ ବକ୍ତୃତା ପ୍ରତିଯୋଗିତା ଏବଂ ବ୍ଲକ୍ ସ୍ତରରେ ଓ ଜିଲ୍ଲା ସ୍ତରରେ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ । ୧୦ କିଲୋମିଟର ଦୂରତା ମଧ୍ୟରେ କମିଟି ମେମ୍ବରଙ୍କ ଦ୍ୱାରା ମଝି ମଝିରେ ରଙ୍ଗୋଲି କରାଯିବ । ଦେଶାତ୍ମବୋଧ ସଙ୍ଗୀତ ଗାନ ସହିତ ଏକ ରଥ ବୁଲିବ । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଶ୍ରୀ କର ଏହି ଅଭିଯାନ ମାଧ୍ୟମରେ ଯୁବପିଢ଼ିଙ୍କ ମଧ୍ୟରେ ଜାତୀୟ ଏକତା, ସାମ୍ପ୍ରଦାୟିକ ସମ୍ମିଳନ ଓ ଦେଶପ୍ରେମର ବାର୍ତ୍ତା ପ୍ରଚାର ହେବ ବୋଲି କହିଥିଲେ । ଉକ୍ତ ସମ୍ମିଳନୀରେ ଏଡିଏମ୍ ଯୁଧିଷ୍ଠିର ନାଏକ, ଜିଲ୍ଲା କ୍ରୀଡା ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଆଲୋଚନା କରିଥିଲେ ।

# ବନ୍ଧୁକ ଧରୁଥିବା ହାତ ଏବେ ଧାନ କାଟୁଛି

**କାଲିମେଲା, ନ୍ୟୁଜ୍ ବ୍ୟୁରୋ**



ଦିନେ ଦୁର୍ଦ୍ଦାନ୍ତ ମାଓ ନେତା ହିଡ଼ମାର ଏକାନ୍ତ ସହଯୋଗୀ ଥିଲେ । ବନ୍ଧୁକ ଧରି ପୋଲିସ ସହ ଲଢ଼େଇ କରୁଥିଲେ । ଅନେକ ହିଂସାକାଣ୍ଡରେ ମଧ୍ୟ ଜଡ଼ିତ । କିନ୍ତୁ ଆତ୍ମସମର୍ପଣ ପରେ ବଦଳି ଯାଇଛି ଜୀବନଶୈଳୀ । ସାଧାରଣ ଜୀବନ ଯାପନ ସହ ଜୀବିକା ପାଇଁ ଏବେ ବନ୍ଧୁକ ଧରୁଥିବା ହାତରେ ଜମିରେ ଦାଆ ଧରି ଧାନ କାଟୁଛନ୍ତି ପୂର୍ବତନ ମାଓ ନେତା ବୁଦ୍ରା କବାସୀ ଓରଫ୍ ଶୁକଦେବ । ଶୁକଦେବଙ୍କୁ ସହଯୋଗ କରୁଛନ୍ତି ପତ୍ନୀ ତଥା ପୂର୍ବତନ ମାଓନେତ୍ରୀ କାନି କବାସୀ ଓରଫ ରକ୍ମଣୀ । ୨୦୦୦ ମସିହାରେ ମାଓ ସଂଗଠନରେ ଯୋଗ ଦେଇଥିଲେ ପିଣ୍ଡିକୋଣ୍ଡା ଗ୍ରାମର କାନି କବାସୀ । ସେହିପରି ୨୦୦୩ ମସିହାରେ ମାଓ ସଂଗଠନରେ ସାମିଲ୍ ହୋଇଥିଲେ ଶୁକଦେବ । ମାଓବାଦୀ କାର୍ଯ୍ୟକଳାପରେ ସିଦ୍ଧହସ୍ତ ରକ୍ମଣୀ ଖୁବ୍ କମ୍ ଦିନ ମଧ୍ୟରେ ମାଓ ସଂଗଠନରେ ଏସିଏମ୍ କ୍ୟାଡରକୁ ପଦୋନ୍ନତି ହୋଇଥିଲେ । ଏସ୍‌ଏଲ୍‌ଆର୍ ପରି ସ୍ୱୟଂ ଚାଳିତ ବନ୍ଧୁକ ଧରି ଜଙ୍ଗଲରେ ରାଜୁତି କରୁଥିଲେ । ଶୁକଦେବ ମଧ୍ୟ କିଛି କମ୍ ନଥିଲେ । ଅତ୍ୟନ୍ତ ହିଂସ୍ର ସ୍ୱଭାବର ଶୁକଦେବ ଟପ୍ କ୍ୟାଡରଙ୍କ ନିର୍ଦ୍ଦେଶରେ ଓଡ଼ିଶା-ଆନ୍ଧ୍ର-ଛତିଶଗଡ଼ରେ ବହୁ ମାଓ ହିଂସାରେ ଜଡ଼ିତ ଥିଲେ । କୁଖ୍ୟାତ ମାଓବାଦୀ ହିଡ଼ମା ସହିତ ଶୁକଦେବ ଛତିଶଗଡ଼ରେ ଦୀର୍ଘ ଏକ ମାସ ଧରି ବନ୍ଧୁକ ଚାଳନା ସହ ଅନେକ କଠୋର ତାଲିମ୍ ଗ୍ରହଣ କରିଥିଲେ । ମାଓ ସଂଗଠନରେ ଡିସିଏମ୍ ଭାବେ କାର୍ଯ୍ୟ କରୁଥିବା ଶୁକଦେବଙ୍କ ପ୍ରେମରେ ପଡ଼ିଥିଲେ ରକ୍ମଣୀ । ବିବାହ ପାଇଁ ନିଷ୍ପତ୍ତି ନେଇଥିଲେ । ହେଲେ ମାଓ ସଂଗଠନର ନୀତି ଆଦର୍ଶ ସେମାନଙ୍କୁ ଏକାଠି ରହିବାକୁ ଅନୁମତି ଦେଇନଥିଲା । ଫଳରେ ଉଭୟେ ୨୦୧୬ରେ ମାଓ ସଂଗଠନ ଛାଡ଼ି ପୋଲିସ ନିକଟରେ ଆତ୍ମସର୍ମପଣ କରିଥିଲେ । ସମାଜର ମୁଖ୍ୟସ୍ରୋତକୁ ଫେରିବା ପରେ ଦୀର୍ଘ ୯ ବର୍ଷ ହେଲା ଦାମ୍ପତ୍ୟ ଜୀବନ ଅତିବାହିତ କରୁଛନ୍ତି ଶୁକଦେବ ଓ ରକ୍ମଣୀ । ମାଓ ସଂଗଠନରେ ଥିବା ସମୟରେ ରକ୍ମଣୀ ପରିବାର ନିୟୋଜନ ଅସ୍ତ୍ରୋପଚାର କରିଥିବାରୁ କୌଣସି ସନ୍ତାନ ନାହାନ୍ତି । ଫଳରେ ମାଓ ଦମ୍ପତି ସମ୍ପର୍କୀୟ ଭଉଣୀର ଏକ ପୁତ୍ରକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରି ଲାଳନ ପାଳନ କରୁଛନ୍ତି । ଆତ୍ମସମର୍ପଣ ପରେ ରାଜ୍ୟ ସରକାର ଉଭୟଙ୍କୁ ୯ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ । କିନ୍ତୁ ଥଇଥାନ ଲାଗି ଚାକିରି ଖଣ୍ଡିଏ ମିଳିନଥିବାରୁ ଶୁକଦେବ ଓ ରକ୍ମଣୀ ପରିବାର ପ୍ରତିପୋଷଣ ପାଇଁ ଚାଷ କାର୍ଯ୍ୟକୁ ଆପଣାଇ ନେଇଛନ୍ତି । ଏପରିକି ଶୁକଦେବ କାଲିମେଲା ଲ୍ୟାମ୍ପର ପରିଚାଳନା ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରୁଛନ୍ତି । ପତ୍ନୀ ରକ୍ମଣୀ ଘର ସହ ଜମିବାଡ଼ି ସମ୍ଭାଳୁଛନ୍ତି । ଧାନ ପାଚିବା ପରେ ଅମଳ ପାଇଁ ଉଭୟ ଏବେ ଧାନ କଟାରେ ବ୍ୟସ୍ତ । ଅର୍ଥ ଅଭାବରୁ ବଡ଼ିଗେଟା ପଞ୍ଚାୟତ ଟେକଗୁଡ଼ା କଲୋନୀରେ ଥିବା ନିଜ ଘରର ମରାମତି କରିପାରୁନାହାନ୍ତି ଶୁକଦେବ । ଜରାଜୀର୍ଣ୍ଣ ଘରେ ଶୁକଦେବଙ୍କ ମାଆ ରହୁଥିବା ବେଳେ ଶୁକଦେବ ଓ ରକ୍ମଣୀ କାଲିମେଲା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ପଛପଟେ ଥିବା ସରକାରୀ ଜମିରେ ଘର କରି ରହୁଛନ୍ତି ।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ସାମିଲ୍ ହେଲେ ଜିଲ୍ଲାର ୮୯ ଜଣ ବରିଷ୍ଠ ନାଗରିକ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକରୁ ପ୍ରାୟ ୮୯ ଜଣ ବରିଷ୍ଠ ନାଗରିକ ଏବଂ ତିନି ଜଣ ଏସ୍କର୍ଟ ଅଧିକାରୀ ଉଜ୍ଜୈନ ଓ ଓମ୍‌କାରେଶ୍ୱର ଆଧ୍ୟାତ୍ମିକ ଯାତ୍ରା ଆରମ୍ଭ କରିଛନ୍ତି । ସେମାନେ ଦୁଇଟି ବସ୍ ଯୋଗେ ବ୍ରହ୍ମପୁର ଏବଂ ବ୍ରହ୍ମପୁର ରେଳ ଷ୍ଟେସନ୍ ଠାରୁ ଟ୍ରେନ୍ ଯୋଗେ ଉଜ୍ଜୈନ ଓ ଓମ୍‌କାରେଶ୍ୱର ଯିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଆଇଆଇସି, ସର୍ତାଗୁଡା ଠାରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ସାଂସଦ, କନ୍ଧମାଳ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଧାୟକ, ଫୁଲବାଣୀ ଉମା ଚରଣ ମଲ୍ଲିକ, ଜିଲ୍ଲାପାଳ, କନ୍ଧମାଳ ବେଦଭୂଷଣ, ଆରକ୍ଷୀ ଅଧୀକ୍ଷକ, କନ୍ଧମାଳ ହରିଶ ବି. ସି, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ, ଉପଜିଲ୍ଲାପାଳ, ଫୁଲବାଣୀ ଭିକାରୀ ସାହୁ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପି ପଦ୍ମା ଯୋଗ ଦେଇଥିଲେ । ଅତିଥିମାନେ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ । ଜିଲ୍ଲା ପର୍ଯ୍ୟଟନ ଅଧିକାରୀ କୁମୁଦିନୀ ମଲ୍ଲିକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଫୁଲବାଣୀ ସୌମ୍ୟରଞ୍ଜନ ପାତ୍ର, ଡେପୁଟି କଲେକ୍ଟର ଅନୁପମ ଆଚାର୍ଯ୍ୟ, ପର୍ଯ୍ୟଟନ କାର୍ଯ୍ୟାଳୟ, କଲେକ୍ଟରେଟ ଓ ଆଇ. ଆଇ.ସି.ର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଆସିଲାଣି ଶୀତ ଦିନ:ପାରା ବଢ଼ାଉଛନ୍ତି ଫୁସ୍‌ଫୁସ୍ ସଂକ୍ରମଣ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ଦିନେ ସେମାନେ ଥିଲେ ଚିଠିର ବାହକ । ଶତ୍ରୁଠୁ ଲୁଚାଇ ଗୁପ୍ତଚର ସାଜି ସେମାନେ ପହଞ୍ଚାଉଥିଲେ ଗୋପନୀୟ ସନ୍ଦେଶ । ସେଥିପାଇଁ ତ ଭାରତୀୟ ସଂସ୍କୃତିରେ ପାରାମାନଙ୍କ ଗୁରୁତ୍ୱ ଅନେକ । ହେଲେ ଆଜି ଏହି ପାରାକୁ ଜନଜୀବନ ପ୍ରତି ବିପଦ ସାଜିଛି । ଦିନେ ସନ୍ଦେଶ ବାହକ ସାଜିଥିବା ପାରା ଆଜି ପାଲଟି ଯାଇଛନ୍ତି, ପରିବେଶ ପାଇଁ ବିପଦ । ରୋଗବାହକ ଏହି ପାରାଙ୍କ ସଂଖ୍ୟା ବଢୁଥିବା ବେଳେ ମଣିଷ ପାଇଁ ହୋଇଛନ୍ତି କାଳ । ଏଣୁ 'ପାରା' ସଂଖ୍ୟା କମାଇବାକୁ ବିଶ୍ୱସ୍ତରରେ ଆରମ୍ଭ ହୋଇଛି ପ୍ରୟାସ । କାରଣ ପାରାମାନେ ଏବେ ଫୁସ୍‌ଫୁସ୍ ସଂକ୍ରମଣର କାରଣ ହୋଇଛନ୍ତି । ରାଜଧାନୀର ପ୍ରାୟ ଜନଗହଳି ସ୍ଥାନ ଓ ମାର୍କେଟ୍ ଅଞ୍ଚଳରେ ଏବେ ପାରାଙ୍କ ମେଳି ଦେଖିବାକୁ ମିଳୁଛି । ରାଜମହଲ ଛକ, ଭୁବନେଶ୍ୱର କ୍ଲବ୍ ସମ୍ମୁଖ, ରାମ ମନ୍ଦିର, ଏକ ନମ୍ବର ହାଟ, ଆଇଡ଼ି ମାର୍କେଟ୍ ହେଉ ବା ଯେକୌଣସି ଜନଗହଳି ସ୍ଥାନ ବା ଆବାସିକ ଅଞ୍ଚଳ ପ୍ରତିଦିନ ଶହ ଶହ ସଂଖ୍ୟାରେ ପାରା ଆସି ସକାଳୁ, ସଞ୍ଜ ଏକାଠି ହୁଅନ୍ତି । ରାଜଧାନୀବାସୀ ବି ଭାରି ଆଦରରେ ଏମାନଙ୍କୁ ଦାନା ଦେଇଥାଆନ୍ତି । ଆମ ପରମ୍ପରାରେ ପାରାକୁ ଦାନା ଦେବା ଶୁଭ ବୋଲି ବିଶ୍ୱାସ କରାଯାଏ । ଏଣୁ ସକାଳୁ ଉଠି ଅନେକ ଲୋକ ପାରାକୁ ନିଜ ଘର ଛାତରେ ବା ଅଗଣାରେ ଧାନ, ମୁଗ, ସୋରିଷ ବା ଖୁଦ ଆଦି ଖାଇବାକୁ ଦେଇଥା'ନ୍ତି । କିନ୍ତୁ ବିଜ୍ଞାନ ମତରେ, ପାରାଙ୍କ ଠାରୁ ଦୂରେଇ ରହିବା ମଣିଷ ତଥା ପରିବେଶ ପାଇଁ ଶୁଭଙ୍କର । ଏପରିକି ସିଙ୍ଗାପୁରରେ ପାରାଙ୍କୁ ଦାନା ପକାଇଲେ ୫୦୦ ଡଲାର ଜରିମାନା ଭରିବାକୁ ପଡ଼ିଥାଏ । ଆମେରିକା ଓ ୟୁରୋପରେ ପାରା ଓ ଗୁଣ୍ଡୁଚିମୂଷାଙ୍କୁ ଗର୍ଭନିରୋଧକ ଔଷଧ ପ୍ରଦାନ କରାଯାଉଥିବା ବେଳେ ଭାରତ ଓ ଓଡ଼ିଶାରେ ମଧ୍ୟ ଏହାର ଆବଶ୍ୟକତା ରହିଛି ବୋଲି ପରିବେଶବିତ୍‌ମାନେ ମତ ଦେଲେଣି । ଶୀତ ଦିନ ଆସିଯାଇଥିବାରୁ ପାରାମାନଙ୍କ ଠାରୁ ଦୂରେଇ ରହିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଲେଣି । ପାରାମାନଙ୍କ ସଂସ୍ପର୍ଶରେ ସବୁବେଳେ ଆସିବା ଦ୍ୱାରା 'ହାଇପରସେନ୍‌ସିଟିଭିଟି ନ୍ୟୁ ମାଟାଇଟିସ୍' ଭଳି ଫୁସ୍‌ଫୁସ୍ ସଂକ୍ରମଣଜନିତ ରୋଗ ହୋଇଥାଏ । ଏହା ପାରା ଓ ପକ୍ଷୀମାନଙ୍କ ପାଖରେ ଅଧିକ ରହିଲେ, ଏହା ସାଂଘାତିକ ରୂପ ନେଇ ଫୁସ୍‌ଫୁସ୍‌ରେ ଫାଇବ୍ରୋସିସ୍ କରିଥାଏ । ଏହି ରୋଗରେ ଫୁସ୍‌ଫୁସ୍ ସଂକ୍ରମିତ ହେବା ସହ ନିଶ୍ୱାସ-ପ୍ରଶ୍ୱାସ କ୍ରିୟାରେ କଷ୍ଟ ଅନୁଭୂତ ହୋଇଥାଏ ଓ ଧଇଁସଇଁ ଲାଗିଥାଏ । ଏଣୁ ପାରାମାନଙ୍କ ଜନବସତି ବା ଘର ଆଖପାଖରେ ବଢ଼ିବାକୁ ନ ଦେବା ଭଲ । ଶ୍ୱାସ ସମସ୍ୟା ଥିବା ରୋଗୀମାନେ ପାରାଙ୍କ ଠାରୁ ଯେତେ ଦୂରେଇ ରହିବେ ସେତେ ଭଲ । ପାରା ଅଧିକ ଥିବା ଅଞ୍ଚଳରେ ଓ ପକ୍ଷୀ ବ୍ୟବସାୟୀମାନେ ସବୁବେଳେ ମାସ୍କ ପିନ୍ଧିବା ଜରୁରି । ତେବେ ଦିନେ କି ଦୁଇ ଦିନ ନୁହେଁ ମାସ ମାସ ଧରି ପାରାଙ୍କ ସଂସ୍ପର୍ଶରେ ଆସିଲେ ହିଁ ଏହି ରୋଗ ବ୍ୟାପିଥାଏ ।

# ବ୍ଲକ ସ୍ତରୀୟ ଶିଶୁ ମେଳା:ପୁରସ୍କୃତ ହେଲେ କୁନି ପ୍ରତିଯୋଗୀ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ଜଗତସିଂହପୁର ବ୍ଲକ ଅନ୍ତର୍ଗତ କର୍ଣ୍ଣିଲୋ ପଞ୍ଚାୟତ ନାରାୟଣୀ ପଡିଆ ଘଡ଼ିମୂଳ ଠାରେ ଗ୍ରାମ ପଞ୍ଚାୟତ ଓ କୁଞ୍ଜ ବିହାରୀ ଆଞ୍ଚଳିକ ସାଧନ କେନ୍ଦ୍ର ବିଦ୍ୟାଳୟ ସମୂହ ମିଳିତ ଆନୁକୂଲ୍ୟରେ ୬୫ ତମ ଶିଶୁ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କର୍ଣ୍ଣିଲୋ ସରପଞ୍ଚ ମନୋରଞ୍ଜନ ମହାପାତ୍ର, ସମିତି ସଭ୍ୟା ପ୍ରଣତୀ ନାୟକ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅବଦୁଲ କ୍ୟୁମନ୍‌ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ଜଗତସିଂହପୁର ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସୁନୀଲ କୁମାର ରାଉତରାୟ, ମଣ୍ଡଳ ଶିକ୍ଷା ଅଧିକାରୀ ମଧୁସ୍ମିତା ପତି, ଜଗତସିଂହପୁର ବ୍ଲକ ଉପାଧ୍ୟକ୍ଷ ରତିରଞ୍ଜନ ବେହେରା, ଜଗତସିଂହପୁର ପଞ୍ଚାୟତ ସମିତି ପୂର୍ବତନ ଉପାଧ୍ୟକ୍ଷ ପ୍ରସନ୍ନ କୁମାର ମହାନ୍ତି, କର୍ଣ୍ଣିଲୋ ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ଅଶୋକ କୁମାର ମହାରଣା, ବିଜୁ ଯୁବ ଜନତା ଦଳ ପଞ୍ଚାୟତ ସଭାପତି ସଚ୍ଚିଦାନନ୍ଦ ଜେନାଙ୍କ ଅନ୍ୟ ଅତିଥିମାନେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଶିଶୁ ମହୋତ୍ସବରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କୁନି କୁନି ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା । ପୁରସ୍କାର ବିତରଣ ଉତ୍ସବ ତଥା ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ପ୍ରଫେସର ଡ଼ଃ. ରମାକାନ୍ତ ଭୋଇ, ଜଗତସିଂହପୁର ପୂର୍ବତନ ବିଧାୟକ ତଥା ବିଜେଡ଼ି ରାଜ୍ୟ ଉପସଭାପତି ଚିରଞ୍ଜୀବ ବିଶ୍ୱାଳ, ଜଗତସିଂହପୁର ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଜିଲ୍ଲାପରିଷଦ ସଭାପତି ମନୋଜ କୁମାର ଭୋଇ, ପୂର୍ବତନ ପାରିଷଦ ପ୍ରଶାନ୍ତ କୁମାର ମଲ୍ଲିକ, ପୂର୍ବତନ ଜିଲ୍ଲାପରିଷଦ ଭଗବାନ ଭୋଇ, ପାଟେଣୀ ଗାଁ ପୂର୍ବତନ ସରପଞ୍ଚ ଅଦୈତ ଚରଣ ଜେନା, ଶିକ୍ଷାବିତ୍ ଜଗନ୍ନାଥ ଭୋଇ, ଓଡ଼ିଶା ପଞ୍ଚାୟତ ମହାସଂଘ ପୂର୍ବତନ ସଭାପତି କାଳନ୍ଦୀ ଚରଣ ପତି, ଯୁବ ସମାଜସେବୀ ସୌରଭ କୁମାର ସାହୁ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରି ସମ୍ବର୍ଦ୍ଧନା କରିଥିଲେ । ପରେ ଘଡ଼ିମୂଳରେ ଆଇଡ଼ିଆଲ୍ ଡ୍ରାମାଟିକ୍ କ୍ଲବ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା ।

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୮ ନଭେମ୍ବର, ମଙ୍ଗଳବାର, ୨୦୨୫


## ଅଲିମ୍ପିକ୍ସ : ଅନୁୟାଙ୍କୁ ସ୍ୱର୍ଣ୍ଣ, ପ୍ରାଞ୍ଜଳିଙ୍କୁ ମିଳିଲା ରୌପ୍ୟ



**ନୂଆଦିଲ୍ଲୀ**

ଭାରତର ଅନୁୟା ପ୍ରସାଦ ଓ ପ୍ରଞ୍ଜଳି ପ୍ରଶାନ୍ତ ଧୁମଲ ଟୋକିଓଠାରେ ଚାଲିଥିବା ବଧିରଅଲିମ୍ପିକ୍ସର ୧୦ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରି ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ହାସଲ କରିଛନ୍ତି । ଅନୁୟା ବଧିର ଫାଇନାଲ ବିଶ୍ୱ ରେକର୍ଡ ସହ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରାଞ୍ଜଳି କ୍ୱାଲିଫିକେଶନ ବିଶ୍ୱ ରେକର୍ଡ ସ୍କୋର ସହ ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ । ଅନ୍ୟପକ୍ଷେ ପୁରୁଷ ୧୦ମିଟର ଏୟାର ପିସ୍ତଲରେ ଅଭିନବ ଦେଶଓ୍ୱାଲ କ୍ୱାଲିଫିକେଶନ ବିଶ୍ୱ ରେକର୍ଡ ସହ ରୌପ୍ୟ ଜିତିଥିଲେ । ଫଳରେ ପ୍ରତିଯୋଗିତାର ଦୁଇ ଦିନ ପରେ ଭାରତର ପଦକ ସଂଖ୍ୟା ୭ରେ ପହଞ୍ଚିଛି । ହାଇଦ୍ରାବାଦରେ ଥିବା ଅଲିମ୍ପିଆନ ଗଗନ ନାରଙ୍ଗଙ୍କ ଶୁଟିଂ ଏକାଡେମୀରେ ଟ୍ରେନିଂ ନେଉଥିବା ୨୩ ବର୍ଷୀୟ ଧନୁଷ ଶ୍ରୀକାନ୍ତ ୧୦ମିଟର ଏୟାର ରାଇଫଲରେ ସ୍ୱର୍ଣ୍ଣ ଜିତିଥିଲେ । ଅନୁୟା କ୍ୱାଲିଫିକେଶନ ରାଉଣ୍ଡରେ ୫୬୪ ଶଟ୍ ସହ ୮ ଶୁଟରଙ୍କୁ ନେଇ ହୋଇଥିବା ଫାଇନାଲରେ ପ୍ରବେଶ କରିଥିବାବେଳେ ପ୍ରାଞ୍ଜଳି ପ୍ରିଲିମିନାରୀ ରାଉଣ୍ଡରେ ଚମତ୍କାର ୫୭୨ ସ୍କୋର ସହ କ୍ୱାଲିଫିକେଶନ ବିଶ୍ୱ ରେକର୍ଡ ସହ ୮ ଶୁଟରଙ୍କୁ ନେଇ ଅନୁଷ୍ଠିତ ଫାଇନାଲକୁ ଉନ୍ନୀତ ହୋଇଥିଲେ ।

## ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ୍

# ଡିସେମ୍ବର ୧ରୁ ଅନ୍‌ଲାଇନ୍ ଓ ୫ରୁ ଅଫ୍‌ଲାଇନ୍‌ରେ ଟିକେଟ୍ ବିକ୍ରି ଆରମ୍ଭ

**ଭୁବନେଶ୍ୱର**

ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ୍ ପାଇଁ ଡିସେମ୍ବର ୫ରୁ ଟିକେଟ୍ ବିକ୍ରି ଆରମ୍ଭ ହେବ । ଏନେଇ ସୋମବାର ଓସିଏ ସମ୍ପାଦକ ସଞ୍ଜୟ ବେହେରା ସୂଚନା ଦେଇଛନ୍ତି । ଷ୍ଟାଡିୟମର ୬ଟି କାଉଣ୍ଟରରେ ଟିକେଟ୍ ବିକ୍ରି ହେବ । ଡିସେମ୍ବର ୧ ତାରିଖରେ ଅନଲାଇନରେ ଟିକେଟ୍ ମିଳିବ । ସେହିପରି ଡିସେମ୍ବର ୫ରୁ ଅଫଲାଇନ ଟିକେଟ୍ ବିକ୍ରି ହେବ । ଡିସେମ୍ବର ୩ ଓ ୪ରେ ଓସିଏ ଅନୁବନ୍ଧିତ ସଂସ୍ଥାକୁ ଟିକେଟ୍ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଡିସେମ୍ବର ୯ ତାରିଖରେ ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ଖେଳାଯିବ ।

ନଭେମ୍ବରରୁ ଦକ୍ଷିଣ ଆଫ୍ରିକା ଟିମ୍ ଭାରତ ଭ୍ରମଣରେ ଆସିବାକୁ ଥିବା ବେଳେ ଏହି ଗସ୍ତରେ ଉଭୟ ଟିମ୍ ମଧ୍ୟରେ ଦୁଇଟି ଟେଷ୍ଟ, ତିନୋଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ ବିଶିଷ୍ଟ ଏକ ସିରିଜ୍ ଖେଳାଯିବ । ତେବେ ଏହି ଟି-୨୦ ସିରିଜ୍ ମଧ୍ୟରୁ ପ୍ରଥମ ମ୍ୟାଚ୍‌ଟି ବାରବାଟୀରେ ଖେଳାଯିବ । ସୂଚନାଯୋଗ୍ୟ, ବାରବାଟୀକୁ ଆଉ ଏକ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରାଇବା ପାଇଁ ଓସିଏ ପକ୍ଷରୁ ବିସିସିଆଇକୁ ନିବେଦନ କରାଯାଇଥିଲା । ଗତ ଫେବୃଆରୀ ୯ ତାରିଖରେ ଭାରତ-ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଏକଦିବସୀୟ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ସଫଳତାର ସହିତ ଶେଷ ହୋଇଥିଲା । କେବଳ ମ୍ୟାଚ୍ ସମୟରେ ଫ୍ଲଡ୍ ଲାଇଟ୍ ଖରାପ ହେବା ଘଟଣାକୁ ଛାଡ଼ିଦେଲେ ବାକି ସବୁକିଛି ଯୋଜନା ମୁତାବକ ଚାଲିଥିଲା ।





## ଏସୀୟ ତୀରନ୍ଦାଜ ଚାମ୍ପିଅନସିପ୍-୨୦୨୫ରେ ଭାରତୀୟ ଦଳକୁ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏସୀୟ ତୀରନ୍ଦାଜ ଚାମ୍ପିଅନସିପ୍-୨୦୨୫ରେ ସର୍ବୋତ୍ତମ ପ୍ରଦର୍ଶନ ପାଇଁ ଭାରତୀୟ ତୀରନ୍ଦାଜ ଦଳକୁ ଅଭିନନ୍ଦନ ଜଣାଇଛନ୍ତି, କହିଛନ୍ତି ଯେ ଏହି ସଫଳତା ଦେଶର ଉଦୀୟମାନ ଖେଳାଳିମାନଙ୍କ ପାଇଁ ଏକ ମହାନ ପ୍ରେରଣା । ଇନ୍ଷ୍ଟାଗ୍ରାମରେ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଲେଖିଛନ୍ତି ଯେ ଭାରତୀୟ ଦଳ ଚାମ୍ପିଅନସିପ୍‌ରେ ଚମତ୍କାର ପ୍ରଦର୍ଶନ କରିଛି, ଛଅଟି ସ୍ୱର୍ଣ୍ଣ ପଦକ ସମେତ ମୋଟ ୧୦ ପଦକ ଜିତିଛି । ସେ ବିଶେଷ ଭାବରେ ଗୁରୁତ୍ୱାରୋପ କରିଛନ୍ତି ଯେ ଦଳ ୧୮ ବର୍ଷର ଦୀର୍ଘ ବ୍ୟବଧାନ ପରେ ପୁରୁଷ ରିକର୍ଭ ବର୍ଗରେ ଏକ ଐତିହାସିକ ସ୍ୱର୍ଣ୍ଣ ପଦକ ଜିତିଛି, ଯାହା ଭାରତୀୟ ତୀରନ୍ଦାଜ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା । ମୋଦୀ ବ୍ୟକ୍ତିଗତ ଭାବରେ ଖେଳାଳିମାନଙ୍କ ପ୍ରଦର୍ଶନକୁ ପ୍ରଶଂସା ମଧ କରିଛନ୍ତି ଏବଂ କମ୍ପାଉଣ୍ଡ ଇଭେଟଣ୍ଟରେ ଭାରତୀୟ ଦଳର ସଫଳ ଟାଇଟଲ ପ୍ରତିରକ୍ଷାକୁ ଉଲ୍ଲେଖନୀୟ ବୋଲି ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ଯେ ଏହି ସଫଳତାଗୁଡ଼ିକ ଭାରତର ତୀରନ୍ଦାଜ କ୍ଷମତାକୁ ଏକ ନୂତନ ସ୍ତରକୁ ଉନ୍ନୀତ କରିଛି ।

ପ୍ରଧାନମନ୍ତ୍ରୀ କହିଛନ୍ତି, 'ଏହା ପ୍ରକୃତରେ ଏକ ବିଶେଷ ସଫଳତା, ଯାହା ଦେଶ ସାରା ଅନେକ ଆକାଂକ୍ଷୀ ଖେଳାଳିଙ୍କୁ ପ୍ରେରଣା ଦେବ । ଭାରତୀୟ ତୀରନ୍ଦାଜ ଦଳ ଏହାର ଉତ୍କୃଷ୍ଟ ପ୍ରଦର୍ଶନ ସହିତ ଦେଶକୁ ଗର୍ବିତ କରିଛି ।'

# ଉଦ୍‌ଘାଟିତ ହେଲା ପୂର୍ବତଟ ରେଳପଥରେ ୪୭ତମ ସର୍ବଭାରତୀୟ ରେଲଓ୍ୱେ ବ୍ରିଜ୍ ଚାମ୍ପିଅନସିପ୍

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



୪୭ତମ ସର୍ବଭାରତୀୟ ରେଲଓ୍ୱେ ବ୍ରିଜ୍ ଚାମ୍ପିଅନସିପ୍ ଆଜି ମଞ୍ଚେଶ୍ୱରର ରେଲଓ୍ୱେ ଇଣ୍ଡୋର ଷ୍ଟାଡିୟମ ଠାରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ବି.ଏସ୍.କେ. ରାଜକୁମାରଙ୍କ ଦ୍ୱାରା ଉଦ୍‌ଘାଟିତ ହେଇଛି । ଏହା ୧୭ରୁ ୧୯ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ତିନିଦିନିଆ ଜାତୀୟ କ୍ରୀଡ଼ା ଇଭେଣ୍ଟର ପ୍ରାରମ୍ଭ ଅଟେ ।

ପ୍ରଥମ ଥର ପାଇଁ ରେଳବାଇ କ୍ରୀଡ଼ା ପ୍ରମୋସନ ବୋର୍ଡ (ଆରଏସପିବି) ପକ୍ଷରୁ ପୂର୍ବତଟ ରେଳପଥକୁ ଏହି ପ୍ରତିଷ୍ଠିତ ଜାତୀୟ ସ୍ତରୀୟ ଚାମ୍ପିଅନସିପ୍ ଆୟୋଜନ କରିବା ଦାୟିତ୍ୱ ଦିଆଯାଇଛି । ଏହି ପଦକ୍ଷେପ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କଓ୍ୱାଲଙ୍କ ମାର୍ଗଦର୍ଶିତ କରିଛନ୍ତି, ଯାହାଙ୍କ ନେତୃତ୍ୱରେ କ୍ରୀଡ଼ା ଭିତ୍ତିଭୂମିକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରାଯାଇଛି ଏବଂ ପୂର୍ବତଟ ରେଳପଥକୁ ପ୍ରମୁଖ ରେଳବାଇ କ୍ରୀଡ଼ା ଇଭେଣ୍ଟ ପାଇଁ ଏକ ଅଗ୍ରଣୀ କେନ୍ଦ୍ର ଭାବରେ ଉଭା ହେବାରେ ସକ୍ଷମ କରାଯାଇଛି ।

ଅଧିକାରୀ ଏବଂ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରି, ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଭାରତୀୟ ରେଳର ଉତ୍କୃଷ୍ଟ ପ୍ରତିଭାଙ୍କୁ ଏକତ୍ରିତ କରୁଥିବା ଏହି କାର୍ଯ୍ୟକ୍ରମକୁ ସୁଗମ ଭାବରେ ଆୟୋଜନ କରିବାରେ ପୂର୍ବତଟ ରେଳପଥର ଭୂମିକା ପାଇଁ ଗର୍ବ ପ୍ରକାଶ କରିଥିଲା । ଓଡ଼ିଶା ବ୍ରିଜ୍ ଆସୋସିଏସନ୍‌ର ସମର୍ଥନ ଏହି ପ୍ରତିଷ୍ଠିତ ଚାମ୍ପିଅନସିପ୍ ଆୟୋଜନକୁ ଆହୁରି ଶକ୍ତି ପ୍ରଦାନ କରିଛି ।

ପୂର୍ବ ରେଳବାଇ, ଦକ୍ଷିଣ ପୂର୍ବ ରେଳବାଇ, ମେଟ୍ରୋ ରେଳବାଇ, କେନ୍ଦ୍ରୀୟ ରେଳବାଇ ଏବଂ ପୂର୍ବତଟ ରେଳବାଇର ଦଳଗୁଡ଼ିକ ଅଂଶଗ୍ରହଣ କରୁଛନ୍ତି । ଏହି କାର୍ଯ୍ୟକ୍ରମରେ ଭାରତର କିଛି ଶ୍ରେଷ୍ଠ ବ୍ରିଜ୍ ଖେଳାଳିଙ୍କୁ ସାମିଲ କରାଯାଇଛି, ଯେପରିକି ସୁମିତ ମୁଖାର୍ଜୀ, ଦେବବ୍ରତ ମଜୁମଦାର, ସାଗ୍ନିକ୍ ରାୟ, ଗୋପୀନାଥ ମାନ୍ନା, ସାୟନ୍ତନ କୁସୁରୀ ଏବଂ ସନ୍ଦୀପ ଦତ୍ତ ଯେଉଁମାନେ ଏସୀୟ କ୍ରୀଡ଼ା, ରାଜ୍ୟଗୋଷ୍ଠୀ ଚାମ୍ପିଅନସିପ୍ ଏବଂ ବିଶ୍ୱକପ୍ ଭଳି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଭାରତକୁ ପ୍ରତିନିଧିତ୍ୱ କରିଛନ୍ତି ।

ଏହି ଚାମ୍ପିଅନସିପରେ ଦଳ ଇଭେଣ୍ଟ, ବୋର୍ଡ-ଏ ମ୍ୟାଚ୍ ଏବଂ ପେୟାର୍ ପ୍ରତିଯୋଗିତା ସମେତ ଅନେକ ଇଭେଣ୍ଟ ରହିଛି । ଏକ ପ୍ରମୁଖ ଆକର୍ଷଣ ହେଉଛି ଯେ ଏହି ଟୁର୍ଣ୍ଣାମେଣ୍ଟ ଭାରତୀୟ ରେଳବାଇ ବ୍ରିଜ୍ ଦଳ ପାଇଁ ଆଧିକାରିକ ଚୟନ ପରୀକ୍ଷଣ ଭାବରେ ମଧ କାର୍ଯ୍ୟ କରିବ, ଯାହା ଜାତୀୟ ସ୍ତରୀୟ ଚାମ୍ପିଅନସିପ୍‌ରେ ଭାରତୀୟ ରେଳବାଇର ପ୍ରତିନିଧିତ୍ୱ କରିବ ।

ଉଦ୍‌ଘାଟନୀ ଉତ୍ସବରେ ପୂର୍ବତଟ ରେଳପଥ କ୍ରୀଡ଼ା ସଂଘର ସଭାପତି ହେମନ୍ତ କାଗ୍ରାଙ୍କ ସମେତ ପୂର୍ବତଟ ରେଳପଥ କ୍ରୀଡ଼ା ସଂଘର ବରିଷ୍ଠ ଅଧିକାରୀ ଏବଂ ପ୍ରତିନିଧିମାନେ ଉପସ୍ଥିତ ଥିଲେ, ଯାହାଙ୍କ ସମନ୍ୱୟ ଏବଂ ସମର୍ଥନ ଚାମ୍ପିଅନସିପ୍‌ର ସୁଗମ ପରିଚାଳନା ପାଇଁ ସହାୟକ ହେଇଛି ।

ଏହି ପ୍ରତିଷ୍ଠିତ ଇଭେଣ୍ଟକୁ ସଫଳତାର ସହିତ ଆୟୋଜନ କରି, ପୂର୍ବତଟ ରେଳପଥ ସମସ୍ତ ରେଳବାଇ କ୍ରୀଡ଼ା ଶୃଙ୍ଖଳାରେ କ୍ରୀଡା ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ଏବଂ ପ୍ରତିଭାକୁ ପୋଷଣ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି ।

## ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ୍ କବାଡ଼ି ପ୍ରତିଯୋଗିତା : ମୟୂରଭଞ୍ଜରୁ ୨୪ ସାମିଲ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଚଳିତ ନଭେମ୍ବର ମାସ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ସୁନ୍ଦରଗଡ଼ ଜିଲ୍ଲାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବଣେଇ ଠାରେ ଅନୁଷ୍ଠିତ ହେବ । ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ମୟୂରଭଞ୍ଜ ଜିଲ୍ଲାରୁ ୨୪ ଜଣ ଛାତ୍ର ଛାତ୍ରୀ ଯୋଗ ଦେବେ । ବାଳକ ଟିମ୍ ମ୍ୟାନେଜର ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ, ଗରୁମହିଷାଣିର ପିଇଟି ରାମ ନାରାୟଣ ପାଣ୍ଡେ ଓ ବାଳିକା ଟିମ୍ ମ୍ୟାନେଜର ଭାବେ ସରକାରୀ ଭୋକେସନାଲ ଉଚ୍ଚ ବିଦ୍ୟାଳୟ, ଖୁରୁଣ୍ଟିଆର ପିଇଟି ଆରତୀ ପାତ୍ରଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲ୍ଲାରୁ ୨୪ଜଣ ପ୍ରତିଯୋଗୀ ଯୋଗ ଦେବେ । ସେମାନେ ହେଲେ ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଲିପୁନ ଦାସ, ସତ୍ୟମ ଗିରି, ଅର୍ପିତ ଅମିତାଂଶୁ ନାଏକ, ସ୍ୱନେଶ୍ୱର ଦଳେଇ, ବଣ୍ଟୁ ସିଂ, ଜ୍ୟୋତି ଶେଖର ନାଏକ, ଚନ୍ଦନ ସିଂ, କରଣ ଅର୍ଜୁନ ମହାନ୍ତ, ଦେବ କାରୁଆ, ଅସ୍ମିତ ରାଉତ, ଏସ.କେ. ଥହୀର କୌସର , ସାଇ ଶଙ୍କର ସାହୁ ଓ ବାଳିକା ବିଭାଗରେ ମାମୁନୀ ସିଂ, ମାଳତୀ ବେଶ୍ରା, ଦିଗି ସୋରେନ, ଫୁଲମଣି ଟୁଡୁ, ଛିତାମଣି ମାରାଣ୍ଡି, ବାସନ୍ତୀ ଗୁଇଆ, ପାନ ବେଶ୍ରା, ସୋନାମଣୀ ମୁଣ୍ଡାରୀ, ପୂଜା ହେମ୍ବ୍ରମ, କରମୀ ଟୁଡୁ, ଲକ୍ଷ୍ମୀ ସିଂ, ଶାନ୍ତି ହେମ୍ବ୍ରମ । ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଏମାନଙ୍କୁ ଶୁଭେଚ୍ଛା ଜଣେଇବା ସହ ରାଜ୍ୟସ୍ତରରେ ସଫଳତା କାମନା କରାଯାଇଛି ।

## କୁମାରବସ୍ତ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଆଇଆରବି ଓ କାଇପଦର ବିଜୟୀ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**



ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡ଼ିଆ ଠାରେ ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ, କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଆଇଆରବି ଦଳ ପାଇକତିଗିରିଆକୁ ୬୬ ରନରେ ପରାସ୍ତ କରିଛି । ଆଇଆରବି ଦଳ ପ୍ରଥମେ ବ୍ୟାଟିଂ କରି ସୁଶୀଲ ପ୍ରଧାନଙ୍କ ୧୨୧ ରନ ସହାୟତାରେ ୧୫ ଓଭରରେ ୪ ୱିକେଟ ହରାଇ ୧୯୯ ରନ କରିଥିଲା । ପ୍ରତ୍ୟୁତ୍ତରରେ ପାଇକତିଗିରିଆ ଦଳ ସୋମନାଥ ପଲେଇଙ୍କ ୩୨ ରନ ସହାୟତାରେ ୧୫ ଓଭରରୁ ୮ ୱିକେଟ ହରାଇ ୧୩୩ ରନରେ ସୀମିତ ରହିଥିଲେ । ଆଇଆରବି ଦଳର ଧର୍ମେନ୍ଦ୍ର ପ୍ରଧାନ ୩ ୱିକେଟ ହାସଲ କରିଥିଲେ । ଶ୍ରେଷ୍ଠ ଖେଳାଳି ଭାବେ ସୁଶୀଲ ପ୍ରଧାନ ଅତିଥି ଅବନୀକାନ୍ତ ସାମନ୍ତରାୟଙ୍କ ଠାରୁ ପୁରସ୍କୃତ ହୋଇଥିଲେ । ଦ୍ୱିତୀୟ ମ୍ୟାଚ୍‌ରେ କାଇପଦର ଦଳ ବୈଦେଶ୍ୱର ଦଳକୁ ୮୨ ରନରେ ପରାଜିତ କରିଥିଲେ । ପ୍ରଥମେ ବ୍ୟାଟିଂ କରି କାଇପଦର ଦଳ ନିର୍ଦ୍ଧାରିତ ୧୫ ଓଭରରୁ ୭ ୱିକେଟ ହରାଇ ୧୪୫ ରନ ସଂଗ୍ରହ କରିଥିଲେ । ଜବାବରେ ବୈଦେଶ୍ୱର ଦଳ ୧୦ ଓଭରରେ ସମସ୍ତ ୱିକେଟ ହରାଇ ୬୩ ରନରେ ସୀମିତ ରହିଥିଲେ । ଶ୍ରେଷ୍ଠ ଖେଳାଳି ଭାବେ କାଇପଦର ଦଳର କୁଳଦୀପ ପାଇକରାୟଙ୍କୁ ଅତିଥି ଦିବ୍ୟସିଂହ ପାତ୍ର, ଭ୍ରମରବର ସାମନ୍ତରାୟ, ପ୍ରତାପ ମହାପାତ୍ର ପୁରସ୍କୃତ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟକୁ ଜିଲ୍ଲା ପରିଷଦ ଅଧକ୍ଷା ରୂପଶ୍ରୀ ରାଣୀ ଗୁମାନ ସିଂ, ଟାଙ୍ଗୀଆପଡ଼ା ସରପଞ୍ଚ ସ୍ୱର୍ଣ୍ଣପ୍ରଭା ସେଠୀ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ । ଖେଳଟିକୁ ପରିଚାଳନା କରୁଥିଲେ ସାନୁଜ ବିଶ୍ୱାଳ, ବି.ବି. ରାଉତରାୟ, ଶୋଭାକର ପାତ୍ର ଏବଂ ବିଶ୍ୱବିହାରୀ ସ୍ୱାଇଁ ଓ ପ୍ରକାଶ ସାହୁ ସ୍କୋରର ଦାୟିତ୍ୱରେ ରହିଥିଲେ । ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରଶାନ୍ତ ନାଟୁଆ ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ । କାଜଲ ବଳିୟାର ସିଂ ମ୍ୟାଚ୍ ରେଫ୍‌ରୀ ଦାୟିତ୍ୱ ତୁଲାଇଥିଲେ । ମଙ୍ଗଳବାର ପ୍ରଥମ ମ୍ୟାଚ୍ କଲ୍ୟାଣପୁର ବନାମ ଅରିସାଲ ଏବଂ ଦ୍ୱିତୀୟ ମ୍ୟାଚ୍ ଭାଲିଆବାଡ଼ି ବନାମ ଶୁଆଙ୍ଗ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଦୁର୍ଯ୍ୟୋଧନ ପରିଡ଼ା ଜଣାଇଛନ୍ତି ।

## ୨୮ ବର୍ଷ ବୟସରେ ପାରାଲିମ୍ପିକ୍ ଗୋଲ୍ଡ ସାଇକ୍ଲିଷ୍ଟ ପେଜ ଗ୍ରେକୋଙ୍କ ପରଲୋକ

**ଆଡିଲେଡ୍**



ପାରାଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ଅଷ୍ଟ୍ରେଲିଆନ ସାଇକ୍ଲିଷ୍ଟ ପେଜ ଗ୍ରେକୋଙ୍କର ସୋମବାର ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୨୮ ବର୍ଷ ବୟସ ହୋଇଥିଲା । ତାଙ୍କ ମୃତ୍ୟୁ ସମ୍ପର୍କରେ ଅଷ୍ଟ୍ରେଲିଆନ ପାରାଲିମ୍ପିକ୍ କମିଟି ଓ ଅଷ୍ଟ୍ରେଲିଆନ ସାଇକ୍ଲିଂ ଫେଡ଼େରେସନ ପକ୍ଷରୁ ଜାରି କରାଯାଇଥିବା ମିଳିତ ବିବୃତିରେ କୁହାଯାଇଛି ଯେ, ହଠାତ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ଗ୍ରେକୋଙ୍କର ଆଡିଲେଡ୍‌ସ୍ଥିତ ବାସଭବନରେ ମୃତ୍ୟୁ ଘଟିଛି । ମସ୍ତିଷ୍କ ପକ୍ଷାଘାତ ସହ ଜନ୍ମ ହୋଇଥିବା ଗ୍ରେକୋ ୨୦୨୧ରେ ଟୋକିଓ ପାରାଲିମ୍ପିକ୍ସରେ ମହିଳାଙ୍କ ସି୧-୩ କାଟେଗୋରିରେ ୩ ହଜାର ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ସେ ଅନେକ ୱାର୍ଲ୍ଡ ଚାମ୍ପିୟନସିପ୍ ଟାଇଟଲ ଓ ବିଶ୍ୱକପ୍ ପଦକ ଜିତିଥିଲେ । ସେ ୨୦୧୯ରେ ଟ୍ରାକ୍ ୱାର୍ଲ୍ଡ ଚାମ୍ପିୟନସିପ୍‌ରେ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତି ପାରା ସାଇକ୍ଲିଂ ଦୃଶ୍ୟପଟରେ ଉଭା ହୋଇଥିଲେ ।

## ୨୨ରୁ ରାଜ୍ୟ ସ୍ତରୀୟ ବ୍ୟାଡ଼ମିଣ୍ଟନ ଖୋର୍ଦ୍ଧା କପ୍

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଜିଲ୍ଲା ଯୁବ ବ୍ୟାଡ୍‌ମିଣ୍ଟନ ଅସୋସିଏସନ୍‌ର ସକ୍ରିୟ ଉଦ୍ୟମରେ ଆସନ୍ତା ୨୨ ଓ ୨୩ ନଭେମ୍ବର ୨୦୨୫ ରେ ଗରିମାମୟ ୯ମ ରାଜ୍ୟ ସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ 'ଖୋର୍ଦ୍ଧା କପ' ଖୋର୍ଦ୍ଧା ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଠାରେ ଆୟୋଜିତ ହେବାକୁ ଯାଉଛି । ଏହି ବର୍ଷର କ୍ରୀଡ଼ା ମହୋତ୍ସବରେ ମୋଟ ପୁରସ୍କାର ରାଶି ୬୦,୦୦୦ ଟଙ୍କା ଘୋଷଣା କରାଯାଇଛି, ଯାହା ରାଜ୍ୟର ଯୁବ କ୍ରୀଡ଼ାପ୍ରତିଭାଙ୍କୁ ଉତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ । ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରତିଭାଶାଳୀ ବ୍ୟାଡ୍‌ମିଣ୍ଟନ ଖେଳାଳିମାନେ ଏହି ଟୁର୍ଣ୍ଣାମେଣ୍ଟରେ ଯୋଗଦେବାକୁ ଯାଉଛନ୍ତି । ଏହି ଟୁର୍ଣ୍ଣାମେଣ୍ଟ ଯୁବକମାନଙ୍କୁ ସୁସଂଗଠିତ କ୍ରୀଡ଼ା ମଞ୍ଚ ମାଧ୍ୟମରେ ଦେଶର ନୂତନ ପ୍ରତିଭା ଭାବରେ ଉଦୀୟମାନ ହେବାରେ ସୁଯୋଗ ସୃଷ୍ଟି କରିବା ସହିତ ରାଜ୍ୟର କ୍ରୀଡ଼ା ପରିବେଶକୁ ଉତ୍ସାହିତ କରିବ । ସଂଘର ସମ୍ପାଦକ ରାଜେଶ ଦାସଙ୍କ ସହିତ ଉପ ସଭାପତି, ସହ ସମ୍ପାଦକ, କୋଷାଧ୍ୟକ୍ଷ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ପଦାଧିକାରୀମାନେ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

**OFFICE OF THE SUPERINTENDING ENGINEER, KHORDHA (R&B) DIVISION, KHORDHA**
**INVITATION FOR BIDS (IFB)**
**E-mail: pwdoff_khd@yahoo.com**
**Tender Call Notice**
**Bid Identification No. S.E.-KHD-(R&B)- 27 /25-26**
**Letter No. 6376 dtd. 10.11.2025**
B-685

The **Superintending Engineer, Khordha (R&B) Division, Khordha** on behalf of Governor of Odisha invites **Percentage Rate bids in Single Cover System** from **appropriate Class of contractors as detailed below** registered with the State Governments and Contractors of equivalent Grade / Class registered with Central Government / MES / Railways for execution of the Civil. The bidder not registered under the state government has to register under the state PWD & ELBO in appropriate class of eligibility before signing of the agreement.

1. Nature of Work : Civil Work
2. No of Work : 2 Nos.
3. Tender Cost : Rs. 6000.00 (Online)
4. Class of Contractor : Sl.No.01- C & B Class Contractor; Sl.No.02- 'D' & C Class Contractor
5. Available of Bid documents in the web site. : From Dt. 18.11.2025 at 12.00 Noon to Dt. 27.11.2025 at 5.00 PM
6. Date of opening of Bids : Dt.28.11.2025 at 11.00 AM
7. Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any information regarding Addendum / Corrigem can be available in the said website.

**Sd/- Superintending Engineer**
**Khordha (R&B) Division, Khordha**

## ଉମରକୋଟ ପ୍ରିମିୟର ଲିଗ୍

# ଝାରସୁଗୁଡ଼ା ୟୁପିଏଲ ବିଜେତା



**ଉମରକୋଟ, ନ୍ୟୁଜ୍‌ବ୍ୟୁରୋ**

ବହୁ ଚର୍ଚ୍ଚିତ ଉମରକୋଟ ପ୍ରିମିୟର ଲିଗ୍‌ର ଶେଷ ଦିନରେ ପଶ୍ଚିମ ଓଡ଼ିଶାର ୨ଟି ଦଳ ସୁନ୍ଦରଗଡ଼ ଏଚ୍ ଦା ବୁଲ ବନାମ ଝାରସୁଗୁଡ଼ା ଲିଟିଲ୍ ଷ୍ଟାର ମଧ୍ୟରେ ଖେଳାଯାଇଥିଲା । ଲିଟିଲ୍ ଷ୍ଟାର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲେ । ନିର୍ଦ୍ଧାରିତ ୨୦ ଓଭରରେ ୧୭୮ ରନ ସଂଗ୍ରହ କରିଥିଲେ । ଜବାବରେ ସୁନ୍ଦରଗଡ଼ ଏଚ୍ ଦା ବୁଲ ୧୭୯ ରନର ଲକ୍ଷ୍ୟ ରଖି ସମସ୍ତ ଉଇକେଟ ହରାଇ ୧୬.୨ ଓଭରରେ ୧୧୫ ରନ ସଂଗ୍ରହ କରିଥିଲେ । ଝାରସୁଗୁଡ଼ା ଲିଟିଲ୍ ଷ୍ଟାର ଟିମ୍ ବିଜୟର ମୁକୁଟ ପିନ୍ଧିଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସିନେ ଜଗତର ଅଭିନେତା ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ନବରଙ୍ଗପୁର ବିଧାୟକ ଗୌରୀ ମାଝୀ, ଝରୀଗାଁ ବିଧାୟକ ନରସିଂ ଭତ୍ରା, ସାଂସଦ ପ୍ରତିନିଧି ରାମ ନାୟକ, ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ ।

ବିଜେତା ଦଳ ଝାରସୁଗୁଡ଼ାକୁ ୨ ଲକ୍ଷ ୧ ଟଙ୍କା ରାଶି ସହ ଟ୍ରଫି ଓ ଉପବିଜେତା ଏଚ୍ ଦା ବୁଲ ସୁନ୍ଦରଗଡ଼ ଦଳକୁ ୧ ଲକ୍ଷ ୫୦ ହଜାର ୧ ଟଙ୍କା ରାଶି ସହ ଟ୍ରଫି ଅତିଥିମାନେ ପ୍ରଦାନ କରିଥିଲେ । ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ଝାରସୁଗୁଡ଼ାର ଜେ.ଡି.ଙ୍କୁ ୨୫ ହଜାର ଟଙ୍କା ରାଶି ସହ ଟ୍ରଫି ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ସେହିପରି ବେଷ୍ଟ ବ୍ୟାଟ୍ସମ୍ୟାନ୍ ହିସାବରେ ଝାରସୁଗୁଡ଼ାର ରାଜା କୁସୁମଙ୍କୁ ୫ ହଜାର ଟଙ୍କା ଓ ବେଷ୍ଟ ବଲର ଭାବେ ଝାରସୁଗୁଡ଼ାର ମୁନା ମାନସଙ୍କୁ ୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା ।

## ରାଜ୍ୟ ବିଦ୍ୟାଳୟ ସ୍ତରୀୟ ଆଥଲେଟିକ୍ସ : ସଫ୍ଟବଲ ଓ ବେସବଲ ପ୍ରତିଯୋଗିତା ଉଦ୍‌ଯାପିତ

**ବାଲେଶ୍ୱର, ନ୍ୟୁଜ୍**




ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ ଓ ବାଲେଶ୍ୱର ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନର ମିଳିତ ଆୟୋଜନରେ ହେଉଥିବା ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସ୍ତରୀୟ ଆଥ୍‌ଲେଟିକ୍ସ, ସଫ୍ଟବଲ ଓ ବେସ୍‌ବଲ ପ୍ରତିଯୋଗିତାର ଉଦ୍‌ଯାପନ ଉତ୍ସବ ସ୍ଥାନୀୟ ପରମିଟ୍ ପଡ଼ିଆ ପରିସରରେ ଅନୁଷ୍ଠିତ ହୋଇଯାଇଛି । ୫ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ସମଗ୍ର ରାଜ୍ୟରୁ ୧୧୨୯ ଜଣ ପ୍ରତିଯୋଗୀ, ୧୪୦ ଜଣ ମେନେଜର, ୨୮୩ ଜଣ ଅଫିସିଆଲ୍ ଓ ୬୦ ଜଣ ପରିଚାଳନା ସହଯୋଗୀ, ସମୁଦାୟ ୧୬୧୨ ଜଣ ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଛନ୍ତି ।

ସଫ୍ଟବଲ ୧୭ ବର୍ଷରୁ କମ୍ ବାଳକ ଚାମ୍ପିଅନ- ଭୁବନେଶ୍ୱର, ରନର୍ସଅପ୍- ରାୟଗଡ଼ା । ସଫ୍ଟବଲ ୧୭ବର୍ଷରୁ କମ୍ ବାଳିକା ଚାମ୍ପିଅନ- ଭୁବନେଶ୍ୱର, ରନର୍ସଅପ୍- ରାୟଗଡ଼ା । ବେସବଲ ୧୭ବର୍ଷରୁ କମ୍ ବାଳକ ଚାମ୍ପିଅନ- ଭୁବନେଶ୍ୱର, ରନର୍ସଅପ୍- କେନ୍ଦ୍ରାପଡ଼ା । ବେସ୍‌ବଲ ୧୭ ବର୍ଷରୁ କମ୍ ବାଳିକା ଚାମ୍ପିଅନ- ଭୁବନେଶ୍ୱର, ରନର୍ସଅପ୍- ରାୟଗଡ଼ା ।

ଆଥ୍‌ଲେଟିକ୍ସ ଏକକ ଚାମ୍ପିଅନ- ୧୭ବର୍ଷରୁ କମ୍ ବାଳକ- ନବରଙ୍ଗପୁର, ବାଳିକା- ଭୁବନେଶ୍ୱର । ୧୪ ବର୍ଷରୁ କମ୍ ବାଳକ- ନବରଙ୍ଗପୁର, ବାଳିକା- ଭୁବନେଶ୍ୱର ।

## ପାକିସ୍ତାନଠୁ ହାରିବା ପରେ ଭାରତ ଉପରେ ବିଷ ଓଗାଳିଲେ ନକ୍‌ଭି

**ନୂଆଦିଲ୍ଲୀ**

ରବିବାର ଏସିଆ କପ ରାଇଜିଂ ଷ୍ଟାର୍ସ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ଭାରତକୁ ୮ ଉଇକେଟ୍‌ରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରୁଥିବା ଭାରତ ଏ ଦଳ ୧୩୬ ରନରେ ଅଲଆଉଟ ହୋଇଯାଇଥିଲା । ଜବାବରେ ପାକିସ୍ତାନୀ ଦଳ ୪୦ ବଲ ବାକି ଥାଇ ଲକ୍ଷ୍ୟ ହାସଲ କରିନେଇଥିଲା । ଭାରତୀୟ ବୋଲରମାନେ ବିଫଳ ହୋଇଥିଲେ, ବୈଭବ ସୂର୍ଯ୍ୟବଂଶୀ ଏବଂ ନମନ ଧୀରଙ୍କ ବ୍ୟତୀତ ଆଉ କେହି ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିପାରି ନଥିଲେ । ଏହା ପାକିସ୍ତାନ ଏ ଦଳ ପାଇଁ ଟୁର୍ଣ୍ଣାମେଣ୍ଟରେ ଲଗାତାର ଦ୍ୱିତୀୟ ବିଜୟ ଥିଲା, ଯାହା ପରେ ପିସିବି ମୁଖ୍ୟ ମୋହସିନ ନକ୍‌ଭି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ।

ଏକ୍ସରେ ପୋଷ୍ଟ କରି, ମୋହସିନ ନକ୍‌ଭି ପାକିସ୍ତାନ ଦଳକୁ ପ୍ରଶଂସା କରି ଲେଖିଛନ୍ତି, ପାକିସ୍ତାନ ଦଳ ଏବଂ ପାକିସ୍ତାନ ବୋର୍ଡ ପାଇଁ ଏକ ଗର୍ବର ମୁହୂର୍ତ୍ତ । ଆମର ପାକିସ୍ତାନ ଶାହିନ୍ସ ମାତ୍ର ୧୩.୨ ଓଭରରେ ଲକ୍ଷ୍ୟ ପିଛା କରି ଭାରତ ଏ ଦଳକୁ ୮ ଉଇକେଟ୍‌ରେ ପରାସ୍ତ କରିଛି । ଦୋହାରେ ଚାଲିଥିବା ଏସିଆ କପ ରାଇଜିଂ ଷ୍ଟାର୍ସ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନୀ ଦଳର ଏକ ପ୍ରଭାବଶାଳୀ, ନିର୍ଭୀକ ଏବଂ ଅବିସ୍ମରଣୀୟ ପ୍ରଦର୍ଶନ । ଆମର ଯୁବ କ୍ରିକେଟରଙ୍କ ଚମତ୍କାର ପ୍ରଦର୍ଶନ ପାକିସ୍ତାନ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ସୁନିଶ୍ଚିତ କରିବ । ସମଗ୍ର ଦେଶକୁ ଅଭିନନ୍ଦନ । ପାକିସ୍ତାନ ବହୁତ ଦିନ ପରେ ଏକ କ୍ରିକେଟ ମ୍ୟାଚ୍‌ରେ ଭାରତୀୟ ଦଳକୁ ପରାସ୍ତ କରିଛି । ସଦ୍ୟ ସମାପ୍ତ ଏସିଆ କପ୍ ୨୦୨୫ରେ ପାକିସ୍ତାନର ସିନିୟର ପୁରୁଷ ଦଳ ଟିମ୍ ଇଣ୍ଡିଆଠାରୁ ତିନୋଟି ପରାଜୟ ବରଣ କରିଛି ।



31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୮ ନଭେମ୍ବର ୨୦୨୫ ମଙ୍ଗଳବାର





# ସହିଦ ନଗରରେ ଅନୁଷ୍ଠିତ ହେଉଛି ରାଜଧାନୀ ପୁସ୍ତକ ମେଳା












ଦୀର୍ଘଦିନ ଧରି ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା "ରାଜଧାନୀ ପୁସ୍ତକମେଳା' ଏଥର ଭୁବନେଶ୍ୱର ସହିଦ ନଗର ସ୍ଥିତ ଦୁର୍ଗା ମଣ୍ଡପ ଠାରେ ଅନୁଷ୍ଠିତ ହେଉଛି। ପ୍ରଥମ ଥର ଏଠାରେ ପୁସ୍ତକମେଳା ଅନୁଷ୍ଠିତ ହେଉଥିବାରୁ ପାଠକ ଏବଂ ପ୍ରକାଶକଙ୍କ ମଧ୍ୟରେ ବେଶ୍ ଆଗ୍ରହ ପରିଲକ୍ଷିତ ହୋଇଛି। ରାଜଧାନୀ ଏବଂ ଏକାମ୍ର ପୁସ୍ତକମେଳା କମିଟିର ମିଳିତ ଆନୁକୂଲ୍ୟରେ ଏହା ଆୟୋଜନ କରାଯାଇଛି। ପୁସ୍ତକମେଳାରେ ପ୍ରବଳ ଭିଡ ହେଉଥିବାରୁ ଆୟୋଜକମାନେ ସନ୍ତୁଷ୍ଟି ପ୍ରକାଶ କରିଛନ୍ତି। ନଭେମ୍ବର ୨୩ ଯାଏ ହେବାକୁ ଥିବା ଏହି ପୁସ୍ତକମେଳାରେ ଆହୁରି ଭିଡ ହେବ ବୋଲି ଆଶା କରାଯାଉଛି।

## ଉଧନା-ବ୍ରହ୍ମପୁର ଅମୃତ ଭାରତ ଏକ୍ସପ୍ରେସ୍ ଏବେ ସପ୍ତାହରେ ତିନି ଦିନ ଚାଲିବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଜନସାଧାରଣଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏବଂ ଯାତ୍ରୀ ସୁବିଧା ବୃଦ୍ଧି କରିବା ପାଇଁ ରେଳ ମନ୍ତ୍ରଣାଳୟର ନିରନ୍ତର ପ୍ରୟାସର ଅଂଶ ସ୍ୱରୂପ, ଭାରତୀୟ ରେଳବାଇ ଟ୍ରେନ୍ ନମ୍ବର ୧୯୦୨୧/୧୯୦୨୨ ଉଧନା-ବ୍ରହ୍ମପୁର-ଉଧନା ଅମୃତ ଭାରତ ଏକ୍ସପ୍ରେସର ଚଳାଚଳ ସଂଖ୍ୟା ବୃଦ୍ଧି କରିବାକୁ ନିଷ୍ପତି ନେଇଛି।



ଏହାଫଳରେ, ଉକ୍ତ ଟ୍ରେନ୍‌ଟି ସପ୍ତାହକୁ ଗୋଟିଏ ଦିନ ପରିବର୍ତ୍ତେ ତିନି ଦିନ ଚଳାଚଳ କରିବ। ଏହି ପଦକ୍ଷେପ ଯୋଗାଯୋଗ ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବା ସହିତ ଯାତ୍ରୀମାନଙ୍କୁ ଉନ୍ନତ ଯାତ୍ରା ସୁବିଧା ପ୍ରଦାନ କରିବା ପାଇଁ ମାନ୍ୟବର ରେଳମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ପ୍ରକାଶ କରୁଛି।
ଟ୍ରେନ୍ ନମ୍ବର ୧୯୦୨୧ ଉଧନା-ବ୍ରହ୍ମପୁର ଅମୃତ ଭାରତ ଏକ୍ସପ୍ରେସ୍, ଯାହା ପୂର୍ବରୁ କେବଳ ରବିବାର ଚାଲୁଥିଲା, ଏବେ ୧୯ ନଭେମ୍ବର ଠାରୁ ସପ୍ତାହରେ ତିନି ଦିନ - ରବିବାର, ବୁଧବାର ଏବଂ ଶୁକ୍ରବାର ଚାଲିବ। ସେହିପରି, ଟ୍ରେନ୍ ନମ୍ବର ୧୯୦୨୨ ବ୍ରହ୍ମପୁର-ଉଧନା ଅମୃତ ଭାରତ ଏକ୍ସପ୍ରେସ୍, ଯାହା ପୂର୍ବରୁ କେବଳ ସୋମବାରରେ ଚଳାଚଳ କରୁଥିଲା, ଏବେ ୨୦ ନଭେମ୍ବର ୨୦୨୫ ଠାରୁ ସପ୍ତାହରେ ତିନି ଦିନ - ସୋମବାର, ଗୁରୁବାର ଏବଂ ଶନିବାର - ଚଳାଚଳ କରିବ।
ବର୍ତ୍ତମାନର ଅମୃତ ଭାରତ ଏକ୍ସପ୍ରେସର ସମୟ, ରହଣି ସ୍ଥାନ କିମ୍ବା କୋଚ୍ ଗଠନରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏହି ସମ୍ପର୍କରେ ଜାରି କରାଯାଇଥିବା ସମସ୍ତ ପୂର୍ବ ନିର୍ଦ୍ଦେଶ ଅପରିବର୍ତ୍ତିତ ରହିଛି। ଯାତ୍ରୀମାନଙ୍କୁ ଅନୁରୋଧ କରାଯାଇଛି ଯେ ସେମାନେ ସଂଶୋଧିତ ଚଳାଚଳ ଉପରେ ଧ୍ୟାନ ଦିଅନ୍ତୁ ଏବଂ ସେହି ଅନୁସାରେ ସେମାନଙ୍କର ଯାତ୍ରା ଯୋଜନା କରନ୍ତୁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରଧାନମନ୍ତ୍ରୀଙ୍କ ...

ରିୟାଦରେ ଆମର ଦୂତାବାସ ଏବଂ ଜେଦ୍ଦା ସ୍ଥିତ ବାଣିଜ୍ୟ ଦୂତାବାସ ଯଥା ସମ୍ଭାବ୍ୟ ସହାୟତା ଯୋଗାଇ ଦେଉଛନ୍ତି। ଆମର ଅଧିକାରୀମାନେ ସାଉଦି ଆରବ କର୍ତ୍ତୃପକ୍ଷଙ୍କ ସହିତ ନିରନ୍ତର ଯୋଗାଯୋଗରେ ଅଛନ୍ତି।'

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କରସାଉଦି ଆରବରେ ମଦିନା ନିକଟରେ ଭାରତୀୟ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବସ୍ ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ।ଏହି ଦୁର୍ଘଟଣାରେ ଅନେକ ମହିଳା ଏବଂ ଶିଶୁଙ୍କ ମୃତ୍ୟୁ ଆଶଙ୍କା କରାଯାଉଛି। ସେ କହିଛନ୍ତି ଯେ ରିୟାଦ ଏବଂ ଜେଦ୍ଦାରେ ଆମର ଦୂତାବାସ ପ୍ରଭାବିତ ପରିବାରକୁ ସହାୟତା କରୁଛି।

### ମୁଦ୍ରିତ ଗଣମାଧ୍ୟମ...

୧୧ ନଭେମ୍ବର, ୨୦୨୧ ରେ ଗଠିତ ହୋଇଥିଲା। କମିଟି ନଭେମ୍ବର ୨୦୨୧ ରୁ ଅଗଷ୍ଟ ୨୦୨୩ ମଧ୍ୟରେ ଏହାର କାର୍ଯ୍ୟକାଳ ସମୟରେ, ଇଣ୍ଡିଆନ୍ ନ୍ୟୁଜପେପର ସୋସାଇଟି (ଆଇଏନଏସ), ଅଲ୍ ଇଣ୍ଡିଆ ସ୍ମଲ୍ ନ୍ୟୁଜପେପର୍ ଆସୋସିଏସନ୍ (ଏଆଇଏସଏନଏ), କ୍ଷୁଦ୍ର-ମଧ୍ୟମ-ବୃହତ ସମ୍ବାଦପତ୍ର ସୋସାଇଟି (ଏସଏମବିଏନଏସ) ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ପରି କ୍ଷୁଦ୍ର, ମଧ୍ୟମ ଏବଂ ବଡ଼ ଖବରକାଗଜ ପ୍ରତିନିଧିତ୍ୱ କରୁଥିବା ବିଭିନ୍ନ ଖବରକାଗଜ ସଂଘଗୁଡ଼ିକର ପ୍ରସ୍ତାବକୁ ବିଚାର କରିଥିଲା। କମିଟି ମୁଦ୍ରିତ ଗଣମାଧ୍ୟମରେ ବିଜ୍ଞାପନ ଦରକୁ ପ୍ରଭାବିତ କରୁଥିବା ବିଭିନ୍ନ ମାପଦଣ୍ଡ ଯଥା ସମ୍ବାଦପତ୍ର ସହ ଜଡ଼ିତ ପାଇକାରୀ ମୂଲ୍ୟ ସୂଚକାଙ୍କ ମୁଦ୍ରାସ୍ଫୀତି, ମଜୁରୀ, ମୁଦ୍ରାସ୍ଫୀତି ହାର, ଆମଦାନୀ ହେଉଥିବା କାଗଜ ଦର, ପ୍ରକ୍ରିୟାକରଣ ଖର୍ଚ୍ଚ ଇତ୍ୟାଦି ଉପରେ ମଧ୍ୟ ବିଚାର କରିଥିଲା। କମିଟି ୨୩ ସେପ୍ଟେମ୍ବର ୨୦୨୩ରେ ଏହାର ସୁପାରିସ ଦାଖଲ କରିଥିଲା। ମୁଦ୍ରିତ ଗଣମାଧ୍ୟମରେ ସରକାରୀ ବିଜ୍ଞାପନର ଦର ବୃଦ୍ଧି କରିବା ଦ୍ୱାରା ସରକାର ଏବଂ ଗଣମାଧ୍ୟମ କ୍ଷେତ୍ର ଉଭୟ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ଲାଭ ମିଳିବ। ସରକାରୀ ବିଜ୍ଞାପନର ଉଚ୍ଚ ଦର ମୁଦ୍ରିତ ଗଣମାଧ୍ୟମକୁ ଅତ୍ୟନ୍ତ ଆବଶ୍ୟକ ରାଜସ୍ୱ ସହାୟତା ଯୋଗାଇବ, ବିଶେଷକରି ବିଭିନ୍ନ ଅନ୍ୟାନ୍ୟ ଗଣମାଧ୍ୟମ ପ୍ଲାଟଫର୍ମରୁ ମିଳୁଥିବା ପ୍ରତିଯୋଗିତା ଏବଂ ଗତ କିଛି ବର୍ଷ ମଧ୍ୟରେ ଖର୍ଚ୍ଚ ବୃଦ୍ଧିର ମୁକାବିଲାରେ ସହାୟକ ହେବ । ଏହା ପରିଚାଳନା କାର୍ଯ୍ୟକୁ ବଜାୟ ରଖିବା ସହିତ ଗୁଣାତ୍ମକ ସାମ୍ବାଦିକତା ବଜାୟ ରଖିବା ଏବଂ ସ୍ଥାନୀୟ ସମାଚାର ପଦକ୍ଷେପକୁ ସମର୍ଥନ କରିବାରେ ସାହାଯ୍ୟ କରିପାରିବ। ଆର୍ଥିକ ସ୍ଥିରତାକୁ ପ୍ରୋତ୍ସାହିତ କରିବା ଦ୍ୱାରା ମୁଦ୍ରିତ ଗଣମାଧ୍ୟମଗୁଡ଼ିକ ଉନ୍ନତ ବିଷୟବସ୍ତୁରେ ନିବେଶ କରିପାରିବେ। ଏହାଦ୍ୱାରା ଜନସାଧାରଣଙ୍କ ହିତ ପାଇଁ ଆହୁରି ଅଧିକ ପ୍ରଭାବଶାଳୀ ସେବା ଯୋଗାଇ ଦିଆଯାଇପାରିବ। ବିଜ୍ଞାପନ ଦରରେ ଏହି ବୃଦ୍ଧି ଗଣମାଧ୍ୟମ ଉପଯୋଗର ବ୍ୟାପକ ଧାରା ସହିତ ସୁସଙ୍ଗତ। ଏକ ବିବିଧ ଗଣମାଧ୍ୟମ ଇକୋସିଷ୍ଟମରେ ମୁଦ୍ରିତ ଗଣମାଧ୍ୟମର ଗୁରୁତ୍ୱକୁ ସ୍ୱୀକାର କରି, ସରକାର ନିଜ ସଞ୍ଚାର ରଣନୀତିକୁ ଭଲ ଭାବରେ ଲକ୍ଷ୍ୟବଦ୍ଧ କରିପାରିବେ। ଫଳରେ ବିଭିନ୍ନ ପ୍ଲାଟଫର୍ମ ଜରିଆରେ ପ୍ରଭାବଶାଳୀ ଭାବରେ ନାଗରିକମାନଙ୍କ ନିକଟରେ ପହଞ୍ଚିବା ସହଜ ହେବ।

### ପୋଖରୀରେ ...

ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲା। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟ ଶିଶୁଙ୍କୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ନୀତିଶଙ୍କ ଇସ୍ତଫା...

ନୀତିଶ । ନିଜ ଇସ୍ତଫା ପତ୍ର ଦେବା ସହ ଆଗାମୀ ୧୯ ତାରିଖରେ ସରକାର ଭାଙ୍ଗିବେ ବୋଲି ବିଜେପି ନେତା ସୂଚନା ଦେଇଥିଲେ ।

### ଆଗକୁ ରାଜ୍ୟସଭା...

ପୂରଣ ପାଇଁ ଭାରତୀୟ ନିର୍ବାଚନ ଆୟୋଗ ୨୦୨୬ ଫେବୃଆରୀ ତୃତୀୟ ସପ୍ତାହରେ ନିର୍ବାଚନ ଲାଗି ବିଜ୍ଞପ୍ତି ଜାରି କରିପାରନ୍ତି। ନୂଆପଡ଼ା ଉପନିର୍ବାଚନ ଜିତିବା ପରେ ବିଧାନସଭାରେ ବିଜେପିର ସଦସ୍ୟଙ୍କ ସଂଖ୍ୟା ୭୯ରେ ପହଞ୍ଚିଛି ଏବଂ ବିଜେଡି ବିଧାୟକଙ୍କ ସଂଖ୍ୟା ୫୦କୁ ଖସି ଆସିଛି। ସେହିପରି କଂଗ୍ରେସର ୧୪ ବିଧାୟକ ଥିବାବେଳେ ସିପିଆଇ(ଏମ୍)ର ଜଣେ ବିଧାୟକ ଅଛନ୍ତି। ବିଧାନସଭାରେ ତିନି ଜଣ ସ୍ୱାଧୀନ ବିଧାୟକ ବିଜେପିକୁ ସମର୍ଥନ ଦେଉଛନ୍ତି। ଅଙ୍କ ଦୃଷ୍ଟିରୁ ବିଜେପି ଦୁଇଟି ଆସନ ସହଜରେ ହାତେଇ ନେବ। ୪ ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେଲେ ପ୍ରତ୍ୟେକ ପ୍ରାର୍ଥୀଙ୍କୁ ବିଜୟୀ ହେବା ପାଇଁ ଅତି କମରେ ୩୦ ଖଣ୍ଡ ମତ ଆବଶ୍ୟକ। ଦୁଇଟି ଆସନ ପାଇଁ ବିଜେପିର ୬୦ଟି ଭୋଟ ଆବଶ୍ୟକ। ଏହାକୁ ବାଦ୍ ଦେଇ ବିଜେପି ପାଖରେ ଅତିରିକ୍ତ ୧୯ଟି ଭୋଟ ରହିବ। ସ୍ୱାଧୀନ ୩ ବିଧାୟକ ମୋହନ ସରକାରଙ୍କୁ ସମର୍ଥନ ଦେଉଥିବାରୁ ବିଜେପି ହାତରେ ୨୨ ଖଣ୍ଡ ଭୋଟ ବଳକା ରହିବ। ଏହା ସତ୍ତ୍ୱେ ତୃତୀୟ ରାଜ୍ୟସଭା ଆସନ ପାଇଁ ଶାସକ ବିଜେପିକୁ ଅତିକମରେ ଆଉ ୮ ବିଧାୟକଙ୍କ ସମର୍ଥନ ଆବଶ୍ୟକ, ଯାହା ବିରୋଧୀ ବିଜେଡି ଅଥବା କଂଗ୍ରେସଠାରୁ ସିଧାସଳଖ ପାଇବା ପ୍ରାୟତଃ ଅସମ୍ଭବ। ଅପରପକ୍ଷେ ନୂଆପଡ଼ା ବିଫଳତା ପରେ ବିଧାନସଭାରେ ୫୦ ସଦସ୍ୟକୁ ଖସି ଆସିଥିବା ବିଜେଡି ସହଜରେ ଗୋଟିଏ ରାଜ୍ୟସଭା ଆସନ ପାଇଯିବ। ଏହା ପରେ ବିଜେଡି ପାଖରେ ଆଉ ୨୦ ସଦସ୍ୟଙ୍କ ଭୋଟ ରହିଛି। ସିପିଆଇ (ଏମ୍)ର ଗୋଟିଏ ଭୋଟ ସହିତ କଂଗ୍ରେସର ୧୪ ବିଧାୟକଙ୍କୁ ମିଶାଇଲେ ୧୫ ବିଧାୟକଙ୍କ ସମର୍ଥନ କଂଗ୍ରେସ ପାଖରେ ରହିଛି। ଆଉ ଗୋଟିଏ ଆସନ ପାଇବାକୁ ବିଜେଡି ୧୦ ବିଧାୟକଙ୍କ ସମର୍ଥନ ଆବଶ୍ୟକ କରୁଥିବା ବେଳେ ଏଠାରେ କଂଗ୍ରେସର ଭୂମିକା ନିର୍ଣ୍ଣାୟକ ହେବ। କଂଗ୍ରେସ ବିଜେଡିକୁ ସମର୍ଥନ କଲେ ଯାଇ ମୁଖ୍ୟ ବିରୋଧୀ ଦଳ ଶାସକ ବିଜେପି ହାତରୁ ଆଉ ଗୋଟିଏ ଆସନକୁ ଛଡ଼ାଇ ଅଣାଯାଇ ପାରିବ। କିନ୍ତୁ କଂଗ୍ରେସ କେତେଦୂର ବିଜେଡିକୁ ସମର୍ଥନ ଦେବ ନା ସମଦୂରତା ରକ୍ଷା କରିବ ତାହା ସମୟ କହିବ। ଯଦି ରାଜ୍ୟସଭା ନିର୍ବାଚନରେ ଅଂଶଗ୍ରହଣ ନକରି କଂଗ୍ରେସ ବିରତ ରୁହେ, ତା ହେଲେ ରାଜ୍ୟସଭାର ଚତୁର୍ଥ ଆସନ ବିଜେପି ଖାତାକୁ ଯିବ। ଗତ ୧୭ ମାସ ଭିତରେ ବିଭିନ୍ନ ପ୍ରସଙ୍ଗରେ ବିରୋଧୀ ବିଜେଡି ଓ କଂଗ୍ରେସ ବିଧାନସଭା ଏବଂ ଗୃହ ବାହାରେ ପରସ୍ପରକୁ କଟୁ ସମାଲୋଚନା କରି ଆସୁଛନ୍ତି। ଏପରିକି ଗୃହରେ ସରକାରଙ୍କୁ ଆକ୍ରମଣ କରିବା ସମୟରେ ମଧ୍ୟ ଦୁଇ ବିରୋଧୀ ଦଳ ମଧ୍ୟରେ ଆଦୌ ତାଳମେଳ ରହି ନାହିଁ। ଜାତୀୟସ୍ତରରେ ସଂସଦରେ ଅନେକ ରାଜନୈତିକ ପ୍ରସଙ୍ଗରେ କଂଗ୍ରେସ ବିରୋଧରେ ବିଜେଡିର ଆଭିମୁଖ୍ୟ ରହିଛି। ରାଜ୍ୟସଭା ନିର୍ବାଚନରେ ଶାସକ ବିଜେପିକୁ କଂଗ୍ରେସ ସମର୍ଥନ କରିବା ଆଶା କ୍ଷୀଣ। ନୂଆପଡ଼ା ଉପନିର୍ବାଚନରେ ସଫଳତା ଓ ପ୍ରଶଂସା ସାଉଁଟି ଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ପାଇଁ ରାଜ୍ୟସଭା ନିର୍ବାଚନ ଆଉ ଏକ ପରୀକ୍ଷା ହେବ। ସୁଚିନ୍ତିତ ରଣନୀତି ଦ୍ୱାରା ହିଁ ବିଜେପି ଓଡ଼ିଶାରୁ ତିନିଟି ରାଜ୍ୟସଭା ଆସନ ହାସଲ କରିପାରିବ। ନଚେତ ଡବଲ ଇଞ୍ଜିନ ସରକାରଙ୍କୁ ଦୁଇଟି ଆସନରେ ସନ୍ତୁଷ୍ଟ ରହିବାକୁ ପଡ଼ିବ।

### 'ସମ୍ପନ୍ନ ଓଡ଼ିଶା,...

ସ୍ୱର୍ଣ୍ଣିମ ଓଡିଶା ଅଭିଯାନ ଆରମ୍ଭ କରିଛି, ସେହିଭଳି ଆମେ ମଧ୍ୟ ଲକ୍ଷ୍ୟ ରଖିଛୁ ୨୦୩୬ ସୁଦ୍ଧା ଆମ ଓଡିଶାକୁ ସମୃଦ୍ଧ ଓଡିଶା, ବିକଶିତ ଓଡିଶା ଭାବେ ଗଢି ତୋଳିବୁ। ଏହି ଅବସରରେ ଆଇନ୍, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ, ବ୍ରହ୍ମକୁମାରୀ ଅନୁଷ୍ଠାନ ସମାଜକୁ ସଜାଡିବାର କାର୍ଯ୍ୟ ଓ ମଣିଷକୁ ସୁଧାରିବାର କାର୍ଯ୍ୟ କରୁଛି । ୫୦ ବର୍ଷ ଧରି ଏହି ଅନୁଷ୍ଠାନ ଆମ ସମସ୍ତଙ୍କୁ ଶାନ୍ତି ଏବଂ ମୈତ୍ରୀର ମାର୍ଗ ଦେଖାଉଛି। କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ବ୍ରହ୍ମକୁମାରୀ ସିଷ୍ଟର ଶିବାନୀ, ଡକ୍ଟର ବନାରଶୀ ଭାଇ, ଶକ୍ତିରାଜ ଭାଇ, ବ୍ରହ୍ମକୁମାରୀ, ଭୁବନେଶ୍ୱର ଶାଖାରୁ ଗୀତା ଦିଦି ପ୍ରମୁଖ ମଞ୍ଚାସୀନ ଥିଲେ।

## ୨୦୩୦-୩୧ ସୁଦ୍ଧା ଭାରତର ଇଲେକ୍ଟ୍ରୋନିକ୍ସ ଉତ୍ପାଦନକୁ ୫୦୦ ବିଲିୟନ ଡଲାରରେ ପହଞ୍ଚାଇବ: ଅଶ୍ୱିନୀ ବୈଷ୍ଣବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟ ମ୍ୟାନୁଫ୍ୟାକଚରିଂ ସ୍କିମ୍ ଅଧୀନରେ ୧୭ଟି ନୂତନ ପ୍ରସ୍ତାବକୁ ଅନୁମୋଦନ କରିଛି । ଯାହା ଭାରତର ଇଲେକ୍ଟ୍ରୋନିକ୍ସ ମ୍ୟାନୁଫ୍ୟାକଚରିଂ କ୍ଷମତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଅନୁମୋଦନ କରାଯାଇଛି। ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମୋଟ ୭୧୭୨ କୋଟି ଟଙ୍କା ନିବେଶ କରାଯିବ। ୬୫,୧୧୧କୋଟି ଟଙ୍କାର କ୍ରମାଗତ ଉତ୍ପାଦନ ସୃଷ୍ଟି କରିବା ସହିତ ୧୧,୮୦୮ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆକଳନ କରାଯାଇଛି। ୫୫୩୨ କୋଟି ଟଙ୍କାର ସାତଟି ପୂର୍ବ ଅନୁମୋଦନ ସହିତ, ଏହି ଯୋଜନା ଭାରତର ଇଲେକ୍ଟ୍ରୋନିକ୍ସ ଉପାଦାନ ଇକୋସିଷ୍ଟମକୁ ବିସ୍ତାର କରିବ। ଗୋଆ, ଗୁଜରାଟ, ଜମ୍ମୁ ଏବଂ କାଶ୍ମୀର, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, ଉତ୍ତର ପ୍ରଦେଶ ଏବଂ ଆନ୍ଧ୍ର ପ୍ରଦେଶ ପାଇଁ ଏହି ପ୍ରକଳ୍ପ ମଞ୍ଜୁରୀ ହୋଇଛି। ଯାହା ମେଟ୍ରୋପଲିଟାନ କ୍ଲଷ୍ଟର ବାହାରେ ସନ୍ତୁଳିତ ଆଞ୍ଚଳିକ ବିକାଶ ଏବଂ ଉଚ୍ଚ ଦକ୍ଷତା ନିଯୁକ୍ତି ସୃଷ୍ଟି ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ସୁଦୃଢ଼ କରିଥାଏ। ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଅବସରରେ କହିଛନ୍ତି ଯେ ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟ ମ୍ୟାନୁଫ୍ୟାକଚରିଂ ସ୍କିମ ଡିଭାଇସ୍ ଠାରୁ କମ୍ପୋନେଣ୍ଟ ଏବଂ ସବ୍-ଆସେମ୍ବଲି ପର୍ଯ୍ୟନ୍ତ ମୂଲ୍ୟ ଶୃଙ୍ଖଳ ସମନ୍ୱୟର ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରୁଛି । ଯାହା ୨୦୩୦-୩୧ ସୁଦ୍ଧା ଭାରତର ଇଲେକ୍ଟ୍ରୋନିକ୍ସ କ୍ଷେତ୍ରକୁ ୫୦୦ ବିଲିୟନ ଡଲାର ଉତ୍ପାଦନ ମୂଲ୍ୟରେ ପହଞ୍ଚାଇବ ।

## କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ୧୧ତମ ଜାତୀୟ ଶିଶୁ ସାହିତ୍ୟ ମହୋତ୍ସବ ଉଦ୍‌ଯାପିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ବହୁ ପ୍ରତୀକ୍ଷିତ ୧୧ତମ ଜାତୀୟ ଶିଶୁ ସାହିତ୍ୟ ମହୋତ୍ସବ ୨୦୨୫ ରବିବାର ଉଦ୍‌ଯାପିତ ହୋଇ ଯାଇଛି। ଶନିବାର ଓ ରବିବାର ଦୁଇ ଦିନ ଧରି ରଙ୍ଗୀନ ଏବଂ ଉତ୍ସାହଜନକ ଢଙ୍ଗରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ସାରା ଭାରତରୁ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କୁ କଳ୍ପନା, ସର୍ଜନଶୀଳତା ଏବଂ କାହାଣୀ କହିବାର ଉତ୍ସାହ ପାଇଁ ଆକର୍ଷିତ କରିବା ଏହି କାର୍ଯ୍ୟକ୍ରମରେ ଲକ୍ଷ୍ୟ। ଉଦ୍‌ଘାଟନୀ ଉତ୍ସବର ଆକର୍ଷଣ ଥିଲେ ଅଭିନେତା ବିକ୍ରାନ୍ତ ମାସେ, ଯାହାଙ୍କ ଉପସ୍ଥିତି ଉଦଘାଟନୀ ସମାରୋହରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଓ ଆକର୍ଷଣ ବୃଦ୍ଧି କରିଥିଲା।
ଏଥିରେ ଉଦ୍‌ଘାଟକ ଭାବେ ଯୋଗ ଦେଇ କିଟ ଓ କିସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଯୁବ ଅଂଶଗ୍ରହଣକାରୀଙ୍କୁ କୌତୁହଳ ଏବଂ ସର୍ଜନଶୀଳତାକୁ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ସେ କହିଲେ, ଏହି ମହୋତ୍ସବ କେବଳ ପିଲାମାନଙ୍କ ପାଇଁ ପରିକଳ୍ପନା କରାଯାଇଥିଲା। ଭାରତରେ ଅନେକ ସାହିତ୍ୟ ମହୋତ୍ସବ ହେଉଥିବା ବେଳେ, ଆମେ ପ୍ରଥମ ଥର ପାଇଁ ଶିଶୁ ସାହିତ୍ୟ ମହୋତ୍ସବ ଆରମ୍ଭ କରିଥିଲୁ। ୨୦୧୬ରେ ଆମେ ଏଥିରେ 'ଜାତୀୟ' ଶବ୍ଦ ଯୋଡ଼ି କୁନିକୁନି ପିଲାଙ୍କୁ ଜାତୀୟସ୍ତରରେ ପରିଚୟ ସୃଷ୍ଟି କରିବାକୁ ଚେଷ୍ଟା କରି ସଫଳ ହୋଇଛୁ। ସେ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳା ବଜାୟ ରଖିବା ସହ ପ୍ରତ୍ୟେକ ବକ୍ତାଙ୍କୁ ଧ୍ୟାନର ସହିତ ଶୁଣିବା, ବହି ପଢ଼ିବା ଏବଂ ଲେଖିବାର ଅଭ୍ୟାସ ବଢ଼ାଇବାକୁ ପରାମର୍ଶ ଦେଇଥିଲେ। କେବଳ ଇଣ୍ଟରନେଟ୍ ତୁମକୁ ସାହାଯ୍ୟ କରିବ ନାହିଁ, ଜୀବନରେ ଆଗକୁ ବଢ଼ିପାଇଁ ଶିଶୁ ସାହିତ୍ୟ ମହୋତ୍ସବ ଆରମ୍ଭ ହୋଇଛି ବୋଲି ଡ. ସାମନ୍ତ ସୂଚନା ଦେଇଥିଲେ। କିଟ ଇଣ୍ଟରନ୍ୟାସନାଲ୍ ସ୍କୁଲର ଚେୟାରପର୍ସନ ତଥା କ୍ଲାଉଡନାଇନ୍ ର ସମ୍ପାଦିକା ଡ ମୋନାଲିସା ବଳ କହିଲେ, ଏହି ମହୋତ୍ସବ ଅନୁଷ୍ଠାନ ସହିତ ଜଡ଼ିତ ସମସ୍ତଙ୍କ ପାଇଁ ଏକ




'ବିଶେଷ ସ୍ଥାନ' ରଖିଛି। କାରଣ ଏହା ଯୁବ ମନ ମଧ୍ୟରେ ସର୍ଜନଶୀଳତା ଓ ବିବିଧ ଦୃଷ୍ଟିକୋଣକୁ ପୋଷଣ କରେ। ସେ କହିଲେ, ସାହିତ୍ୟ କେବେ ମରେ ନାହିଁ। ତେବେ ସାହିତ୍ୟ ପରବର୍ତ୍ତୀ ପିଢ଼ି ଦ୍ୱାରା ପୁନଃଆବିଷ୍କାର, ପୁନଃବ୍ୟାଖ୍ୟା ଏବଂ ପୁନଃପ୍ରଶଂସିତ ହେବାକୁ ଅପେକ୍ଷା କରୁଛି ବୋଲି ସେ ମତ ଦେଇଥିଲେ। ବିକ୍ରାନ୍ତ ମାସେ ସଫଳତା ବିଷୟରେ କହି ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଅନୁପ୍ରାଣିତ କରିଥିଲେ। ସେ କହିଲେ 'ସଫଳତା କେବେ ଏକୁଟିଆ ଆସେନାହିଁ। ଜେନ୍ ଜେଡ୍ ହେଉଛି ମୁଁ ଦେଖିଥିବା ସବୁଠାରୁ ନିର୍ଭୀକ ପିଢ଼ି। ସେହିପରି ପ୍ରସିଦ୍ଧ ଲେଖକ ଏବଂ ମହାନ କାହାଣୀକାର କୋରାଲ ଦାସଗୁପ୍ତା, ପୂର୍ବତନ କ୍ରିକେଟର ହରଭଜନ ସିଂହଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ପକ୍ଷରୁ ପ୍ରକାଶ ପାଉଥିବା ପତ୍ରିକା 'କ୍ଲାଉଡନାଇନ'ର ଡିଜିଟାଲ ସଂସ୍କରଣ ଉନ୍ମୋଚିତ ହୋଇଥିଲା।

## ତାଲାବିରା ୨ ଓ ୩ ଖଣି ଖନନ ପ୍ରକଳ୍ପ ପକ୍ଷରୁ ଭେଣ୍ଡର ଏବଂ କଷ୍ଟମର ମିଟ୍ ଆୟୋଜିତ




**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**
ସଚେତନତା ହେଉଛି ସମସ୍ତଙ୍କର ଯୁକ୍ତ ଦାୟିତ୍ୱ: ତାଲାବିରା ୨ ଓ ୩ ଓସିପି ଭେଣ୍ଡର ଏବଂ କଷ୍ଟମର ମିଟ୍‌ରେ ଏନ୍‌ଏଲ୍‌ସିଆଇଏଲ୍ ନିଷ୍ଠା ଏବଂ ପାରଦର୍ଶୀତା ପ୍ରତି ନବୀକୃତ ସଙ୍କଳ୍ପ ପ୍ରକାଶ କଲା ତିନି ମାସୀୟ ସଚେତନତା ଅଭିଯାନର ଅଂଶ ଭାବରେ, ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡଙ୍କ ତାଲାବିରା ୨ ଓ ୩ ଖଣି ଖନନ ପ୍ରକଳ୍ପ ପକ୍ଷରୁ ସମ୍ବଲପୁର ମାଣ୍ଡାରିନ୍ ହୋଟେଲରେ ଭେଣ୍ଡର ଏବଂ କଷ୍ଟମର ମିଟ୍‌ର ଆୟୋଜନ କରାଗଲା। ଏହି କାର୍ଯ୍ୟକ୍ରମରେ ୩୦ରୁ ଅଧିକ ଭେଣ୍ଡର ଏବଂ କଷ୍ଟମର ଯୋଗଦେଇ, କ୍ରୟ ପ୍ରକ୍ରିୟା, ଚୁକ୍ତି ପାଳନ, ଏବଂ ନୈତିକ ବ୍ୟବସାୟ ଅଭ୍ୟାସ ସମ୍ବନ୍ଧରେ ନିଜ-ନିଜ ପ୍ରଶ୍ନ ଉଠାଇଥିଲେ। ଉପସ୍ଥିତ ଜ୍ୟେଷ୍ଠ କର୍ମକର୍ତ୍ତାମାନଙ୍କ ଦ୍ୱାରା ସମସ୍ତ ସନ୍ଦେହ ସମ୍ପୂର୍ଣ୍ଣ ଭଳି ସ୍ପଷ୍ଟ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଚେରୁକୁ ଦୟାନନ୍ଦ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ପ୍ରକଳ୍ପ ମୁଖ୍ୟ, ତାଲାବିରା ୨ ଓ ୩ ଓସିପି, ସଚେତନତା ହେଉଛି ସମସ୍ତଙ୍କର ଯୁକ୍ତ ଦାୟିତ୍ୱ ବୋଲି ଉଲ୍ଲେଖ କରିଥିଲେ। ତାଲାବିରା ପ୍ରକଳ୍ପର ସଚେତନତା ଅଧିକାରୀ ରାଜୀବ ସିଂହ କହିଥିଲେ ଯେ, ସଚେତନତା କେବଳ ଅଭିଯାନ ସମୟରେ ନୁହେଁ, ସତ୍ୟତା ଚାଲିଥିବା ଅଭ୍ୟାସ ହେବା ଉଚିତ। । ପୂର୍ବରୁ, ଏଚ୍‌ଆର୍ ମୁଖ୍ୟ ସୁବ୍ରତକୁମାର ବିଶ୍ୱାଳ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ପ୍ରଶାନ୍ତ କୁମାର ବାରିକ ଉପମହାବ୍ୟବସ୍ଥାପକ ଧନ୍ୟବାଦ ଜଣାଇଥିଲେ।

## ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଜନଜାତୀୟ ଗୌରବ ଦିବସ ପାଳିତ

**ଯୋଡ଼ା, ନ୍ୟୁଜ ବ୍ୟୁରୋ**
ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ କାଶିଆ, ରୋଇଡ଼ା-୧ ଓ ଟେନସା ମାଇନ୍ସରେ ଅଞ୍ଚଳରେ ମହାନ ବନବାସୀ ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମଦିବସ ତଥା ଜନଜାତୀୟ ଗୌରବ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। କାଶିଆ ଓ ରୋଇଡ଼ା-ଓ ମାଇନ୍ସ ଅଞ୍ଚଳରେ ସ୍କୁଲ ଛାତ୍ରଛାତ୍ରୀ, ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟ ଓ ସ୍ଥାନୀୟ ଜନଜାତି ସମୁଦାୟ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବ୍ରିଟିସ ଶାସନ ବିରୋଧରେ ବିର୍ସା ମୁଣ୍ଡାଙ୍କ ଆନ୍ଦୋଳନ, ଜନଜାତି ଧର୍ମସଂସ୍କୃତିର ସୁରକ୍ଷା ପାଇଁ ସଂଘର୍ଷ ଓ ବଳୀଦାନକୁ ସମସ୍ତେ ସ୍ମରଣ କରିଥିଲେ। ସ୍କୁଲ ଛାତ୍ରଛାତ୍ରୀମାନେ ପାରମ୍ପରିକ ଜନଜାତି ବେଶଭୂଷା ସହ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଜନଜାତି ପରମ୍ପରା ଓ ସଂସ୍କୃତିର ନିଦର୍ଶନ ଦେଖିବାକୁ ମିଳିଥିଲା। ଏହି ଅବସରରେ କମ୍ପାନିର ଅଗ୍ନିଶମ ଓ ନିରାପତ୍ତା ବିଭାଗ ଅଧିକାରୀମାନେ ଅଗ୍ନି ନିରାପତ୍ତା ଓ ସଡ଼କ ସୁରକ୍ଷା ସମ୍ପର୍କରେ ସ୍ଥାନୀୟ ଅଧିବାସୀଙ୍କୁ ସଚେତନ କରାଇଥିଲେ। ଏହା



ସହିତ ଏକ ନିରାପତ୍ତା ସଚେତନତା ରଥର ମଧ୍ୟ ଶୁଭାରମ୍ଭ ହୋଇଥିଲା। ଜିନ୍ଦଲ ଷ୍ଟିଲ- ବିକେଟିଆର କ୍ଲଷ୍ଟର ମୁଖ୍ୟ ପ୍ରମୋଦ କୁମାର ପାତ୍ର ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଶ୍ରୀ ପାତ୍ର ମହାନ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କର ଅବଦାନ ସମ୍ପର୍କରେ ସ୍ମରଣ କରିବା ସହ ଜିନ୍ଦଲର ଦାୟିତ୍ୱପୂର୍ଣ୍ଣ ଖଣି ପରିଚାଳନା ନୀତି ସମ୍ପର୍କରେ ସ୍ଥାନୀୟ ଅଧିବାସୀମାନଙ୍କୁ ଅବଗତ କରାଇଥିଲେ। ଏହି ରଥ ସେରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତର ଦଶଟି ଗ୍ରାମ ପରିକ୍ରମା କରି ଅଗ୍ନି ନିରାପତ୍ତା ଓ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରିବ। ସେହିପରି ଫାଉଣ୍ଡେସନ ପକ୍ଷରୁ ଟେନସା ଜିରୋ ପଏଣ୍ଟରେ ବିର୍ସାମୁଣ୍ଡାଙ୍କ ୧୫୦ତମ ଜନ୍ମଦିବସ ଓ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଥିଲା। ମାଇନ୍ସ ମ୍ୟାନେଜର ଭରଦ୍ୱାଜ ରାଉତ ସ୍ୱାଧୀନତା ସଂଗ୍ରାମରେ ସହିଦ ବିର୍ସା ମୁଣ୍ଡାଙ୍କର ବଳିଦାନ ଓ ଜନଜାତି ସମ୍ପ୍ରଦାୟର ବିକାଶ ପାଇଁ ତାଙ୍କ ଅବଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହା ସହିତ ଶ୍ରୀ ରାଉତ ଘରେ ଓ କାର୍ଯ୍ୟକ୍ଷେତ୍ରରେ ନିରାପତ୍ତା ଅଭ୍ୟାସର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ଜନଜାତି ସମୁଦାୟ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜନଜାତି ସଂସ୍କୃତି ଓ ପରମ୍ପରାର ଝଲକ ଦେଖିବାକୁ ମିଳିଥିଲା। ସହିଦ ବିର୍ସା ମୁଣ୍ଡାଙ୍କ ଜନ୍ମ ଦିବସ ପାଳନରେ, ଜନଜାତି ସମୁଦାୟ ପ୍ରତି ଜିନ୍ଦଲ ଫାଉଣ୍ଡେସନର ସମ୍ମାନ ପ୍ରଦର୍ଶିତ ହେଉଛି। ଜିନ୍ଦଲ ଷ୍ଟିଲ ତୃଣମୂଳସ୍ତରରେ ଜନଜାତି ସମୁଦାୟର ଜୀବନଜୀବିକାରେ ସକରାତ୍ମକ ପରିବର୍ତ୍ତନ ଆଣିବାରେ ଅଗ୍ରଣୀ ଭୂମିକା ନିର୍ବାହ କରିଆସୁଛି। ଜିନ୍ଦଲ ଷ୍ଟିଲର ନିରନ୍ତର ସାମାଜିକ ଉନ୍ନୟନ କାର୍ଯ୍ୟକ୍ରମ, ଏହାର ସମସ୍ତ କାର୍ଯ୍ୟକ୍ଷେତ୍ରର ପାରିପାର୍ଶ୍ୱିକ ଅଞ୍ଚଳରେ କାର୍ଯ୍ୟକାରୀ ହେଉଛି। ଚିରନ୍ତନ ବିକାଶ, ନୂତନତା ଓ ସାମଗ୍ରିକ ଅଭିବୃଦ୍ଧି ଉପରେ ନିରନ୍ତର ଗୁରୁତ୍ୱ ପ୍ରଦାନ ସହ ସମୁଦାୟକୁ ସଶକ୍ତ କରିବା, ସ୍ୱାସ୍ଥ୍ୟକର ଓ ଚିରନ୍ତନ ଭବିଷ୍ୟତ ନିର୍ମାଣ କରିବାରେ ଜିନ୍ଦଲ ଫାଉଣ୍ଡେସନ ଅବିରତ କାର୍ଯ୍ୟ କରୁଛି ।

ଭୁବନେଶ୍ୱର
୧୮ ନଭେମ୍ବର,
ମଙ୍ଗଳବାର, ୨୦୨୫
RNI Regd. No. : 52640/94
Postal Regd. No. :
BN/60/25-27

# ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ପଇତାଲାଗି ନୀତି ସମ୍ପନ୍ନ

**ପୁରୀ ୧୭/୧୧ ନ୍ୟୁଜ ବ୍ୟୁରୋ**



ତିଥି ବ୍ରହ୍ମ ଏକମାତ୍ର ସତ୍ୟ, ଆଉ ବ୍ରହ୍ମର ସ୍ୱରୂପ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ପଇତା ବା ଉପବେଦ ହେଉଛି ବ୍ରାହ୍ମଣଙ୍କ ପରିଚୟ। ଏହି ସୁତ୍ର ବା ସୁତାରେ ବ୍ରହ୍ମତ୍ୱ ଆରୋପିତ ହୋଇ ଅଭିମନ୍ତ୍ରୀତ କରାଯିବା ପରେ ବ୍ରାହ୍ମଣ ପୁରୁଷମାନେ ଧାରଣ କରିଥାନ୍ତି। ବାମ କାନ୍ଧରୁ ଡାହାଣ ପଟଅଣ୍ଟା ପର୍ଯ୍ୟନ୍ତ ଏହା ବ୍ୟାପ୍ତ ହୋଇ ରହିଥାଏ। କିନ୍ତୁ ଶ୍ରୀଜଗନ୍ନାଥ ମହାପ୍ରଭୁ ଅପୌରୁଷେୟ ବ୍ରହ୍ମ ସେ ବିଦେହ ପୁଣି ଦେହବନ୍ତ । ଅନେକ ନାହିଁ ନାହିଁ ଭିତରେ ସର୍ବବ୍ୟାପକ ଗୋଟିଏ ହଁ । ଶ୍ରୀ ବିଗ୍ରହମାନେ ଦାରୁ ବା କାଷ୍ଠରେ ନିର୍ମିତ ହୋଇଛନ୍ତି । ଯାହାଙ୍କର ଶ୍ରୀଅଙ୍ଗକୁ ସୁରକ୍ଷିତ ରଖିବାର ଉତ୍ତର ଦାୟୀତ୍ୱ ଦଇତାପତି ସେବକ ମାନଙ୍କର। ଏଣୁ ଏହି ଦଇତାମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ସୁଦୃଢ଼ ରଖିବା ସହ ଋତୁକାଳୀନ ପ୍ରଭାବରୁ ସୁରକ୍ଷିତ ରଖିବାକୁ ପଇତା ଲାଗି ନୀତି କରିଥାନ୍ତି। ଏହି ପଇତା ଲାଗି ସେବା ଦଇତାପତି ସେବକ ମାନଙ୍କର ଏକ ଗୋଷ୍ଠିଗତ ସେବା ଅଟେ। ଏହାକୁ ସେମାନେ ଅତି ନିଷ୍ଠାର ସହିତ ସମ୍ପାଦନ କରିଥାନ୍ତି । ଶ୍ରୀଜୀଉମାନଙ୍କ ଠାରେ ଦୈନନ୍ଦିନ ଲାଗି ହେଉଥିବା ଚନ୍ଦନର ସୁରକ୍ଷା ନିମନ୍ତେ ମହାପ୍ରଭୁଙ୍କୁ ପଇତା ଲାଗି କରାଯାଇଥାଏ । ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପାଟର ସେବକଙ୍କୁ ପଇତା ବୋଳିବାପାଇଁ ତିନି ରଙ୍ଗର ବାସୁଙ୍ଗାପାଟ ଯୋଗାଇଥାଏ । ପାଟର ସେବକ ଉକ୍ତ ବାସୁଙ୍ଗା ପାଟ ନେଇ ଶ୍ରୀଲକ୍ଷ୍ମୀ ମନ୍ଦିର ଜଗମୋହନରେ ବସି ପାଟ ପଇତା ବୋଳିଥାନ୍ତି । ପଇତା ବୋଳି ସାରି ପାଟର ସେବକ ଉକ୍ତ ଦିନ ଦେଉଳ କାରଣଙ୍କୁ ଯୋଗାଇଥାନ୍ତି । ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବାପରେ ମା'ଲକ୍ଷ୍ମୀ ଏବଂ ମା'ଭୂଦେବୀ ଖଟଶେଯ ଘରକୁ ବିଜେ କଲାପରେ ପଇତା ଲାଗି ନିମନ୍ତେ ଦଇତାପତି ସେବକମାନେ ଗର୍ଭ ଗୃହରେ ପ୍ରବେଶ କରିଥାନ୍ତି । ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟବିଜୟ ଦ୍ୱାର ବନ୍ଦ ରହିଥାଏ। ଦଇତାପତି ସେବକମାନେ ଦେଉଳକରଣଙ୍କ ଠାରୁ ଉକ୍ତ ତିନି ରଙ୍ଗର ପାଟ ପଇତା ଗ୍ରହଣ କରି ପତି ମହାପାତ୍ରଙ୍କ ଉପସ୍ଥିତିରେ ଶ୍ରୀଜୀଉମାନଙ୍କ ଠାରେ ପଇତା ଲାଗି କରିଥାନ୍ତି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ହଳଦିଆ ପାଟ ପଇତା, ବଡ଼ଠାକୁର ଶ୍ରୀବଳଭଦ୍ରଙ୍କୁ ସବୁଜ ଏବଂ ମା' ସୁଭଦ୍ରାଙ୍କୁ ନାଲି ରଙ୍ଗର ପାଟ ପଇତା ଲାଗି ହୁଏ । ବାସୁଙ୍ଗା ପାଟକୁ ବଳି କାଣି ଆଙ୍ଗୁଠି ମୋଟାର ସୂତା ପ୍ରସ୍ତୁତ କରାଯାଇଥାଏ । ଯାହାକୁ ଶ୍ରୀବିଗ୍ରହଙ୍କ ମୁଖ ତଳକୁ ଓ ପେଟ ଉପରକୁ ଆବୃତ କରି ରଖାଯାଏ । ଏହାକୁ ଛକି ପକାଇଲା ପରି ଶ୍ରୀଅଙ୍ଗ ଓ ଶ୍ରୀଭୁଜକୁ ବାନ୍ଧିବା ଢଙ୍ଗରେ ଭିଡ଼ାଯାଏ । ଯାହାକୁ ଶ୍ରୀମନ୍ଦିର ପାରମ୍ପରିକ ଭାଷାରେ ପଇତା ଲାଗି କୁହନ୍ତି। ଶ୍ରୀଅଙ୍ଗରେ ଚନ୍ଦନ ଧାରଣ କରିଥାଏ ଏହି ପଇତା ଲାଗି ଅଂଶ । ମହାପ୍ରଭୁଙ୍କ ଏହି ପଇତା ଲାଗି କାର୍ଯ୍ୟ ସମ୍ପନ୍ନ ପାଇଁ ଦଇତାପତି ସେବକମାନଙ୍କୁ ପ୍ରାୟ ତିନି ଘଣ୍ଟା ସମୟ ଲାଗିଥାଏ । ଏହା ପରେ ମେକାପଙ୍କ ଦ୍ୱାରା ସିଂହାସନ ଧୁଆ ପରେ ପଇତା ଲାଗି ନୀତି ବଢ଼ିଲା ପରେ ଠାକୁରମାନଙ୍କର ମହାସ୍ନାନ କରାଯାଇ ଭୂଦେବୀ ଓ ଶ୍ରୀଦେବୀ ଶ୍ରୀଅଙ୍ଗ ଲାଗି ହୋଇଥାନ୍ତି। ଏହା ପରେ ମହାପ୍ରଭୁଙ୍କର ମଇଲମ ବେଶ ହୋଇଥାଏ। ପ୍ରଭୁଙ୍କ ସନ୍ଧ୍ୟା ଆଳତି, ସନ୍ଧ୍ୟା ଧୂପ ହୋଇ ସନ୍ଧ୍ୟା ଧୂପ ପ୍ରସାଦ ବାହାରି ପାଣି ପଡିବାପରେ ମହାପ୍ରଭୁଙ୍କ ଚନ୍ଦନ ଲାଗି, ବଡ଼ସିଂହାର ବେଶ, ବଡ଼ସିଂହାର ଭୋଗ, ପରେ ରାତ୍ର ପହୁଡ଼ ଅନୁଷ୍ଠିତ ହୁଏ।

# ସମବାୟ ଅନୁଷ୍ଠାନ ହେବ ଆତ୍ମନିର୍ଭରଶୀଳ : ମନ୍ତ୍ରୀ

**ଭୁବନେଶ୍ୱର ୧୭/୧୧ ନ୍ୟୁଜ ବ୍ୟୁରୋ**



ଓଡ଼ିଶାର ସମବାୟ କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ଆସିବ। ସମବାୟ ଅନୁଷ୍ଠାନ ହେବ ଆତ୍ମନିର୍ଭରଶୀଳ । ପ୍ରଗତିର ପ୍ରମୁଖ ଇଂଜିନ୍ ସାଜିବ ଓ ତୃଣମୂଳ ସ୍ତରରେ ସମବାୟ ଅନୁଷ୍ଠାନ ଲୋକଙ୍କୁ ସମସ୍ତ ପ୍ରକାର ସେବା ଯୋଗାଇ ଦେବ ବୋଲି ସମବାୟ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ କହିଛନ୍ତି। ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟର ଠାରେ ଓଡ଼ିଶା ରାଜ୍ୟ ଚିଠା ସମବାୟ ନୀତି ୨୦୨୫ ଉପରେ ଆଲୋଚନା ଚକ୍ର ଓ ମତାମତ ଗ୍ରହଣ କାର୍ଯ୍ୟକ୍ରମରେ ଯୋଗଦାନ କରି ସେ ଏହା କହିଛନ୍ତି। ସମବାୟ କ୍ଷେତ୍ରକୁ ଅଧିକ ସୁଦୃଢ଼ ଓ ଆଧୁନିକୀକରଣ କରିବା ଲକ୍ଷ୍ୟରେ ଓଡ଼ିଶା ସରକାର "ଓଡ଼ିଶା ରାଜ୍ୟ ସମବାୟ ନୀତି ୨୦୨୫" ପ୍ରଣୟନ କରିବାକୁ ଯାଉଛନ୍ତି । ଜାତୀୟ ସମବାୟ ନୀତି ପ୍ରକାଶ ପାଇ ସାରିଥିବା ବେଳେ ସମବାୟ ସଂସ୍କାର ଆଧାରରେ "ଓଡ଼ିଶା ରାଜ୍ୟ ସମବାୟ ନୀତି ୨୦୨୫" ପ୍ରକାଶ ପାଇବ। ସମବାୟ ସଂସ୍ଥା ଗୁଡ଼ିକୁ ଦୀର୍ଘସ୍ଥାୟୀ, ଆତ୍ମନିର୍ଭର, ପ୍ରଯୁକ୍ତି ବିଦ୍ୟା ସମ୍ପନ୍ନ, ନାଗରିକ-କୈନ୍ଦ୍ରିକ ଓ ତୃଣମୂଳ ସ୍ତରରେ ସମସ୍ତ ଆବଶ୍ୟକତାକୁ ପୂରଣ କରିବା ପାଇଁ "ୱାନ୍ ଷ୍ଟପ୍ ସପ୍" ଅନୁଷ୍ଠାନରେ ପରିଣତ କରିବାକୁ ଏହି ନୀତି ଲକ୍ଷ୍ୟ ରଖିଛି ବୋଲି ସମବାୟ ବିଭାଗର କମିଶନର ତଥା ଶାସନ ସଚିବ କହିଛନ୍ତି । ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କୃଷି, ମତ୍ସ୍ୟ, ଦୁଗ୍ଧ, ଆବାସ, ବିପଣନ, ହସ୍ତଶିଳ୍ପ, ବୟନ, ରେଶମ ଚାଷ ଆଦି କ୍ଷେତ୍ରରେ ସମବାୟର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।

# ବ୍ରହ୍ମପୁରରୁ ଗଡ଼ିଲା ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଟ୍ରେନ୍

**ବ୍ରହ୍ମପୁର, ୧୭/୧୧, ନ୍ୟୁଜ ବ୍ୟୁରୋ**



ବ୍ରହ୍ମପୁରରୁ ଗଡ଼ିଲା ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଟ୍ରେନ୍। ସବୁଜ ପତାକା ଦେଖାଇ ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ବ୍ରହ୍ମପୁର ରେଳ ଷ୍ଟେସନରୁ ଉତ୍ତରପ୍ରଦେଶର ଓଁକାରେଶ୍ୱର ଓ ଉଜ୍ଜୟିନୀ ଅଭିମୁଖେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀଙ୍କୁ ନେଇ ସ୍ୱତନ୍ତ୍ର ଟ୍ରେନ୍ ଯାତ୍ରା ଆରମ୍ଭ କରିଛି। ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ ଓ ନୟାଗଡ଼ ଜିଲ୍ଲାର ମୋଟ ୭୭୫ଜଣ ଯାତ୍ରୀଙ୍କୁ ନେଇ ଟ୍ରେନ୍ ବାହାରିଛି। ଉପମୁଖ୍ୟମନ୍ତ୍ରୀ ସମସ୍ତ ଯାତ୍ରୀଙ୍କୁ ଶୁଭକାମନା ଜଣାଇଛନ୍ତି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଦକ୍ଷିଣ ଓଡ଼ିଶାର ବରିଷ୍ଠ ନାଗରିକଙ୍କୁ ନେଇ ତୀର୍ଥଯାତ୍ରୀ ଟ୍ରେନ୍ ଯାତ୍ରା ଆରମ୍ଭ କରିଛି। ପୂର୍ବରୁ ଆବେଦନ ପ୍ରକ୍ରିୟାରେ ୬୦ରୁ ୭୫ ବର୍ଷ ବୟସ୍କ ବରିଷ୍ଠ ନାଗରିକଙ୍କୁ ଚିହ୍ନଟ କରାଯାଇଥିଲା। ସ୍ୱତନ୍ତ୍ର ଟ୍ରେନ୍ ବ୍ରହ୍ମପୁର ରେଳ ଷ୍ଟେସନରୁ ଯାତ୍ରୀଙ୍କୁ ନେଇ ଉତ୍ତରପ୍ରଦେଶ ଅଭିମୁଖେ ବାହାରିଛି। ଟ୍ରେନ୍‌ରେ ଗଞ୍ଜାମ ଜିଲ୍ଲାରୁ ୪୩୮, ଗଜପତିରୁ ୭୨ ଜଣ, କନ୍ଧମାଳରୁ ୯୧ ଜଣ, ବୌଦ୍ଧରୁ ୫୫ ଜଣ, ନୟାଗଡ଼ରୁ ୧୧୯ ଜଣ ବରିଷ୍ଠ ନାଗରିକ ଯାତ୍ରା କରିଛନ୍ତି। ଏମାନଙ୍କ ସହଯୋଗ ପାଇଁ ୨୫ଜଣ ଏସ୍କର୍ଟ ସାଥିରେ ଯାଇଛନ୍ତି। ରବିବାର ସକାଳୁ ବ୍ରହ୍ମପୁର ରେଳ ଷ୍ଟେସନ ୪ ନମ୍ବର ପ୍ଲାଟଫର୍ମ ନିକଟରେ ବାହାର ଜିଲ୍ଲାର ଯାତ୍ରୀଙ୍କ ସମାଗମ ଆରମ୍ଭ ହୋଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ସେମାନଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ମଧ୍ୟାହ୍ନ, ରାତ୍ରିଭୋଜନ ସମେତ ଜଳପାନର ବ୍ୟବସ୍ଥା ମଧ ଜିଲ୍ଲା ପ୍ରଶାସନ କରିଥିଲା। ଯାତ୍ରୀମାନେ ବାହାର ରାଜ୍ୟକୁ ତୀର୍ଥଯାତ୍ରୀ ଭାବେ ବୁଲି ଯିବାକୁ ବେଶ୍ ଉତ୍ସାହିତ ଥିବା ସହ ଖୁସି ବ୍ୟକ୍ତ କରିଛନ୍ତି। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀଙ୍କ ସହ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଖଣି, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, କବିସୂର୍ଯ୍ୟ ନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷା ବବିତା ପାତ୍ର, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ଼ା ସରବନା ବିବେକ ଏମ, କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ଡ. ରୁଦ୍ର ନାରାୟଣ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ପ୍ରାର୍ଥ ସାରଥୀ ହାଁସଦାଙ୍କ ସମେତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଆସନ୍ତା ଡିସେମ୍ବରରୁ ଜିଲ୍ଲା-ୱାରୀ କିସ୍ ଅଭିଭାବକ ସମ୍ମିଳନୀ

**ଭୁବନେଶ୍ୱର, ୧୭।୧୧ ନ୍ୟୁଜ ବ୍ୟୁରୋ**




ପ୍ରତିବର୍ଷ କିସ୍‌ରେ ଛାତ୍ରଛାତ୍ରୀ ଅଭିଭାବକଙ୍କ ସମ୍ମିଳନୀ ଅନୁଷ୍ଠିତ ହୁଏ। ଏଥିରେ ଓଡ଼ିଶା ଓ ବାହାର ରାଜ୍ୟରୁ କିସ୍‌ରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଲକ୍ଷାଧିକ ଅଭିଭାବକ କିସ୍‌ରେ ପହଞ୍ଚି ସମ୍ମିଳନୀରେ ଯୋଗ ଦେଇଥାନ୍ତି। ଚଳିତ ବର୍ଷ ଏହି ସମ୍ମିଳନୀ ଆୟୋଜନ ନେଇ ସୋମବାର କିସ୍ ପରିସରରେ କିସ୍ ଅଭିଭାବକ ସଂଘର ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଜନଜାତି ଅଭିଭାବକ ପ୍ରତିନିଧି ଓ କିସ୍ ଅଭିଭାବକ ସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ କିସ୍‌ରେ ହେଉଥିବା ମେଗା ଅଭିଭାବକ ସମ୍ମିଳନୀ କିସ୍‌ରେ ନ କରି ପ୍ରତି ଜିଲ୍ଲାରେ କରିବା ପାଇଁ ସେମାନେ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଅନୁରୋଧ କରିଥିଲେ। ସେମାନଙ୍କ ପ୍ରସ୍ତାବକୁ ଡ.ସାମନ୍ତ ସମ୍ମତି ପ୍ରକାଶ କରିବା ସହ ଜିଲ୍ଲାୱାରୀ ଅଭିଭାବକ ସମ୍ମିଳନୀ କରାଯିବ ବୋଲି ପ୍ରକାଶ କରିଥିଲେ। ଆସନ୍ତା ଡିସେମ୍ବର ମାସରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଡ. ସାମନ୍ତ ପ୍ରତିଶ୍ରୁତି ଦେଇଥିଲେ। ଡ. ସାମନ୍ତ ପ୍ରତିଶ୍ରୁତି ପରେ ପ୍ରତିଜିଲ୍ଲାରେ ଅଭିଭାବକ ସମ୍ମିଳନୀ ହେଉଥିବା ଜାଣି ଅଭିଭାବକ ସଂଘର ସଦସ୍ୟମାନେ ଖୁସି ବ୍ୟକ୍ତ କରିଥିଲେ। ଏହି ଅବସରରେ ଅଭିଭାବକ ସଂଘର ସଦସ୍ୟମାନେ ନିଜ ଭାଷଣରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଜନଜାତି ବିକାଶ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ମାତ୍ର ୨୫ବର୍ଷ ବୟସରୁ ଡ. ଅଚ୍ୟୁତ ସାମନ୍ତ ଦୀର୍ଘ ୩୩ ବର୍ଷ ଧରି ନିରନ୍ତର ଜନଜାତିଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି। ଡ. ସାମନ୍ତଙ୍କ ଦୂରଦୃଷ୍ଟି ସଂପନ୍ନ ଚିନ୍ତାଧାରା, ପଦକ୍ଷେପ ଓ ତ୍ୟାଗ ପାଇଁ ଜନଜାତିଙ୍କ ଶିକ୍ଷା, କ୍ରୀଡ଼ା ଓ ଅନ୍ୟାନ୍ୟ ବିକାଶ ହେବା ସହ କିସ୍ ଏକ ଆନ୍ଦୋଳନରେ ପରିଣତ ହୋଇପାରିଛି। ୧୯୯୨-୯୩ ମସିହାରେ ଯେତେବେଳେ ଜନଜାତିଙ୍କ ବିକାଶ ପାଇଁ କେହି ଚିନ୍ତା କରି ନଥିଲେ, ସେତେବେଳେ ଡ. ଅଚ୍ୟୁତ ସାମନ୍ତ ହିଁ ଆଗକୁ ଆସିଥିଲେ ଏବଂ ଜନଜାତିଙ୍କ ବିକାଶ ପାଇଁ ଚିନ୍ତା କରିଥିଲେ। ସେ କେବଳ କିସ୍‌ର ପ୍ରତିଷ୍ଠାତା ନୁହନ୍ତି, ସେ ଜନଜାତିଙ୍କ ଭଗବାନ କହିଲେ ଅତ୍ୟୁକ୍ତି ହେବ ନାହିଁ ଏବଂ ସେ ହେଉଛନ୍ତି ଜନଜାତିର ଜନନାୟକ ବୋଲି ଅଭିଭାବକ ସଂଘର ସଦସ୍ୟମାନେ ପ୍ରକାଶ କରିଥିଲେ। ଗତ ୩୩ ବର୍ଷ ମଧ୍ୟରେ କିସ୍‌ର କୌଣସି ଅସୁବିଧା ବିଷୟରେ ସେ କେବେ କୌଣସି ଜନଜାତି ଅଭିଭାବକଙ୍କୁ କହିନାହାନ୍ତି। ଏଥିପାଇଁ ସମସ୍ତ ଜନଜାତି ଅଭିଭାବକ ଡ. ସାମନ୍ତଙ୍କ ସହ ଅଛନ୍ତି ବୋଲି ସେମାନେ ମତ ପ୍ରକାଶ କରିଥିଲେ। ପୂର୍ବରୁ କଳାହାଣ୍ଡି, ବଲାଙ୍ଗୀର, ବାଲେଶ୍ୱର, ମୟୂରଭଞ୍ଜରେ କିସ୍‌ର ଶାଖା ଚାଲୁଥିବା ବେଳେ ଖୁବ୍ ଶୀଘ୍ର କେନ୍ଦୁଝର ଜିଲ୍ଲାରେ ମଧ କିସ୍‌ର ଶାଖା ଖୋଲିବାକୁ ଯାଉଥିବା ଜାଣି ସେମାନେ ଆନନ୍ଦ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟସଭା ସାଂସଦ ତଥା ଜନଜାତି ନେତା ନିରଞ୍ଜନ ବିଶି, କିସ୍ ଅଭିଭାବକ ସଂଘର ସଂପାଦକ ଲମ୍ବୋଦର ସିଂହ, ସଭାପତି ରାମ ଶବର, ସଦସ୍ୟ ପରମାନନ୍ଦ ମାଝୀ, କିସ୍‌ର ମୁଖ୍ୟକାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଶାନ୍ତ କୁମାର ରାଉତରାୟ ଓ ଉପମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୋଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଜୀବନୀ, ସେବା ଓ ମୂଲ୍ୟବୋଧ ପ୍ରେରଣାର ଉତ୍ସ ହୋଇ ରହିବ: ରାଜ୍ୟପାଳ




**ଭୁବନେଶ୍ୱର, ୧୭/୧୧ ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଜନନେତା ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଜୀବନୀ, ସେବା ଓ ମୂଲ୍ୟବୋଧ ଅନ୍ୟମାନଙ୍କ ପାଇଁ ସବୁବେଳେ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ସୋମବାର ଦିନ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଆୟୋଜିତ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ୯୨ତମ ଜନ୍ମ ବାର୍ଷିକୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିବା ସହିତ ସ୍ୱର୍ଗତ ବକ୍ସିପାତ୍ରଙ୍କ ଜୀବନୀ, ମୂଲ୍ୟବୋଧ, ସାହସ, ନମ୍ରତା ଏବଂ ଜନସେବାରେ ଅଟଳ ସମର୍ପଣରୁ ପ୍ରେରଣା ନେବାକୁ ଜନସାଧାରଣଙ୍କୁ ଆହ୍ୱାନ ଜଣାଇଥିଲେ।
ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ସାହସର ସହିତ ସତ୍ୟ କହିବା, ଆଶା ନକରି ସେବା କରିବା ଏବଂ ସବୁଠାରୁ ଅଧିକ ଆବଶ୍ୟକ କରୁଥିବା ଲୋକଙ୍କ ପାଇଁ କାମ କରିବା ହେବ ସ୍ୱର୍ଗତ ବକ୍ସିପାତ୍ରଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ବକ୍ସିପାତ୍ରଙ୍କୁ ଓଡ଼ିଶାର ଜଣେ ସାହାସୀ, ଉତ୍ସାହୀ, ନୀତିବାଦୀ ଏବଂ ଲୋକକେନ୍ଦ୍ରିକ ନେତା ଭାବରେ ବର୍ଣ୍ଣନା କରି ତାଙ୍କର ଜୀବନ ଗଣତନ୍ତ୍ରକୁ ସୁଦୃଢ଼ କରିବା, ଅଧିକାର ରକ୍ଷା କରିବା ଏବଂ ଦୁର୍ବଳ ଲୋକଙ୍କର ଉତଥାନ କରାଇବା ପାଇଁ ଉତ୍ସର୍ଗୀକୃତ ଥିଲା ବୋଲି ରାଜ୍ୟପାଳ କହିଥିଲେ।
ବକ୍ସିପାତ୍ରଙ୍କ ରାଜନୈତିକ ଯାତ୍ରା ଉପରେ ଆଲୋକପାତ କରି ରାଜ୍ୟପାଳ ଉଲ୍ଲେଖ କରିଥିଲେ ଯେ ତାଙ୍କ ନେତୃତ୍ୱ ପଦ ପଦବୀ ଦ୍ୱାରା ନୁହେଁ ବରଂ ମୂଲ୍ୟବୋଧ ଏବଂ କାର୍ଯ୍ୟ ଦ୍ୱାରା ପରିଭାଷିତ ହୋଇଥିଲା। ସରକାରରେ, ବିରୋଧୀ ଦଳରେ କିମ୍ବା ଲୋକଙ୍କ ମଧ୍ୟରେ ବକ୍ସିପାତ୍ର ନିରନ୍ତର ଭାବରେ ରହୁଥିଲେ। ଚାଷୀ, ଶ୍ରମିକ ଏବଂ ଅବହେଳିତ ସମ୍ପ୍ରଦାୟ ଯାହାଙ୍କ ସ୍ୱର ପ୍ରାୟତଃ ଶୁଣାଯାଏ ନାହିଁ ତାଙ୍କ ପାଖରେ ଛିଡା ହେଉଥିଲେ ବୋଲି ରାଜ୍ୟପାଳ କହିଥିଲେ।
ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଏବଂ ସ୍ମୃତି କମିଟିର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ସୁପ୍ରିମକୋର୍ଟର ଖ୍ୟାତନାମା ଆଇନଜ୍ଞ ଦୁଷ୍ୟନ୍ତ ଡାଭେ ଏବଂ ପ୍ରସିଦ୍ଧ ଲେଖକ ଦାଶ ବେନହୁର ମଧ ସମାବେଶକୁ ସମ୍ବୋଧିତ କରିଥିଲେ। ସ୍ମୃତି କମିଟିର ସାଧାରଣ ସମ୍ପାଦକ ଲୋପାମୁଦ୍ରା ବକ୍ସିପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।
ଏହି ଅବସରରେ, ଲୋକନୀତିର ଏକ ସ୍ୱତନ୍ତ୍ର ସଂସ୍କରଣ ଏବଂ ସ୍ୱର୍ଗତଃ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଉପରେ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ହରିଶ୍ଚନ୍ଦ୍ର ବକ୍ସିପାତ୍ର ସ୍ମାରକୀ ପୁରସ୍କାର ମଧ ପ୍ରଦାନ କରାଯାଇଥିଲା।

# ପରଲୋକରେ ତାରକା କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗର

**କଟକ, ୧୭/୧୧ ନ୍ୟୁଜ ବ୍ୟୁରୋ**



ଓଡ଼ିଆ ସଙ୍ଗୀତ ଜଗତର ଉଦୀୟମାନ ଗାୟକ ତଥା ତାରକା କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ଭୁବନେଶ୍ୱରସ୍ଥିତ ଏମ୍‌ସରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ୩୬ ବର୍ଷୀୟ ହ୍ୟୁମାନ୍ ବୃକକ୍, ଶ୍ୱାସକ୍ରିୟା ଓ ଯକୃତ ଜନିତ ସମସ୍ୟା ସାଙ୍ଗକୁ ନିମୋନିଆରେ ପୀଡ଼ିତ ଥିଲେ। ତାଙ୍କ ପରଲୋକ ଖବର ପ୍ରସାରିତ ହେବା ପରେ ରାଜନେତାଙ୍କଠାରୁ ଆରମ୍ଭ କରି ଅଭିନେତା, ବନ୍ଧୁ, ଶୁଭେଚ୍ଛୁ ଏବଂ ସଂଗୀତଜଗତ ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କ ଏମ୍‌ସ ମେଡିକାଲକୁ ସୁଅ ଛୁଟିଥିଲା। ବଲାଙ୍ଗୀରର ଭିଟାମାଟି ଟିଟିଲାଗଡ଼ରେ ଜନ୍ମିତ ହ୍ୟୁମାନ୍ ଖୁବ୍ କମ୍ ବର୍ଷ ବୟସରେ ଢେର ଲୋକପ୍ରିୟତା ସାଉଁଟିଥିଲେ। ସେ କିଛିବର୍ଷ ହେଲା କଟକ ମର୍କତନଗର ୯ନମ୍ବର ସେକ୍ଟରରେ ଭଡ଼ାଘର ନେଇ ରହୁଥିଲେ। ତାଙ୍କ ଶାରୀରିକ ସମସ୍ୟା ପାଇଁ ଏକ ଘରୋଇ ଡାକ୍ତରଖାନାରେ କିଛିଦିନ ରହିବା ପରେ ଅବସ୍ଥା ଅତି ଗୁରୁତର ହେବାରୁ ଏମ୍‌ସକୁ ସ୍ଥାନାନ୍ତର ହୋଇଥିଲେ ଏବଂ ଏକାଧିକ ଜଟିଳ ସ୍ଥିତିକୁ ନେଇ ଡାକ୍ତରଙ୍କ ଅକ୍ଳାନ୍ତ ଉଦ୍ୟମ ସତ୍ତ୍ୱେ ତାଙ୍କ ଆରୋଗ୍ୟ ସମ୍ଭବ ହୋଇପାରି ନ ଥିଲା। ପ୍ରାୟ ଦଶନ୍ଧି ଧରି ଶେଷ ପର୍ଯ୍ୟନ୍ତ ସେ ଥିଲେ ଓଡ଼ିଆ ସଙ୍ଗୀତଜଗତର ଶୀର୍ଷସ୍ଥାନର ତାରକା କଣ୍ଠଶିଳ୍ପୀ। ୨୦୧୫ରୁ ୨୦୨୫ ମଧ୍ୟରେ ମାତ୍ର ୧୦ବର୍ଷ ଭିତରେ ସେ ଯେଉଁଭଳି ଜନପ୍ରିୟତା ହାସଲ କରିଥିଲେ, ତାହା କ୍ୱଚିତ ଦେଖାଯାଇଥାଏ। ତରଙ୍ଗ ଟିଭି ଦ୍ୱାରା ୨୦୧୨ରେ ଆୟୋଜିତ 'ଭଏସ୍ ଅଫ୍ ଓଡ଼ିଶା ସିଜନ୍-୨'ର ବିଜେତା ହୋଇ ସେ ଲୋକଲୋଚନକୁ ଆସିବା ପରେ ୨୦୧୪ରେ ସିନେମା ଜଗତରେ ତାଙ୍କର ପ୍ରବେଶ ଘଟିଥିଲା ଏବଂ ଅନୁଭବ ମହାନ୍ତି ଅଭିନିତ ଓଡ଼ିଆ ସିନେମା 'ସମ ଥିଙ୍ଗ ସମ ଥିଙ୍ଗ-୨' ପାଇଁ ଗୀତ ଗାଇ ସେ ଓଡ଼ିଆ ସଙ୍ଗୀତ ଦୁନିଆରେ ତାଙ୍କ ସାମ୍ରାଜ୍ୟ ବିସ୍ତାର କରିଚାଲିଲେ। ସଂଯୋଗବଶତଃ ତାଙ୍କ ଶେଷ ସିନେମା ୨୦୨୫ର ଅନୁଭବ ମହାନ୍ତି ଅଭିନିତ 'ଚାରିଧାମ' ଥିଲା। ଅନ୍ୟଏକ ସଂଯୋଗ ହେଲା, ନଭେମ୍ବର ୨୫ତାରିଖ ୧୯୯୦ ମସିହାରେ ହିଁ ହ୍ୟୁମାନ୍ ଜନ୍ମ ହୋଇଥିଲେ ଏବଂ ଆସନ୍ତା ୨୫ତାରିଖ ଦିନ ତାଙ୍କର ଜନ୍ମଦିନ ପାଳନ ହୋଇଥାଆନ୍ତା। ସମସ୍ତ ପ୍ରକାର ଗୀତ ଗାଇବାର ଦକ୍ଷତା ସେ ରଖିଥିଲେ, ଯାହା "ଭିଜେଇ ଦେଇ ଯାଆ ଥରେ ପ୍ରିୟା ତୋ ପ୍ରେମ ବର୍ଷାରେ" ହେଉ ଅଥବା "ଗଜଲ୍ ଗଜଲ୍"। ୨୦୧୫ରେ ସିନେମା ଜଗତରେ କ୍ୟାରିୟର ଆରମ୍ଭ କରି ସେ ଦୁଇଟି ହିଟ୍ ସିନେମା 'ଇସ୍କ ତୁ ହି ତୁ' ଓ 'ଅଗସ୍ତ୍ୟ' ପାଇଁ ଗୀତ ଗାଇଥିଲେ ଏବଂ ୨୦୨୫ରେ 'ଚାରିଧାମ'ରେ 'କେରକେରା' ଗୀତ ଗାଇଛନ୍ତି। ଓଡ଼ିଆ ସିନେମା ସହ ବହୁ ମ୍ୟୁଜିକ୍ ଆଲବମ୍‌ରେ ତାଙ୍କ ଗୀତ ଚର୍ଚ୍ଚିତ। ହିନ୍ଦୀ ଆଲବମ୍ 'ମେରା ୟେ ଜାହାଁ'ରେ ମଧ ସେ ଗାଇଛନ୍ତି। ନିଃଶ୍ୱାସ, ବେଖୁଦି, ଚେହେରା, ତୁମ ଓଠତଳେ ଆଦି ବହୁ ଓଡ଼ିଆ ଆଲବମ୍ ତାଙ୍କର ରହିଛି। ସେ ମେଗାଷ୍ଟାର ଅନୁଭବଙ୍କ ଅନେକ ସିନେମାରେ ଗୀତ ଗାଇଛନ୍ତି। ସିନେମା 'ଗୋଟେ ଶୁଆ ଗୋଟେ ଶାରୀ', 'କାବୁଲା ବାରବୁଲା', 'ଅଗସ୍ତ୍ୟ' ଭଳି ଏକାଧିକ ରହିଛି। ସଙ୍ଗୀତରେ ରୁଚି ରଖିଥିବା ପରିବାରରେ ସେ ଜନ୍ମ ହୋଇଥିଲେ, ତାଙ୍କ ବାପା ଓ ମାଆ ଥିଲେ କଣ୍ଠଶିଳ୍ପୀ ଏବଂ ଜେଜେବାପା ଥିଲେ ମ୍ୟୁଜିକ୍ କମ୍ପୋଜର। ରାଜ୍ୟ ଚଳଚ୍ଚିତ୍ର ଓ ଚଳଚ୍ଚିତ୍ର ଜଗତ ପକ୍ଷରୁ ତାଙ୍କୁ ଏକାଧିକବାର ପ୍ରଚ୍ଛଦ ପଟ୍ଟ କଣ୍ଠଶିଳ୍ପୀର ପୁରସ୍କାର ପ୍ରାପ୍ତ ହୋଇଥିଲା ବେଳେ ବହୁ ଅନୁଷ୍ଠାନରୁ ବିଭିନ୍ନ ସମୟରେ ସେ ସମ୍ମାନିତ ମଧ ହୋଇଛନ୍ତି। ତାଙ୍କ ବିୟୋଗରେ ଓଡ଼ିଆ ସଙ୍ଗୀତ ଜଗତ ଏକ ଉଦୀୟମାନ ଶିଳ୍ପୀଙ୍କୁ ହରାଇଛି। ହ୍ୟୁମାନଙ୍କ ବିୟୋଗରେ ଓଲିଉଡ୍ ଜଗତରେ ଶୋକର ଛାୟା ଖେଳି ଯାଇଛି । ଓଡ଼ିଶାର ସଙ୍ଗୀତ ଦୁନିଆରେ ଏକ ଅପୂରଣୀୟ କ୍ଷତି ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବିୟୋଗରେ ଶୋକ ବ୍ୟକ୍ତ କରିଛନ୍ତି ।

MINISTRY OF SOCIAL JUSTICE & EMPOWERMENT GOVERNMENT OF INDIA

"ଆମ ସମାଜରୁ ନିଶା ନିବାରଣର ଦୁଷ୍ଟତାକୁ ଦୂର କରିବା ପାଇଁ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ସମସ୍ତଙ୍କୁ ମୁଁ ପ୍ରଶଂସା କରୁଛି। ଜୀବନ ରକ୍ଷା ପାଇଁ ଏପରି ପ୍ରତ୍ୟେକ ପ୍ରୟାସ ଗୁରୁତ୍ୱପୂର୍ଣ୍ଣ। ସର୍ବୋପରି, ନିଶା ନିବାରଣ ଅନ୍ଧକାର, ବିନାଶ ଏବଂ ବର୍ବାଦି ଆଣିଥାଏ।"

- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ



ନିଶାମୁକ୍ତ ଭାରତ, ସୁଖମୟ ଭାରତ
ନିଶାମୁକ୍ତ ଭାରତ ଅଭିଯାନ

ଏହି ଅଭିଯାନକୁ ଏକ ଗଣ ଆନ୍ଦୋଳନରେ ପରିଣତ କରିବା ପାଇଁ ବହୁ ସଂଖ୍ୟାରେ ଯୋଗଦାନ କରନ୍ତୁ ଏବଂ ଜୀବନ ରକ୍ଷା ପାଇଁ ନିଶା ନିବାରଣର ମହାନ ବାର୍ତ୍ତା ପ୍ରଚାର କରନ୍ତୁ।

ନିଶା ମୁକ୍ତ ଭାରତ ଅଭିଯାନର ଆଜି ହିଁ ଏକ ଅଂଶ ହୁଅନ୍ତୁ ଏବଂ QR କୋଡ୍ ସ୍କାନ କରି ପ୍ରତିଜ୍ଞା ନିଅନ୍ତୁ !




ବିଶିଷ୍ଟ ଉପସ୍ଥିତି
ଡକ୍ଟର ବୀରେନ୍ଦ୍ର କୁମାର
ମାନନୀୟ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରୀ,
ଭାରତ ସରକାର
୧୮ ନଭେମ୍ବର ୨୦୨୫ | ପୂର୍ବାହ୍ନ ୧୧:୩୦
ସ୍ଥାନ: ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ, ଅମୃତସର, ପଞ୍ଜାବ

CBC 38101/13/0035/2526

ଆମକୁ କଲ୍ କରନ୍ତୁ 14446 ଏବଂ ତାଲିମପ୍ରାପ୍ତ ପରାମର୍ଶଦାତାଙ୍କ ଠାରୁ ସାହାଯ୍ୟ ପାଆନ୍ତୁ (୨୪X୭)
ଅଧିକ ଜାଣିବା ପାଇଁ ଲଗ୍ ଅନ୍ କରନ୍ତୁ
https://socialjustice.gov.in/
ଓ
https://nmba.dosje.gov.in/
ସୋସିଆଲ ମିଡିଆରେ ଅନୁସରଣ କରନ୍ତୁ
ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ବିଭାଗ